


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୯୩ ଭୁବନେଶ୍ୱର ସୋମବାର, ମାର୍ଚ୍ଚ ୩୧.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.193 Bhubaneswar, Monday, March 31, 2025


## ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦/୩: ସତୁରି ଦଶକରୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ପାଇବା ଗରିବ ଓ ସାଧାରଣ ଲୋକଙ୍କ ପାଇଁ ବଡ ସମସ୍ୟା ହୋଇ ରହିଛି। ଆଜି ମଧ୍ୟ ଅନେକଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡିଏ ବି ନାହିଁ। ଏ ସମସ୍ୟାର ସମାଧାନ ହେବ ଏବଂ ସମସ୍ତଙ୍କୁ ପକ୍କା ଘର ମିଳିବ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ସବୁଠାରୁ ଗରିବ ଓ ଅସହାୟ ଲୋକଙ୍କ ପାଇଁ ଘର ଦିଆଯିବ। ଆଜି କଳାହାଣ୍ଡିର ଭବାନୀପାଟଣାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ହିନ୍ଦୁ ନବ ବର୍ଷର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଏହି ଯୋଜନା ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ପାଇଁ ସମ୍ମାନର ସହ ବଞ୍ଚିବାକୁ ଆଶା ଓ ଭରସା ଯୋଗାଇଦେବ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୮ ମସିହାରେ ସମସ୍ତଙ୍କୁ ପକ୍କା ଘର ଯୋଗାଇଦେଇ ଏହି ସମସ୍ୟାର ସମାଧାନ ପାଇଁ ଘୋଷଣା କରିଥିଲେ। ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ସହରୀ ଓ ଗ୍ରାମୀଣ ଆଦି ଯୋଜନା କାର୍ଯ୍ୟକାରୀ ହେଉଛି। ଏହାକୁ ଆହୁରି ଜୋରଦାର କରାଯାଇ ଓଡିଶାରେ ଆମେ ଆରମ୍ଭ କରିଛୁ ଅନ୍ତ୍ୟୋଦୟ ଗୃହ ଯୋଜନା। ଏହା ଦ୍ୱାରା ସମସ୍ତଙ୍କ ପାଇଁ ଘର ସୁନିଶ୍ଚିତ କରାଯାଇ ପାରିବ। ଆଜି ପ୍ରଥମ ଦିନରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୬୦ ହଜାର ଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ଆଗାମୀ ୩ ବର୍ଷରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଘର ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷ ଏହି ଯୋଜନା ପାଇଁ ୨,୬୦୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଥିବା ବେଳେ ଆଗାମୀ ୩ ବର୍ଷରେ ଏଥିପାଇଁ ୭,୫୫୦ କୋଟି ଟଙ୍କା ବିନିଯୋଗ କରାଯିବ। ବିଜୁ ପକ୍କା ଘର ଯୋଜନାରେ ୧୦ ବର୍ଷରେ ବହୁତ କମ ଘର ନିର୍ମାଣ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବା ସହିତ ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକୀୟ ସୁବିଧା ଦିଆଯିବ। ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟ ଜଳ, ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ ସଂଯୋଗ ଆଦି ଯୋଗାଇ ଦିଆଯିବ। ଜୀବନଯାପନ ପାଇଁ ସବୁ ଆବଶ୍ୟକୀୟ ସୁବିଧା ଦିଆଯିବ। କେବଳ ସେତିକି ନୁହେଁ, ଏହି ଯୋଜନାରେ ହିତାଧିକାରୀମାନଙ୍କୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୯୦ରୁ ୯୫ ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମିକ ଭାବରେ ପାରିଶ୍ରମିକ ସହ କାମ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନାରେ ସମାଜରେ ସବୁଠାରୁ ଅଧିକ ଗରିବ ଓ ଅସହାୟ ଲୋକମାନେ ଉପକୃତ ହେବେ। ଭିନ୍ନକ୍ଷମ, ବିଧବା, କର୍କଟ ଭଳି ଅନ୍ୟାନ୍ୟ ଗୁରୁତର ରୋଗରେ ପୀଡ଼ିତ ପରିବାର, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ ତଥା ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରେ ଭୀଷଣ ଭାବେ ପ୍ରଭାବିତ ହୋଇଥିବା ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରାଯିବ। ଏହା ସହିତ କର୍କଟ, କୁଷ୍ଠ, କିଡ଼ନୀ ରୋଗ, ଲିଭର ସିରୋସିସ, ଥାଲାସେମିଆ ଅଥବା ଏଚ୍ ?ଆଇଭି ପରି ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ପରିବାର ଏବଂ ଅନାଥ, ନିରାଶ୍ରୟଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ତୁରନ୍ତ ଗୃହ ଯୋଗାଇ ଦିଆଯିବା ସହ ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ମୁକ୍ତ ଗୋଟି ଶ୍ରମିକ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରର କ୍ରୀଡାବିତ୍ ମାନେ ମଧ୍ୟ ଏହି ଯୋଜନାରେ ଉପକୃତ ହୋଇପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅଧିକ ଲୋକଙ୍କୁ ଘର ଦେବା ପାଇଁ ଏହି ଯୋଜନାରେ 'ପରିବାର' ଓ 'ପକ୍କା ଘର'ର ସଂଜ୍ଞାକୁ ମଧ୍ୟ ସରଳ କରାଯାଇଛି। ଆଜବେସଟସ୍, ଟିଣ ଓ ଟାଇଲ ଛାତଘରକୁ କଚ୍ଚାଘର ରୂପେ ବିବେଚନା କରାଯାଇଛି। କେବଳ ସିମେଣ୍ଟ ଯୋଡେଇ କାନ୍ଥ ସହିତ ଆର.ସି.ସି. ଛାତକୁ ପକ୍କାଘରର ମାନ୍ୟତା ପ୍ରଦାନ କରାଯାଉଛି। ପରିବାରର ସଂଜ୍ଞାକୁ ମଧ୍ୟ ସରଳ କରାଯାଇ ଯୋଜନାରେ ପରିବାରର ଅର୍ଥ ସ୍ୱାମୀ, ସ୍ତ୍ରୀ, ନିର୍ଭରଶୀଳ ପିତାମାତା ଓ ସନ୍ତାନଙ୍କୁ ବୁଝାଉଛି ବୋଲି ସେ କହିଥିଲେ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଭିନ୍ନ କେନ୍ଦ୍ରୀୟ ଯୋଜନା ଓ ରାଜ୍ୟ ଯୋଜନାରେ ସମସ୍ତଙ୍କୁ ଘର ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ଅନ୍ତ୍ୟୋଦୟ ଗୃହ ଯୋଜନା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ପି.ଏମ୍. ଜନମନ ଓ ଅନ୍ୟାନ୍ୟ ସରକାରୀ ଗ୍ରାମୀଣ ଗୃହ ଯୋଜନାରେ ଯେଉଁ ହିତାଧିକାରୀମାନେ ପ୍ରଥମ କିସ୍ତି ପାଇବାର ୪ ମାସ ମଧ୍ୟରେ ଘର ନିର୍ମାଣ ସମ୍ପୂର୍ଣ୍ଣ କରୁଛନ୍ତି ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ୬ ମାସରେ ଘର ସମ୍ପୂର୍ଣ୍ଣ କଲେ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଉଛି। କଳାହାଣ୍ଡିର ସମୃଦ୍ଧ ଇତିହାସ, ସଂସ୍କୃତି ଓ ଉନ୍ନତ କୃଷି ପ୍ରଣାଳୀ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉତ୍କୃଷ୍ଟ କଳା ଓ ସ୍ୱଚ୍ଛ ହୃଦୟର ଅଞ୍ଚଳ ହେଉଛି କଳାହାଣ୍ଡି। କଳାହାଣ୍ଡି ଅଞ୍ଚଳବାସୀଙ୍କ ଦାବୀ ଅନୁଯାୟୀ ଇନ୍ଦ୍ରାବତୀ ବହୁମୁଖୀ ଜଳ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲର କଂକ୍ରିଟ୍ ଲାଇନିଂ କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ। ଭବିଷ୍ୟତରେ ଆଉ ଯେପରି କେହି ଦାନ ମାଝୀ ପରି ଅବହେଳାର ଶିକାର ନ ହୁଅନ୍ତି, ସେଥିପାଇଁ ଆମ ସରକାର ୧୦୯ ଆମ୍ବୁଲାନ୍ସ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଆମ ସରକାର ହେଉଛି ଲୋକଙ୍କ ସରକାର। ଆଗାମୀ ଦିନରେ ସରକାର ଯିବେ ଲୋକଙ୍କ ପାଖକୁ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ଭବାନୀପାଟଣାରେ ହେବ ଓ ସମ୍ବଲପୁରରେ ମଧ୍ୟ ହେବ ବୋଲି ସେ କହିଥିଲେ।




## ଝିଅାରୀକୁ ବ୍ଲାକମେଲ କରି ୮ ମାସର ଗର୍ଭବତୀ କରାଇଦେଲେ ପିଉସା


ମୟୁରଭଞ୍ଜ,୩୦/୩: ଝିଅାରିର ଗାଧୋଇବା ଭିଡିଓ ଉତ୍ତୋଳନ କରି ପ୍ରଥମେ ବ୍ଲାକମେଲ କଲେ ପରେ ତା' ସହ ଶାରିରୀକ ସମ୍ପର୍କ ରଖିଲେ । ଶେଷରେ ଝିଅାରୀକୁ ୮ ମାସର ଗର୍ଭବତୀ କରାଇଦେଲେ ପିଉସା । ଶଶୁର ଘରେ ରହୁଥିଲେ ପିଉସା । ଝିଅାରୀ ଉପରେ ପକାଇଥିଲେ ଖରାପ ନଜର। ଭୁଲିଗଲେ ରକ୍ତ ସମ୍ପର୍କ କରି ବସିଲେ ଏପରି କାଣ୍ଡ । ନାବାଳିକା ଜଣକ ୧୦ମ ଶ୍ରେଣୀରେ ପାଠ ପଢୁଥିଲେ ଆଉ କେଇଟା ଦିନ ଯାଇଥିଲେ ମ୍ୟାଟ୍ରିକ ପରୀକ୍ଷା ଦେଇଥାଆନ୍ତେ । ତା' ପରେ କଲେଜରେ ପାଠ ପଢ଼ିଥାଆନ୍ତେ । ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିଥାଆନ୍ତେ । କିନ୍ତୁ ତା' ପୂର୍ବରୁ ଯୌନ ଶିକାର ହୋଇ ଏବେ ସେ ୮ ମାସର ଗର୍ଭବତୀ ।ମୟୁରଭଞ୍ଜ ବାରିପଦା ଏକ ସ୍କୁଲର ୧୦ମ ଶ୍ରେଣୀରେ ନାବାଳିକା ଛାତ୍ରୀ ପଢ଼ନ୍ତି । ସେଠାରେ ସେ ଭଲ ପାଠ ମଧ୍ୟ ପଢ଼ଉଥିଲେ । ପିଉସା ଘରେ ରହୁଥିବା ବେଳେ ପିଉସା ତାକୁ ଭିଡିଓ ଭାଇରାଲ କରିବାର ଧମକ ଦେଇ ବାରମ୍ବାର ଦୁଷ୍କର୍ମ କରିଥିଲା । ୮ମାସର ଅନ୍ତସତ୍ୱା ହେବା ପରେ ଜାଣିଲେ ପରିବାର ଲୋକେ । ଏବେ ନ୍ୟାୟ ପାଇଁ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକେ ।ବାରିପଦା ସହର ବାଘରାରୋଡ ଅଞ୍ଚଳରେ ଘରଜ୍ୱାଇଁ ରହି ଏକ ଜଳଖିଆ ଦୋକାନ କରିଥିଲା ଅଭିଯୁକ୍ତ ପିଉସା ଗଣେଶ ମହାକୁଡ। ନାବାଳିକା ଜଣକ ତାଙ୍କ ଦୋକାନ ଆସୁଥିବା ବେଳେ ନାବାଳିକା ସହ ଦୁଷ୍କର୍ମ କରି ଭିଡିଓ ରେକର୍ଡିଂର୍ କରିଥିଲା ଅଭିଯୁକ୍ତ । ଭିଡିଓ ଭାଇରାଲ କରିଦେବା ଧମକ ଦେଇ ଦୀର୍ଘ ଦିନ ଧରି ଦୁଷ୍କର୍ମ କରି ଆସୁଥିଲା ଅଭିଯୁକ୍ତ। ନାବାଳିକା ୮ ମାସର ଗର୍ଭବତୀ ହେବା ପରେ ପିଉସାର କଳାକାରନାମା ସାମ୍ନାକୁ ଆସିଥିଲା । ବାରିପଦା ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି ତଦନ୍ତ ଜାରି ରଖିଛି ।

## ଟ୍ରାକରୁ ଖସିଲା କାମାକ୍ଷା ଏକ୍ସପ୍ରେସ




ଚୌଦ୍ୱାର,୩୦/୩: କାମାକ୍ଷା ଏକ୍ସପ୍ରେସ ଲାଇନ୍‌ଚ୍ୟୁତ । ଚୌଦ୍ୱାରର ମଙ୍ଗୁଳି ଷ୍ଟେସନ ନିକଟ ନିର୍ଗୁଣ୍ଡିରେ ବେଙ୍ଗାଲୁରୁ-ଗୌହାଟୀ କାମାକ୍ଷା ଏକ୍ସପ୍ରେସର ୧୧ଟି ବଗି ଲାଇନ୍‌ଚ୍ୟୁତ ହୋଇଥିବା ସୂଚନା ମିଳିଛି । ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ କିଛି ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି । ଏକ୍ସପ୍ରେସ୍ ଲାଇନଚ୍ୟୁତ ହେବା ପରେ ଲୋକେ ଭୟଭୀତ ହୋଇପଡିଛନ୍ତି । ଘଟଣାସ୍ଥଳରେ ରେଳବାହିନୀ ଟିମ୍ ପହଞ୍ଚି ଥିବା ଜଣାପଡିଛି। ଆରପିଏଫ୍ ଏବଂ ଜିଆରପିଏଫ ଏବଂ ସ୍ଥାନୀୟଲୋକ ଉଦ୍ଧାର କରୁଥିବା ଜଣାପଡିଛି। କାମାକ୍ଷା ଏକ୍ସପ୍ରେସ ଲାଇନଚ୍ୟୁତ ହେବା ପରେ ଘଟଣାସ୍ଥଳରେ ସମସ୍ତ ଟ୍ରେନ ଚଳାଚଳ ବନ୍ଦ ରହିଛି । ହେଲେ ଟ୍ରେନ କିପରି ଲାଇନଚ୍ୟୁତ ହେଲା ତାହାର କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ ।

## ପୁଣି ଏନକାଉଣ୍ଟରରେ ଜଣେ ନକ୍ସଲ ମୃତ



ମାଲକାନଗିରି,୩୦/୩: ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ୧୭ ଜଣ ନକ୍ସଲଙ୍କ ଏନକାଉଣ୍ଟରରେ ମୃତ୍ୟୁ ଘଟିଥିଲା। ଆଜି ପୁଣି ସୁକମାର ବାସାଗୁଡା ଥାନା ଅଂଚଳର ଟେକମେଟା ଜଂଗଲରେ ଏନକାଉଣ୍ଟରରେ ଜଣେ ନକ୍ସଲର ମୃତ୍ୟୁ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବିଜାପୁର ଡିଆରଜି, କୋବ୍ରା ଯବାନ, ସିଆରପିଏଫ ଯବାନ ଟେକମେଟା ଜଂଗଲରେ ଚଢାଉ କରିଥିଲେ। ଆଜି ସକାଳେ ନକ୍ସଲ ଏବଂ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ଦୀର୍ଘ ସମୟ ଧରି ଗୁଳିବିନିମୟ ପରେ ଘଟଣାସ୍ଥଳରୁ ଜଣେ ନକ୍ସଲର ମୃତ ଦେହକୁ ଠାବ କରିଥିଲେ ଯବାନ। ଏଥିସହ ଘଟଣାସ୍ଥଳରୁ ବନ୍ଧୁକ ସହ ମାଓ ସାମଗ୍ରୀ ମଧ୍ୟ ଜବତ କରିଥିଲେ। ଦୀର୍ଘ ସମୟ ଧରି ଗୁଳିବିନିମୟ ପରେ ଘଟଣାସ୍ଥଳରୁ ଜଣେ ନକ୍ସଲର ମୃତ ଦେହକୁ ଠାବ କରିଥିଲେ ଯବାନ। ଏଥିସହ ଘଟଣାସ୍ଥଳରୁ ବନ୍ଧୁକ ସହ ମାଓ ସାମଗ୍ରୀ ମଧ୍ୟ ଜବତ କରିଥିଲେ ।ମୃତ ନକ୍ସଲକୁ ଚିହ୍ନଟ କରାଯାଇଛି। ଜଗରଗୁଣ୍ଡା ଏରିଆ କମିଟିର ନରସାପୁର ଆରପିସି ଅଧ୍ୟକ୍ଷ କନ୍ନା ଝାଡି। ମୃତ ନକ୍ସଲ ଠାରୁ ଗୋଟିଏ ବନ୍ଧୁକ ଜବତ କରାଯାଇଛି। କନ୍ନା ଝାଡି ନାମରେ ସରକାର ଏକ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରିଥିଲେ। ମୃତ ନକ୍ସଲ ନାମରେ ବିଭିନ୍ନ ଥାନାରେ ବହୁ କେଶ ରହିଥିବା ପୁଲିସ କହିଛି।






ପବିତ୍ର ଇଦ୍-ଉଲ୍-ଫିତର -୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)

DSPL-439 OIPR-15001/13/0465/2425





ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଇଦ୍ ମୁବାରକ !

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଛାତ୍ରୀ ରିନୁ ମହାପାତ୍ର ହତ୍ୟାକାରୀଙ୍କୁ ଫାଶୀ ଦଣ୍ଡ ପାଇଁ ତେଜୁଛି ଆନ୍ଦୋଳନ

ଫୁଲବାଣୀ , ୩୦/୩: କନ୍ଧ ମାଳ ଜିଲ୍ଲାରେ କେତେକ ଥାନା ଅଧୀନରେ ଅତି ନିକଟରେ ବହୁତ ଗୁଡିଏ ହତ୍ୟା, ରାହାଜାନି, ଧର୍ଷଣକରି ହତ୍ୟାକରିବା ଭଳି ଅନେକ ଘଟଣା ଘଟିଚାଲିଛି , ଯାହାକି କନ୍ଧମାଳ ପୋଲିସ ବିଭାଗ ତାକୁ ଅସ୍ୱୀକାର କରିପାରିବ ନାହିଁ । ଜିଲ୍ଲାରେ ଘଟିଯାଇଥିବା ଘଟଣା ଉପରୁ ଜନସାଧାରଣ ଙ୍କ ଆଖି ଆଢୁଆଳରୁ ଲୁଚିଜାଇନ ଥିବା ବେଳେ ଆଉ ଏକ ହୃଦୟ ବିଦାରକ ଦୁଃଖ ଦାୟକ ଘଟଣା ଟିକାବାଲି ଥାନା ଅନ୍ତର୍ଗତ ପଞ୍ଚବର ସାହିର ରିନୁ ମହାପାତ୍ର ଜଣେ କଲେଜ ଛାତ୍ରୀଙ୍କୁ ଚାରିଜଣ ଯୁବକ ଅତି ନିର୍ଦ୍ଦୟ ଭାବେ ଧର୍ଷଣ କରିବା ପରେ ଅତି ନିର୍ମମ ଭାବରେ ହତ୍ୟାକରିଥିବା ଲୋକ ଲୋଚନକୁ ଆସିଛି ଓ ଉକ୍ତ ଚାରି ଜଣ ଅଭିଯୁକ୍ତଙ୍କୁ ଓ ଟିକାବାଲି ଅନ୍ତର୍ଗତ ବଡ଼ିମୁଣ୍ଡା ଗ୍ରାମର ପବିତ୍ର ପ୍ରଧାନଙ୍କୁ ମଧ୍ୟ ଦୁର୍ବୃତ୍ତ ମାନେ ଗଣ୍ଡିରୁ ମୁଣ୍ଡ କାଟି ଅଲଗା କରିଥିବା ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା ସହିତ ଫାସୀ ଦଣ୍ଡରେ ଦଣ୍ଡିତ କରିବା ଦାବିରେ ଟିକାବାଲିରେ ମହିଳା ମହାସଂଘ ଓ ଜିଲ୍ଲା ସଦର ମହକୁମାରେ କୁଇ ସମାଜ ଯୁବ ପରିଷଦ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ! ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ଛାତ୍ରୀ ରିନୁ ମହାପାତ୍ର ପରିବାର କୁ ୫୦ ଲକ୍ଷ୍ୟ ଟଙ୍କାର କ୍ଷତିପୂରଣ ଦେବା ସହିତ ଅଭିଯୁକ୍ତ ମାନଙ୍କୁ କଠୋର ରୁ କଠୋର ମୃତ୍ୟୁ ଦଣ୍ଡଭଳି ଦଣ୍ଡ ଦିଆଯିବା ପାଇଁ ନାରାବାଜି ମାନ କରାଯାଇଥିଲା, ଏଥି ସହିତ ଆଜିର ଗଣ ବିକ୍ଷଭରେ ଟିକାବାଲି ବ୍ଲକ ଓ ଚକାପାଦ ବ୍ଲକର ସମେତ କନ୍ଧମାଳ ଜିଲ୍ଲାରେ ନାରୀ ମାନଙ୍କୁ ସୁରକ୍ଷା ଦେବାପାଇଁ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ଶତାଧିକ ମହିଳା, ପୁରୁଷ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ । ଏଭଳି ଘଟଣା ପାଇଁ କନ୍ଧମାଳ ପୋଲିସ ର ନିଷ୍କ୍ରିୟତା ସମ୍ପୂର୍ଣ୍ଣ ଦାୟୀ ବୋଲି ଆନ୍ଦୋଳନ କାରୀମାନେ ଅଭିଯୋଗ କରିଥିଲେ । ଟିକାବାଲି ରେ ବିକ୍ଷୋଭ ସମୟରେ ହାତ୍ୟକାରୀଙ୍କୁ ଫାଶୀ ଦେବା ପାଇଁ ଆନ୍ଦୋଳନ ରେ



ବାରମ୍ବାର ନାରାବାଜି ଓ ଦାବୀ କରିଥିଲା ମହାସଂଘ ଜିଲ୍ଲାରେ ଆଇଁଶୃଙ୍ଖଳା ରକ୍ଷା କରିବାକୁ ହେଲେ ବ୍ଲକ ହେଡ଼କ୍ୱାଟର ଓ ପଂଚାୟତ ଗୁଡିକର ପ୍ରମୁଖ ଛକ ଜନଗହଳି ସ୍ଥାନ ମାନଙ୍କରେ ପୋଲିସ ପକ୍ଷରୁ ୨୪ ଘଣ୍ଟିଆ ପ୍ରହରା ସହିତ ପ୍ରତ୍ୟେକ ଛକ ମାନଙ୍କରେ ସିସିଟିଭି କ୍ୟାମେରା , ପୋଲିସ ପ୍ରିଟୋଲିଙ୍ଗି କରିବାକୁ ଦୃଢ଼ ଭାବେ ଦାବୀ କରାଯାଇଥିଲା । ମହିଳା ମହାସଂଘ ତରଫରୁ ଟିକାବାଲି ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀଙ୍କ ଜରିଆରେ କନ୍ଧମାଳ ଜିଲ୍ଲାପାଳ , ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ କନ୍ଧମାଳ କୁଇ ସମାଜ ଯୁବପରିଷଦ ତରଫରୁ ଜିଲ୍ଲାରେ ମହିଳା ଥାନା ପ୍ରତିଷ୍ଠା କରାଯିବାପାଇଁ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଜ୍ୟପାଳ ଓ ମାନ୍ୟବର ଓ ମୁଖ୍ୟମନ୍ତ୍ରୀ ଓଡିଶା,ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କରାଯାଇଥିଲା । ଏହାପରେ ଆନ୍ଦୋଳନ କାରି ମାନେ ଆଗାମୀ ଦିନରେ କନ୍ଧମାଳ ଜିଲ୍ଲାରେ ଭୁଶୁଡି ପଡ଼ିଥିବା ଆଇନ ଶୃଙ୍ଖଳା କୁ ସୁଦୃଢ଼ କରିବା ସହିତ ନାରୀ ସୁରକ୍ଷା ପ୍ରତି କଡ଼ା ଆଭିମୁଖ୍ୟ ସରକାର ଓ ଜିଲ୍ଲା ପୋଲିସ ଗ୍ରହଣ କରିବା ଓ ଅଭିଯୁକ୍ତ ଆସାମୀ ମାନଙ୍କ ବିରୁଦ୍ଧରେ କଠୋର ଦଣ୍ଡ ବିଧାନ କରାନ ଗଲେ କିମ୍ବା ଜିଲ୍ଲା ପ୍ରଶାସନ ନିଷ୍କ୍ରିୟତା ପ୍ରଦର୍ଶନ କଲେ ଆଗାମୀ ଦିନରେ ଜିଲ୍ଲାରେ ଆନ୍ଦୋଳନକୁ ତୀବ୍ରତର କରାଯିବ ଓ ଦରକାର ପଡିଲେ କୁଇ ସମାଜ, ଯୁବପରିଷଦ, ଛାତ୍ର ସଂସଦ,ଓ ବିଭିର୍ଣ୍ଣ ସାମାଜିକ ସଂଗଠନ ତରଫରୁ , ଆଇନ ଅମାନ୍ୟ ଆନ୍ଦୋଳନ କରି ରାଜ ରାସ୍ତାରେ ଲଢେଇହେବ ବୋଲି ସଂଗଠନ ଚେତାବନୀ ଦେଇଥିବା ଦେଖିବାକୁ ମିଳିଛି, ଏବଂ ସେହି ସମୟରେ ଯଦି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ ତାହେଲେ ସେଇଥିପାଇଁ ଜିଲ୍ଲାପ୍ରଶାସନ ଓ କନ୍ଧମାଳ ପୋଲିସ ଦାୟୀ ରହିବେ ବୋଲି ମିଳିତ ମଞ୍ଚର ସଭାପତି ଶ୍ରୀ ସମୀର ଘଟାଲ ସୂଚନା ଦେବା ସହିତ ନାରୀ ସୁରକ୍ଷା ଆନ୍ଦୋଳନରେ ବୁର୍ବୀନାଜୁ ସରପଞ୍ଚ ଶ୍ରୀମତୀ ସଳିମା ପ୍ରଧାନ, ରୁନିତା କହଁର, କୁନ୍ଦରୁ ମଳିକ,ବଦନ ପ୍ରଧାନ ଓ ନାରୀ ସୁରକ୍ଷା ମହିଳା ମହାସଂଘ ଓ କନ୍ଧମାଳ ପ୍ରଗତି ମିଳିତ ମହାସଂଘ ର ଆବାହକ କ୍ରିଷ୍ଣା ଚନ୍ଦ୍ର ଦିଗାଲ (ବୁଲୁ ),ସଭାନେତ୍ରୀ ଅପସରି ଦିଗାଲ, ଜିଲ୍ଲା ସମ୍ପାଦିକା ରତ୍ନବତି ବେହେରା,ଟିକାବାଲି ଶାଖାର ସମ୍ପାଦିକା ଜିନିମା ମଳିକ, କନ୍ଧମାଳ ମିଳିତ ମଞ୍ଚ ସଭାପତି ଶ୍ରୀ ସମୀର ଘଟାଲ,କନ୍ଧମାଳ କୁଇସମାଜ ଯୁବପରିଷଦ ସଭାପତି ଶ୍ରୀ ଅଚ୍ୟୁତ କହଁର, କ୍ରୀଡା ସଭାପତି ଶ୍ରୀ କହଁର, କୁଇ ସମାଜ ସାଧାରଣ ସମ୍ପାଦକ ଶ୍ରୀ ଅବନୀ କହଁର, ବିଚିତ୍ର ବୀର୍ଯ୍ୟ ପ୍ରଧାନ, ପାଣ ସମାଜ ସଭାପତି ପଙ୍କଜ ବେହେରା, ଯୁବ ସାମ୍ବାଦିକ ଶ୍ରୀ ବିକାଶ ଡିଗାଲ ପ୍ରମୁଖ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସରକାର ଓ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଥିଲେ ।

## ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ







ଫୁଲବାଣୀ , ୩୦/୩: ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ଡିସେମ୍ବର ମାସ ପର୍ଯ୍ୟନ୍ତ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଜିଲାସାରା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ସ୍ଲୋଗନ ହେଲା ସମବାୟ କ୍ଷେତ୍ରରେ ନାରୀ ସଶକ୍ତିକରଣ ।ସମବାୟ ହେଉଛି ସମାନ ଗୋଷ୍ଠୀ/ଶ୍ରେଣୀକୁ ନେଇ ଏକାଠି ଲକ୍ଷ୍ୟ ହାସଲ କରିବା ପାଇଁ ସମ୍ମିଳୀତ ଉଦ୍ୟମ ।ନାରୀମାନଙ୍କ ଜରିଆରେ ସମବାୟ କ୍ଷେତ୍ରରେ ସଶକ୍ତିକରଣ କିଭଳି କରାଯାଇ ପାରିବ ତା ଉପରେ ଆଲୋଚନା କରାଯାଇଥିଲା ।ମହିଳା ମାନଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । କୃଷି, ମତ୍ସ୍ୟ, ପ୍ରାଣିପାଳନ,ଉଦ୍ୟାନ, ଗୋପାଳନ,ଛତୁଚାଷ, ଫୁଲଚାଷ,ଇତ୍ୟାଦି ମାଧ୍ୟମରେ ଜନ ସାଧାରଣଙ୍କ ସାମଗ୍ରିକ ବିକାଶ ହୋଇପାରିବ ।ଏହା ସହିତ ହୋଟେଲ, ସ୍କୁଲ କଲେଜ,ହସପିଟାଲ ଇତ୍ୟାଦି ନୂଆ କ୍ଷେତ୍ରରେ ସମବାୟ କୁ ସାମିଲ କରିବା ଆବଶ୍ୟକ ।ଯୁବ ସମାଜକୁ ସମବାୟ କ୍ଷେତ୍ରରେ ଜ୍ଞାନ ପ୍ରଦାନ ସହ ଅଧିକ ସାମିଲ କରିବା ଆବଶ୍ୟକ ।ସମବାୟବିତ ମାନଙ୍କୁ ଅଧିକ ସାମିଲ କରି ମହିଳା ଓ ଯୁବ ସମାଜକୁ ଅଧିକ ଆର୍ଥିକ ସ୍ୱାବଲମ୍ବି କରିବାକୁ ହେବ ।କିନ୍ତୁ ଓଡିଶାରେ ଇଛାଶକ୍ତି ଅଭାବ ସାଙ୍ଗକୁ ପ୍ରଚାର ପ୍ରସାର ନାହିଁ କହିଲେ ଚଳେ ।ସମାଜର ତଳସ୍ତରରେ ଥିବା ଅସହାୟ ଲୋକଟିର ଭାବନାକୁ ସମବାୟ ମାଧ୍ୟମରେ ସଫଳ କରିପାରିଲେ ଏହା ସଫଳ ହେବ। ଏହି ଅବସରରେ ଉପନିବନ୍ଧକ ସମବାୟ ସମିତି ସମୂହ ଶ୍ରୀ ତୃପ୍ତି କଲ୍ୟାଣ ସେଠୀଙ୍କ ପୌରୋହିତ୍ୟରେ ଏକ ସାଧାରଣ ସଭା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଥିଲା ।ବୌଦ୍ଧ ସମବାୟ ବ୍ୟାଙ୍କର ସଭାପତି ଅରୁଣ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଉପରେ ବକ୍ତବ୍ୟ ଦେଇଥିଲେ। କନ୍ଧମାଳ ସମବାୟ ସଂଘର ସଭାପତି ସୁପ୍ରଭା ନାୟକ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାରେ ସମବାୟ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବା ସହ ଆବଶ୍ୟକ ସହଯୋଗ ପାଇଁ ସୂଚନା ଦେଇଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ଜିଲା ପ୍ରାଣୀ ଚିକିସ୍ତାଧିକାରୀ ଡ ସଞ୍ଜିବ ପଟେଲ, ମତ୍ସ୍ୟ ଅଧିକାରୀ ପ୍ରଫୁଲ କହଁର ,ଉପକୃଷି ନିର୍ଦ୍ଦେଶକ ତୁଷାର କାନ୍ତି ତୁଙ୍ଗ, ସହକାରୀ ଉପନିବନ୍ଧକ, ଲଳିତ ମାଝି, ଜିତେନ୍ଦ୍ର ମିଶ୍ର,ବୌଦ୍ଧ ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ସ୍ମିତାଶ୍ରୀ ସାହୁ,ଆର ଏମସି ,ଟିକାବାଲିର ସଞ୍ଜୟ ପଟନାୟକ ପ୍ରମୁଖ ଯୋଗଦେଇ ଏହି ଦିବସରେ ବିଭାଗୀୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାର ଅଗ୍ରଣୀ ୧୩ଟି ମହିଳା ଯୁଗ୍ମ ଦେୟ ଗୋଷ୍ଠୀକୁ ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ପ୍ରବନ୍ଧକ ସୁକାନ୍ତ କୁମାର ପାଢୀ ସଂଯୋଜନା କରିଥିଲେ। ସମବାୟ ସମିତି ସମୂହର ଏସ ଆର ସି ଗଙ୍ଗାଧର କହଁର , ପରିଚାଳନା ନିର୍ଦ୍ଦେଶକ ଭୀମସେନ ସାହୁ ,ଜୀତେନ୍ଦ୍ର ମିଶ୍ର,ସତ୍ୟଜିତ ସେଠୀଙ୍କ ସହ ସମବାୟ ସଂଘର ସଚିବ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ, ଓ ମହିଳା ଚାଷୀ,୨୪ଟି ଲ୍ୟାମ୍ପସର ପରିଚାଳକ,ସଭାପତି ଓ ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ ।ସମବାୟ ସଶକ୍ତ ହେଲେ ସୁଦୃଢ଼ ସମାଜ ଓ ସମୃଦ୍ଧ ଜୀବନ ସମ୍ଭବ ହୋଇପାରିବ।

# ଶ୍ୟାମପୁର ପରେ ପଥରଗାଡ଼ିଆ: ସରକାରୀ ଜମିରେ ଘର କରି ବିକୁଛନ୍ତି, ପଥରଗାଡ଼ିଆରେ ଦର ୩.୫ଲକ୍ଷ

ଭୁବନେଶ୍ୱର,୩୦/୩: ପାଞ୍ଚ ଲକ୍ଷ ଟଙ୍କାରେ ଘର। ଘର ସହିତ ଜମି ମାଗଣା। ତାହା ପୁଣି ରାଜଧାନୀରେ। ଉତ୍ତରକୁ ଗଲେ ପଟିଆ, ପୂର୍ବକୁ ଗଲେ ଉତ୍କଳ ହସ୍‌ପିଟାଲ୍ ରାସ୍ତା, ପଶ୍ଚିମକୁ ଗଲେ ଚନ୍ଦକା। ସବୁ ଦିଗକୁ ୨ଶହ ଫୁଟିଆ ରାସ୍ତା ଫିଟିଛି। ଶ୍ୟାମପୁର ପରେ ପଥରଗାଡ଼ିଆ ମୌଜାରେ ଏଭଳି ସରକାରୀ ଜମିରେ ଘର କରି ବିକ୍ରି କରୁଛନ୍ତି ମାଫିଆ। ଶ୍ୟାମପୁରରେ ଯେମିତି ମାଫିଆମାନେ ସରକାରୀ ଅଧିକାରୀଙ୍କ ସହ ହାତ ମିଳାଇ ୬୭ଏକର ଜମି ନେଇ ଯାଇଛନ୍ତି ଠିକ୍ ସେମିତି, ପଥରଗାଡ଼ିଆରେ ମଧ୍ୟ ୧ଏକର ଜାଗା ନେଇ ଯାଇଛନ୍ତି। ଶ୍ୟାମପୁରରେ କେବଳ ଜମି ବିକ୍ରି କରୁଥିବାରୁ ସରକାରୀ ଜମି କହି ଅନେକ ଗ୍ରାହକ ନେଇ ନଥିଲେ। ଏଣୁ ମାଫିଆମାନେ ଏଠାରେ ବୁଦ୍ଧି ଖଟାଇ ଘର କରି ବିକ୍ରି କରୁଛନ୍ତି। ଯେହେତୁ ଶ୍ୟାମପୁରରେ ବିଡିଏ ମାଫିଆଙ୍କ ପାଖେ ମୁଣ୍ଡ ନୁଆଁଇଛି ବା କୌଣସି କାର୍ଯ୍ୟାନୁଷ୍ଠାନ ନେଇ ପାରୁ ନାହିଁ, ତାହାକୁ ଏକ ଉଦାହରଣ ଭାବେ ନେଇ ମାଫିଆ ଗ୍ରାହକଙ୍କୁ ଉଚ୍ଛେଦ ହେବ ନାହିଁ ବୋଲି ନିର୍ଭୟବାଣୀ ଦେଇଛନ୍ତି। ପଥରଗାଡ଼ିଆ ମୌଜାରେ ଥିବା ଏହି ଜମିର ଖାତା ସଂଖ୍ୟା ୨୨୪୨। ଏଥିରେ ୧୩ଟି ପ୍ଲଟ୍‌ରେ ଥିବା ୧ ଏକର ଜାଗାରେ ଘର ହୋଇଛି। ୪୦ ଘର ଏଯାବତ୍ ହୋଇଥିବା ବେଳେ ଆହୁରି ୧୩ଟି ଘର ନିର୍ମାଣାଧୀନ ରହିଛି। ୭ଟି ଘରେ ଲୋକ ରହିବା ଆରମ୍ଭ କରିଛନ୍ତି। ଦୀର୍ଘ ୬ ମାସ ହେଲା ଏଠାରେ ଏଭଳି ନିର୍ମାଣ ଚାଲିଛି। ହେଲେ ବିଏମ୍‌ସି ଅଚିନ୍ତାରେ ବସିଛି। ନିୟମ ମୁତାବକ, ବିଏମ୍‌ସିର ଉତ୍ତର



ଜୋନ୍‌ରୁ ଏହି ଜବରଦଖଲ ନେଇ ସୂଚନା ବ୍ଲୁଇସ୍ ଆପ୍‌ରେ ଅପ୍‌ଲୋଡ୍ ହେବା କଥା। ଜିଏ ବିଭାଗ ଏଥିରୁ ସୂଚନା ପାଇବା ପରେ ଉଚ୍ଛେଦ ପାଇଁ ବିଡିଏକୁ ଲେଖିବା କଥା। ହେଲେ ୬ ମାସ ହେଲାଣି ତିନିଟି ଯାକ ସରକାରୀ ସଂସ୍ଥାଙ୍କ ପାଖରେ କିଛି କୌଣସି ଖବର ନାହିଁ। ବାସ୍ତବରେ ସମସ୍ତଙ୍କ ପାଖରେ ଖବର ଅଛି। କିନ୍ତୁ ଘର ପିଛା କମିସନ ଦାୟିତ୍ୱରେ ଥିବା ପ୍ରତ୍ୟେକ ଅଫିସରଙ୍କ ପାଖକୁ ଯାଉଛି। ସେଥିପାଇଁ ମାଫିଆ ବିନା ଦ୍ୱିଧାରେ ଘର କରି ବିକ୍ରି କରୁଛି। ଘର କିଣୁଥିବା ଗ୍ରାହକ କହିଛନ୍ତି, ବସ୍ତିରେ ଘର କରି ରହିବା ଆଉ ସମ୍ଭବ ହେଉନାହିଁ। ସେଠାରେ ଯେଉଁମାନେ ରହୁଛନ୍ତି ସେମାନେ ନିଜର ବନ୍ଧୁବାନ୍ଧବଙ୍କୁ ଆଣି ରଖୁଛନ୍ତି। ନ ହେଲେ ମୋଟା ଅଙ୍କର ଅର୍ଥ ଦାବି କରୁଛନ୍ତି। ଯଦି କେହି ରହିଯାଇଛି ତେବେ ସେ ଘର ତାଲା ପକାଇ ଯଦି ଗାଁ କୁ ଗଲେ ତାଲା ଭାଙ୍ଗି ଘର ଆଉ କେହି ନେଇଯାଉଛି। ସରକାରୀ ଜମି ହୋଇଥିବାରୁ ଏ ଅଭିଯୋଗ କେହି ଶୁଣୁ ନାହାନ୍ତି। ଏଣୁ ଏକାଥରକେ ୩.୫ଲକ୍ଷ ଯାଉ ପଛେ ଘର ତ ମିଳିଯାଉଛି। ଯେଉଁମାନେ ବିକୁଛନ୍ତି ସେମାନେ ପୁଲିସ, ବିଡିଏ, ବିଏମ୍‌ସି, ଜିଏ ବିଭାଗ ଅଫିସରଙ୍କ କଥା ବୁଝୁଛନ୍ତି। ଶ୍ୟାମପୁରରେ ଯେଉଁ ସବୁ ବନ୍ଧୁବାନ୍ଧବ ଘର କିଣିଥିଲେ ସେମାନେ ଏବେ ନିଶ୍ଚିନ୍ତରେ ଅଛନ୍ତି। ଯେତିକି କେସ୍ ହେଲାଣି ତାକୁ ସମାଧାନ କରୁକରୁ ୫ ବର୍ଷରୁ କମ୍ ହେବନି। ତା ଭିତରେ ସରକାର ଥଇଥାନ କରିବା ଯୋଜନା କରିଥିବେ। ଏଣୁ କିଛି ସମସ୍ୟା ହେବନି। ଶ୍ୟାମପୁର ମୌଜା ଅନାବାଦି ଖାତା ହୋଲ୍ଡିଂ ନଂ. ୨୪୫ରେ ୬୮.୪୪୫ ଏକର ଜମି ୨୦୨୧ ମସିହାରୁ ଜିଏ ବିଭାଗ ବିଡିଏକୁ ହସ୍ତାନ୍ତର କରିଥିଲା। ଏଠାରେ ‘ଆଫଡେବଲ୍ ହାଉସିଂ’ ଯୋଜନାରେ ବିଡିଏ ଗୃହ ନିର୍ମାଣ କରିଥାନ୍ତା। କିନ୍ତୁ ୪ ବର୍ଷ ଧରି ବିଡିଏ ଏଠାରେ କିଛି ନ କରିବାରୁ ଏହା ଜବରଦଖଲ ହୋଇ ବିକ୍ରି ହୋଇଯାଇଛି। ବିଡିଏ ଇଓଡବ୍ଲୁରେ ମାମଲା ରୁଜୁ କରି ହତାଶ ହେବା ପରେ ଚୁପ୍ ବସିଛି। ଏଠାରେ ବିଜୁଳି ସଂଯୋଗ ନ ଦେବା ପାଇଁ ବିଡିଏ ନୋଟିସ୍ କରିବା ପରେ ମାଫିଆ ସୋଲାର ପ୍ୟାନେଲ୍ ଜରିଆରେ ବିଜୁଳି ଯୋଗାଉଛି। କୌତୂହଳପ୍ରଦ ହେଉଛି, ଏଠାରେ ନୂଆ ଜବରଦଖଲ ହେଲେ ରୋକିବା ପାଇଁ ବିଡିଏ ଏଠାରେ ଦୁଇଜଣ ସୁରକ୍ଷାକର୍ମୀଙ୍କୁ ନିଯୋଜିତ କରିଥିଲା। ହେଲେ ମାଫିଆମାନେ ସେମାନଙ୍କୁ ମାଡ଼ ମାରି ବିଦା କରିଦେଇଛନ୍ତି। ଏବେ ସେଠାରେ କେହି ନାହାନ୍ତି। ମାଫିଆମାନେ ରାଜୁତି କରୁଛନ୍ତି।

## ବିଜେଡି ତରଫରୁ ରାଜ୍ୟବ୍ୟାପୀ ଓଡିଶା ଦିବସ ପାଳିତ ହେବ



ଭୁବନେଶ୍ୱର: ଏପ୍ରିଲ ୧ ତାରିଖ ଦିନ ୮୯ତମ ଓଡିଶା ଦିବସ ପାଳିତ ହେବାକୁ ଯାଉଥିବାବେଳେ ବିଜୁଜନତା ଦଳ ରାଜ୍ୟବ୍ୟାପୀଏହି ଦିବସଟିକୁ ପାଳିବ ବୋଲି ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଶ୍ରୀ ଦେବୀ ପ୍ରସାଦ ମିଶ୍ର ଓ ଦଳର ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଓଡ଼ିଶାର ଅନେକ ବର ପୁତ୍ରମାନଙ୍କ ସଂଘର୍ଷ, ତ୍ୟାଗ ବଳିଦାନ ଫଳରେ ୧୯୩୬ ମସିହାଏପ୍ରିଲ ୧ ତାରିଖ ଦିନ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହୋଇଥିଲା । କଳା, ଭାସ୍କର୍ଯ୍ୟ ଓ ଐତିହ୍ୟ ପାଇଁ ଓଡ଼ିଶାର ପ୍ରସିଦ୍ଧି ରହିଛି । ଏହାକୁ ସ୍ମରଣୀୟ କରିବା ପାଇଁଏହି ଦିନଟି ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବା ସହିତ ଓଡିଶା ଦିବସ ଭାବେ ପାଳିତ ହୋଇଆସୁଛି । ଶ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ, ବିଜୁଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ, ରାଜ୍ୟର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ତଥା ଜିଲ୍ଲା କାର୍ଯ୍ୟାଳୟରେ ବିଜୁଜନତା ଦଳ ତରଫରୁ ଓଡିଶା ଦିବସ ପାଳନ କରିବା ପାଇଁ ହୋଇଥିବା ନିଷ୍ପତ୍ତି ଦଳ ତରଫରୁ ସମନ୍ୱୟ କମିଟି ଅଧ୍ୟକ୍ଷ ଶ୍ରୀ ଦେବୀ ପ୍ରସାଦ ମିଶ୍ର ଓ କାର୍ଯ୍ୟକ୍ରମ ରୂପାୟନ କମିଟି ଆବାହକ ଶ୍ରୀ ସଞ୍ଜୟ ଦାସ ବର୍ମା ସୂଚିତ କରିଛନ୍ତି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହିତ ଆଲୋଚନା ଚକ୍ର କାର୍ଯ୍ୟକ୍ରମ କରାଯିବ ।ତାଛଡା, ନିଜ ଅଞ୍ଚଳରେ ଥିବା ବର ପୁତ୍ରମାନଙ୍କ ପ୍ରତି ମୂର୍ତ୍ତିରେ ମଧ ଦଳ ତରଫରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ କରାଯିବ ।ବିଜୁ ଜନତା ଦଳର ଭୁବନେଶ୍ୱର ଜିଲ୍ଲା ବିଜେଡି ଆନୁକୂଲ୍ୟରେ ଶଙ୍ଖଭବନରେ ଓଡ଼ିଶା ଦିବସ କାର୍ଯ୍ୟକ୍ରମ ପାଳନ କରାଯିବ । ଏଥିରେ ଦଳର ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଫୁଲବାଣୀ ବ୍ଲକରେ ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ

### *ପ୍ରଥମ ପର୍ଯ୍ୟାୟରେ ୧୦୦ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ*

ଫୁଲବାଣୀ ତା,୩୦/୦୩ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) ଆଜି ରାଜ୍ୟରେ ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମାର୍ଚ୍ଚ ୩୦ ତାରିଖରେ କଳାହାଣ୍ଡି ଜିଲ୍ଲାରୁ ଆରମ୍ଭ ହୋଇଛି ଅନ୍ତୋଦୟ ଗୃହ ଯୋଜନା । ଏହି ଯୋଜନାରେ ୫୦ ହଜାର ହିତାଧିକାରୀ ଙ୍କୁ ଯୋଜନା ସହ ଯୋଡ଼ିବେ ସରକାର । ଯୋଜନା ବିଷୟରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ସୂଚନା ଦେଇଛନ୍ତି । ଏହି ଯୋଜନାରେ ଭିନ୍ନକ୍ଷମ, ବିଧବା, ଅନାଥ, ଅସହାୟ, ଦୂରାରୋଗରେ ପୀଡିତ ଥିବା ବ୍ୟକ୍ତି ଏବଂ ସହିଦ ପରିବାର ବ୍ୟକ୍ତି, ବନ୍ୟା ବାତ୍ୟା ଓ ଅଗ୍ନିକାଣ୍ଡ ଘଟି ଘରପୋଡି,ହାତୀ ଉପଦ୍ରବ ହୋଇ ଭାଙ୍ଗିଥିବା ଘର, ଥିବା ବ୍ୟକ୍ତି ଏହି ଯୋଜନାରେ ସାମିଲ କରାଯାଇଛି । ଏହି ପରିପ୍ରେକ୍ଷୀରେ ରବିବାର ଦିନ ଫୁଲବାଣୀ ବ୍ଲକ ପ୍ରଶାସନ ପକ୍ଷରୁ କରୋନେସନ ପଡିଆ ଠାରେ ଏହି ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଡ଼ିଓ ସୋମ୍ୟରଞ୍ଜନ ପାତ୍ର ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଫୁଲବାଣୀ ମାନ୍ୟବର ବିଧାୟକ ଶ୍ରୀ ଉମାଚରଣ ମଳିକ, ପଂଚାୟତ ସମିତି ଅଧକ୍ଷା ସସ୍ମିତା କହଁର, ଉପାଧାକ୍ଷ ଶ୍ରୀନିବାସ ମଳିକ, ଜିଲ୍ଲା ପରିଷଦ ସଦସ୍ୟା ଚନ୍ଦ୍ରମା ମଳିକ, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ, ସମେତ ପିଡି ଡିଆର ଡିଏ ଶ୍ରୀ ଶମ୍ଭୁନାଥ ନନ୍ଦୀ, ଉପଜିଲ୍ଲାପାଳ ଭିକାରି ଚରଣ ସାହୁ, ଅତିରିକ୍ତ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ନରେନ୍ଦ୍ର କୁମାର ନାଏକ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ମାନେ ଉପସ୍ଥିତ ଥିବା ବେଳେ ଗ୍ରାମାଞ୍ଚଳରୁ ଏହି ଯୋଜନାରେ ସାମିଲ ଥିବା ହିତାଧିକାରୀ ମାନେ ଉପସ୍ଥିତ ରହି ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟ ମନ୍ତ୍ରୀଙ୍କ ଅଭିଭାଷଣ ଶୁଣିବା ସହିତ ‘ଅନ୍ତୋଦୟ ଗୃହ ଯୋଜନା ’ ଶୁଭାରମ୍ଭ କାର୍ଯ୍ୟକ୍ରମ ବିଷୟରେ କିଛି ଜ୍ଞାନ ଆରୋହଣ କରିଥିଲେ । ବଜେଟ୍‌ରେ ରାଜ୍ୟସରକାର ଗରିବଙ୍କ ପକ୍କା ବାସଗୃହ ଯୋଗାଇଦେବା ପାଇଁ ବଡ଼ ଲକ୍ଷ୍ୟ ରଖିଛନ୍ତି ସରକାର। ବଜେଟ୍ ?ରେ ଅନ୍ତୋଦୟ ଯୋଜନା ଲାଗି ୭୭୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଦାରିଦ୍ର୍ୟ ସୀମାରେଖା ତଳେ ଥ?ବା ପରିବାରକୁ ପକ୍କା ଘର ଯୋଗାଇବାକୁ ଫଅନ୍ତୋଦୟ ଗୃହ ଯୋଜନା’ ରାଜ୍ୟ ସରକାରଙ୍କ ଏକ ମହତ୍ୱାକାଂକ୍ଷୀ ଯୋଜନା ,ଯେଉଁଥିରେ ଘର ନିର୍ମାଣ ପାଇଁ ୩ ଟି କିସ୍ତିରେ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯିବ । ପାରିଶ୍ରମିକ ବାବଦକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୯୦/୯୫ ଦିନର ମଜୁରୀ ପ୍ରଦାନ କରାଯିବ ତାହା ସହିତ ସ୍ୱଚ୍ଛ ଭାରତ ମିଶନ ଯୋଜନାରୁ ଶୌଚାଳୟ ପ୍ରଦାନ କରାଯିବ,ଉଜ୍ଜଳା ଯୋଜନାରୁ ରନ୍ଧନ ଗ୍ୟାସ ପ୍ରଦାନ କରାଯିବ, ସୌଭାଗ୍ୟ ଯୋଜନାରୁ ବିଜୁଳି ସଂଯୋଗ କରାଯିବ, ବସୁଧା ଯୋଜନାରୁ ପିଇବା ପାଣି ସଂଯୋଗ କରାଯିବ ବୋଲି ଅଭିଭାଷଣରେ ମୁଖ୍ୟ ମନ୍ତ୍ରୀ କହିଛନ୍ତି । ଏହି ଯୋଜନାରେ ଫୁଲବାଣୀ ବ୍ଲକ ଅନ୍ତର୍ଗତ ୧୧ ଗୋଟି ପଞ୍ଚାୟତର ୧୦୦ ଜଣ ହିତାଧିକାରୀ ଙ୍କୁ‘ ଅନ୍ତୋଦୟ ଗୃହ ଯୋଜନା‘ ର କାର୍ଯ୍ୟାଦେଶ ବଣ୍ଟନ କରାଯିବ ବୋଲି ବିଡ଼ିଓ ଶ୍ରୀ ସୌମ୍ୟରଂଜନ ପାତ୍ର ସୂଚନା ଦେଇଛନ୍ତି।



# ଅନ୍ତୋଦୟ ଗୃହ ଯୋଜନା‘ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଭବାନୀପାଟଣା , ୩୦/୩: କଳାହାଣ୍ଡି ଜିଲ୍ଲା ଭବାନୀପାଟଣା କ୍ରୀଷ୍ଟାନଗର ପଡିଆଠାରେ ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ସହ ୩ ବର୍ଷରେ ୭ ହଜାର ୫୫୦ କୋଟି ଟଙ୍କା,ଏ ବାବଦରେ ବିନିଯୋଗ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଶେଷକରି କେଉଁମାନଙ୍କୁ ଏହି ଯୋଜନାରେ ଘର ମିଳିବ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତି ଏବଂ ଶହୀଦ ପରିବାରକୁ ଏହି ଯୋଜନାରେ ସାମିଲ କରି ଗୃହ ପ୍ରଦାନ କରାଯିବ । ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ରାଜ୍ୟର ୬୯ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବଏବଂ ଏଥିପାଇଁ ଆସନ୍ତା ୩ ବର୍ଷରେ ୭୫୫୦ କୋଟି ଟଙ୍କା ବିନିଯୋଗ ହେବ। ଏହି ଯୋଜନାରେ କଳାହାଣ୍ଡି ଜିଲ୍ଲା ର ୩୬୭୬ ହିତାକାରୀ ଉପକୃତ ହେବାର ଲକ୍ଷ୍ୟ ଧର୍ଯ୍ୟ କରାଯାଇଛି । ଜିଲ୍ଲାର ବିଭିନ୍ନ ବ୍ଲକର କିଛି ହିତାଧିକାରୀଙ୍କ ମୁଖ୍ୟମନ୍ତ୍ରୀ ଅନ୍ତୋଦୟ ଗୃହ ଯୋଜନା’ର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ ।ସେହିପରି ମୁଖ୍ୟମନ୍ତ୍ରୀ ୬ ଶହ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପଞ୍ଚାୟତିରାଜ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ



ରାଜ୍ୟ ମନ୍ତ୍ରୀ ରବି ନାରାୟଣ ନାଏକ, ସଚିବ ଗିରିଶ ସତ୍ୟ ନାରାୟଣ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ୬ ଶହ କୋଟି ଟଙ୍କାର ଉର୍ଦ୍ଧ୍ୱ ପଞ୍ଚାୟତିରାଜ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ରାଜ୍ୟ ମନ୍ତ୍ରୀ ରବି ନାଏକ ତାଙ୍କ ଭାଷଣରେ କହିଥିଲେ, ଅନ୍ତୋଦୟ ଗୃହ ଯୋଜନାରେ ଯଦି କେହି ଅଧିକାରୀ ପାତର ଅନ୍ତର କରୁଥିବା ଅଭିଯୋଗ ଆସିଲେ, ତୁରନ୍ତ ସେହି ଅଧିକାରୀଙ୍କୁ ନିଲମ୍ବିତ କରାଯିବ। ସେହିପରି ଚଳିତ ବର୍ଷ ଲୋକଙ୍କ ସୁବିଧା ପାଇଁ ୨୫ ହଜାର ନଳକୂପ ଖନନ କରାଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣ ଆରମ୍ଭରେ ସମସ୍ତଙ୍କୁ ହିନ୍ଦୁ ନବବର୍ଷର ଅଭିନନ୍ଦନ ଜଣାଇବା ସହ ଏ ମାଟି ହେଉଛି ମା’ ମାଣିକେଶରୀ ମାଟି, ମା’ଙ୍କ ଛତର ଯାତ୍ରା, ବୀରବାଦ୍ୟ ଘୁମୁରା ଆଜି ବିଶ୍ୱ ଦରବାରରେ ପରିଚିତ। ଏ ମାଟିର ବୀର ସହିଦ ରେଣ୍ଡୋ ମାଝୀ ଓ ଜଳ ପୁରୁଷ କାର୍ଜି ମାଝୀଙ୍କ ବଳିଦାନ ଅତୁଳନୀୟ। ଧାନ ଉତ୍ପାଦନରେ ରାଜ୍ୟରେ କଳାହାଣ୍ଡି ଜିଲ୍ଲା ଦ୍ୱିତୀୟ ଓ କପାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟରେ ପ୍ରମୁଖ ସ୍ଥାନ ଅଧିକାର କରିଛି। ପୂର୍ବ ସରକାରଙ୍କ ଅବହେଳା ଯୋଗୁ ଦାନ ମାଝୀ ଆମ୍ବୁଲାନ୍ସ ନ ପାଇ ନିଜ ସ୍ତ୍ରୀକୁ କାନ୍ଧରେ ବୋହିକି ନେଇଥିଲେ। ଆଉ ଜଣେ ଦାନ ମାଝୀ ଏପରି ଅବହେଳାର ସାମ୍ନାକୁ ନ ଆସନ୍ତି ସେଥ?ପାଇଁ ଏବେ ୧୦୯ ଆମ୍ବୁଲାନ୍ସ ଯୋଜନା କରାଯାଇଛି। କଳାର ହାଣ୍ଡି ହେଉଛି କଳାହାଣ୍ଡି। ଜୁନାଗଡ଼ ଦଧି ବାମନ ମନ୍ଦିରର ଲିପି କଳାହାଣ୍ଡିର ଇତିହାସ ଜଣାପଡ଼େ। କଳାହାଣ୍ଡିର ମାଟିରେ ତିଆରି ହେଉଛି କ୍ରିକେଟ ପିଚ୍। ଯେଉଁଥରେ ଅନ୍ତର୍ଜାତୀୟ ଖେଳ ହେଉଛି। ବାରବାଟୀ ଷ୍ଟାଡିୟମରେ ବି ଲାଗିଛି କଳାହାଣ୍ଡି ମାଟି। ରାଜ୍ୟରେ ଏବେ ଡବଲ ଇଞ୍ଜିନ ସରକାର ଆସିଛି । ୨୪ ବର୍ଷର ବିଜେଡି ସରକାରର ସମସ୍ତ ଅବହେଳା ସାମ୍ନାକୁ ଆସିଛି।

## ରଘୁନାଥପୁର ବ୍ଲକରେ ଅନ୍ତଦ୍ୱୟ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ। ଆଭାସି ମାଧ୍ୟମରେ ଉଦ୍ଘାଟନ କଲେ ମୁଖ୍ୟମନ୍ତ୍ରୀ



ଜଗତସିଂହପୁର ତା୩୦/୩(ନୀପ୍ର)ଅନ୍ତଦ୍ୱୟ ଆବାସ ଯୋଜନା ମାଧ୍ୟମରେ ଗରିବ ପରିବାରଙ୍କୁ ଶାମିଲକରି ପକ୍କାଘର ଯୋଗାଇଦେବାପାଇଁ ସରକାର ଦଢପରିକର ।ଏହି ପରିକଳ୍ପନାକୁ ସାକାର କରିବାକୁ ଯାଇ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଜନାକୁ ଆଭାସି ମାଧ୍ୟମରେ ଶୁଭ ଉଦ୍ଘାଟ କରିଛନ୍ତି।

## ଗୋପ ଆଦର୍ଶ ବିଦ୍ୟାଳୟ ପାଇଁ କୃତିତ୍ୱ ଆଣିଲେ ପ୍ରିୟାଂଶୀ ( ଶ୍ରେୟ ଦେଲେ ଗୁରୁଜୀ କୋଚିଙ୍ଗ ସେଣ୍ଟରର ସମସ୍ତ ଗୁରୁଜୀ ଗୁରୁମା ଓ ପରିବାର ବର୍ଗଙ୍କୁ )



ଗୋପ , : ଚଳିତ ଶିକ୍ଷାବର୍ଷ ନିମନ୍ତେ ଅନୁଷ୍ଠିତ ହୋଇଥିବା ଏନ ଏମ ଏମ ଏସ ପରୀକ୍ଷା ର ଫଳାଫଳ ଗତ କାଲି ପ୍ରକାଶିତ ହୋଇଛି କ୍ଷ ଏହା ଗତ ୨୨/୧୨/୨୦୨୪ ରିଖ ରେ ପୁରୀ ଜିଲ୍ଲା ସ୍କୁଲ ଉକ୍ତ ପରୀକ୍ଷା ଟି ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ ପୁରୀ ଜିଲ୍ଲାର ଗୋପ ବ୍ଲକ ର ଓଡିଶା ଆଦର୍ଶ ବିଦ୍ୟାଳୟ ର ଛାତ୍ରୀ ପ୍ରିୟାଂଶୀ ଦାସ କୃତିତ୍ୱ ଅର୍ଜନ କରିଛନ୍ତି କ୍ଷ ଯାହାଫଳରେ କୀ ଉକ୍ତ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଗୁରୁଜୀ କୋଚିଙ୍ଗ ସେଣ୍ଟର ର ସମସ୍ତ ଗୁରୁଜୀ ଗୁରୁମା ନିରୁ ଗୁରୁଜୀ ପ୍ରିୟାଂଶୀ କୁ ସାଧୁବାଦ ଜ୍ଞାପନ କରିଛନ୍ତି କ୍ଷ ଗୋପ ଅଞ୍ଚଳ ବିଶିଷ୍ଟ ସମାଜସେବୀ ତଥା ନିର୍ଭୀକ ସାମ୍ବାଦିକ ସଚ୍ଚିଦାନନ୍ଦ ଗୋଛାୟତ ଙ୍କ ଏକ ମାତ୍ର କନ୍ୟା ପ୍ରିୟାଂଶୀ କ୍ଷ ପୂର୍ବରୁ ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ସଫଳତା ର ସହ କୃତିତ୍ୱ ଅର୍ଜନ କରିଛନ୍ତି କ୍ଷ ଏହା ଭାରତ ସରକାର ଙ୍କ ବିଦ୍ୟାଳୟ ଶିକ୍ଷା ଓ ସକ୍ଷରତା ବିଭାଗ ଦ୍ୱାରା ପରିଚାଳିତ ଘଗଗଝ ଯୋଜନା କ୍ଷ ଏହା ମୁଖ୍ୟତଃ ଗରିବ ଶ୍ରେଣୀ ର ମେଧାବୀ ଛାତ୍ର/ଛାତ୍ରୀ ଙ୍କ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଗ୍ରସର ହେବାପାଇଁ ଆର୍ଥିକ ସହାୟତା ଯୋଗାଇଦେବାକୁ ଏକ ପ୍ରୟାସ। ଏହା +୨ ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ କ୍ଷ ଏହି ସହାୟତା ଫଳରେ ଗରିବ ଶ୍ରେଣୀର ମେଧାବୀ ଛତ୍ର ଛାତ୍ରୀ ମାନେ ବିଶେଷ ପୁକୃତ ହୋଇପାରିବେ ବୋଲି ଅବିଭାବକ କହିଛନ୍ତି ।

## ପଣ୍ଡିତକୋଠା ବାରୁଣୀମେଳା ଉଦଘାଟିତ



ଜଗତସିଂହପୁର, : କୁଜଙ୍ଗ ବ୍ଲକ ଅନ୍ତର୍ଗତ ଅଗପାଳ ପଞ୍ଚାୟତ ର ପଣ୍ଡିତକୋଠା ଗ୍ରାମ ରେ ପ୍ରସିଦ୍ଧ ବାରୁଣୀମେଳା ଉଦଘାଟିତ ହୋଇଯାଇଛି ! ଏଥିରେ 'ଗ୍ରୀନ ଶିକ୍ଷା ଫାଉଣ୍ଡେସନ ' ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ଆଇନଜୀବୀ ପ୍ରଦୀପ୍ତ ମହାପାତ୍ର ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ତଥା ଯୁବସମାଜସେବୀ ଗତିକୃଷ୍ଣ ଶତପଥୀ, ମୁଖ୍ୟବକ୍ତା ଜ୍ୟୋତିର୍ବିଦ ତଥା ସମାଜସୁଧାରକ ଡ଼ ଅରୁଣ କୁମାର ପାଣି, ସମ୍ମାନିତ ଅତିଥି ଭାବେ ଶିକ୍ଷକନେତା ସୁଧୀରଞ୍ଜନ ମହାପାତ୍ର, କଣ୍ଠଶିଳ୍ପୀ ସୁବାସଚନ୍ଦ୍ର ସାମଲ ,ନୃତ୍ୟଗୁରୁ ଅଭିମନ୍ୟୁ ସାମଲ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମ କୁ ଉଦଘାଟିତ କରିବା ସହ ଗ୍ରୀନ ଶିକ୍ଷା ଫାଉଣ୍ଡେସନ ର ଅଭିନବ ପ୍ରୟାସ କୁ ଭୂଇୟସୀ ପ୍ରଶଂସା କରିଥିଲେ ! ସ୍ଥାନୀୟ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ, ସଂଗୀତ, ବକ୍ତୃତା ପ୍ରତିଯୋଗିତା କରାଯାଇ ଅତିଥି ମାନଙ୍କ ଦ୍ୱାରା ସେମାନଙ୍କୁ ପୁରସ୍କୃତ କରାଯାଇଥିଲା ! ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ବାରୁଣୀଯାତ୍ରା କମିଟି ର କର୍ମକର୍ତ୍ତା ଙ୍କୁ ମଧ ଫାଉଣ୍ଡେସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ! ଆଗାମୀ ଦିନ ରେ ଏହି ଅଞ୍ଚଳ ରେ ବ୍ୟାପକ ବୃକ୍ଷ ରୋପଣ କରାଯିବା ପାଇଁ ଡ଼ ପାଣି ପରାମର୍ଶ ଦେଇଥିଲେ ଏବଂ ନିଜ ତରଫରୁ ଫାଉଣ୍ଡେସନ କୁ ଆବଶ୍ୟକୀୟ ବୃକ୍ଷ ଯୋଗାଇଦେବାପାଇଁ ପ୍ରତିଶୃତି ଦେଇଥିଲେ ! ସଂଗଠନ ସଭାପତି ରଘୁନାଥ ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ, ରମାକାନ୍ତ ମଲ୍ଲିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ! ସମ୍ପାଦକ ସୁଜିତକୁମାର ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ ! ସାରଦା ପ୍ରସାଦ ମଲ୍ଲ, ସୌଭାଗ୍ୟ ବିଶ୍ୱାଳ ଏବଂ ସଂଗଠନ ର ସମସ୍ତ ସଦସ୍ୟ ପ୍ରମୁଖ କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ପରିଚାଳନା କରିଥିଲେ !

## ବାଲୁଗାଁରେ ଗୋଷ୍ଠୀ ସଂଘର୍ଷ: ୩ରୁ ଅଧିକ ଗୁରୁତର, ୧୬୩ ଧାରା ଜାରି

ବାଲୁଗାଁ, : ମୁସଲିମ ସାହିର ଜଣେ ବ୍ୟକ୍ତି ନିଜ ଘର ନିର୍ମାଣ ପାଇଁ ଟ୍ରାକ୍ଟର ଦ୍ୱାରା ମାଟି ପକାଉଥିଲେ। ରାତିରେ ମାଟି ପକାଉ ଥିବାରୁ ଗୁଣ୍ଡୁରପୁର ସାହିର ଲୋକଙ୍କ ଶୋଇବାରେ ବ୍ୟାଘାତ ହେବା କାରଣରୁ ଏହାର ପ୍ରତିବାଦ ଜଣାଇ ଘର ନିର୍ମାଣ କରିଥିବା ବ୍ୟକ୍ତିଙ୍କୁ ରାତିରେ ମାଟି ନପକାଇବା ପାଇଁ ବାରଣ କରିଥିଲେ। ସାମାନ୍ୟ ବଚସାରୁ ଏହା ହାତାହାତି ଓ ସଙ୍ଘର୍ଷରେ ପରିଣତ ହୋଇଥିଲା। ଉଭୟ ପକ୍ଷରୁ ପଥର ମାଡ଼ ସହିତ ଠେଙ୍ଗା ମାଡ଼ ଆରମ୍ଭ ହୋଇ ଯାଇଥିଲା। ଏପରିକି ବଡ଼ ଧରଣର ସଙ୍ଘର୍ଷ ଆରମ୍ଭ ହେବା ସହିତ ପଥର ମାଡ଼ ଆରମ୍ଭ ହେବା ସହ ୨ଟି ବାଇକ ଜାଳି ଦେଇଥିଲେ। ଘଟଣା ଉଗ୍ରରୂପ ନେବା ସମୟରେ ଖବର ପାଇ ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ା ଓ ପୁଲିସ ଦଳ ଘଟଣା ସ୍ଥଳରେ ପହଞ୍ଚି ସଙ୍ଘର୍ଷକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । ଘଟଣା କ୍ରମଶଃ ଉଗ୍ରରୂପ ନେବା ସମୟରେ ଖୋର୍ଦ୍ଧା ଏସ୍ପି ସାଗରିକା ନାଥ ଓ ବାଲୁଗାଁ ଏସ୍ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ପହଞ୍ଚିଥିଲେ । ପଥର ମାଡ଼ରେ ଗୁଣ୍ଡୁରପୁର ସାହିର ୩ଜଣ ଯୁବକ ଗୁରୁତର ଆହତ ହୋଇଥିବା ବେଳେ ଘଟଣା ସକାଳୁ ନିୟନ୍ତ୍ରଣ ରହିଛି । ଘଟଣାରୁ ପ୍ରକାଶ ବାଲୁଗାଁ ମୁସଲିମ ସାହିର ଜଣେ ବ୍ୟକ୍ତି ନିଜ ଘର ନିର୍ମାଣ ପାଇଁ ଟ୍ରାକ୍ଟର ଦ୍ୱାରା ମାଟି ପକାଉଥିଲେ। ରାତିରେ ମାଟି ପକାଉ ଥିବାରୁ ଗୁଣ୍ଡୁରପୁର ସାହିର ଲୋକଙ୍କ ଶୋଇବାରେ ବ୍ୟାଘାତ ହେବା କାରଣରୁ ଏହାର ପ୍ରତିବାଦ ଜଣାଇ ଘର ନିର୍ମାଣ କରିଥିବା ବ୍ୟକ୍ତିଙ୍କୁ ରାତିରେ ମାଟି ନପକାଇବା ପାଇଁ ବାରଣ କରିଥିଲେ। ସାମାନ୍ୟ ବଚସାରୁ ଏହା ହାତାହାତି ଓ ସଙ୍ଘର୍ଷରେ ପରିଣତ ହୋଇଥିଲା। ଉଭୟ ପକ୍ଷରୁ ପଥର ମାଡ଼ ସହିତ ଠେଙ୍ଗା ମାଡ଼ ଆରମ୍ଭ ହୋଇ ଯାଇଥିଲା।ପୁଲିସ ଫୋର୍ସ ସହ ଘଟଣା ଉପରେ ଏସ୍ଡିପିଓ ଶ୍ରୀ ପଟ୍ଟନାୟକ ଓ ବାଲୁଗାଁ ପୁଲିସ ନଜର ରଖିଛନ୍ତି।

# ପୁରୀ ଜିଲ୍ଲାରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ



ପୁରୀ ସଶକ୍ତ ସମବାୟ, ସୁଦୃଢ଼ ସମାଜ ଓ ସମୃଦ୍ଧ ଜୀବନ ର ବାର୍ତ୍ତା ନେଇ ଆଜି ପୂର୍ବାହ୍ନରେ ସଂସ୍କୃତି ଭବନରେ ଆୟୋଜିତ ହୋଇଥିଲା ଆନ୍ତର୍ଜାତିକ ସମବାୟ ବର୍ଷ।ପୁରୀ ଜିଲ୍ଲା ସ୍ତରୀୟ ଏହି ଉତ୍ସବ କୁ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ସମାଜ କୁ ସୁଦୃଢ଼ ଓ ଆର୍ଥିକ ସମୃଦ୍ଧ କରିବାରେ ସମବାୟ ର ଭୂମିକା ଗୁରୁତ୍ୱପୂର୍ଣ୍ଣ।ବର୍ତ୍ତମାନ ସମବାୟ ଏକ ଜନ ଆନ୍ଦୋଳନ ରେ ପରିଣତ ହୋଇ ଆର୍ଥିକ ଅଭିବୃଦ୍ଧି ରେ ସହାୟକ ସହ ପରିବାର ମୁହଁରେ ହସ ଫୁଟାଇଛି।ଚଳିତ ବର୍ଷ ର ଥିମ ଭାବରେ ମହିଳା ମାନଙ୍କୁ ସମବାୟ ର ସହାୟତା ଏକ ବଡ ଉପଲବ୍ଧି।ଏହାକୁ ସମସ୍ତ ଙ୍କ ସହଯୋଗ ରେ ସଫଳ କରିବା ସହ ସମବାୟ ସହଯୋଗ ରେ ସମୃଦ୍ଧ ହେବା ବୋଲି ସେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଶରତ କୁମାର ବେହେରା, ଏଆରସିଏସ ସନାତନ ବେହେରା, ଏସିଏସଓ ରୀନା ସରୀତା,ପୁରୀ ନିମାପଡା କୋଅପରେଟିଭ ବ୍ୟାଙ୍କ ସିଇଓ ବନଶ୍ରୀ ମଲ୍ଲିକ, ଡେପୁଟି ଏଜିସିଏସ ଅକ୍ଷୟ କୁମାର ଦଳାଇ ପ୍ରମୁଖ ଯୋଗ ଦେଇ ସମବାୟ ସହଯୋଗ, ସମନ୍ୱୟ ଓ ସହଭାଗିତାର ବନ୍ଧନ।ଏହା ମାଧ୍ୟମରେ ଆମ ଅର୍ଥନୀତି ମଜବୁତ ହୋଇ ପାରିବ ବୋଲି କହିଥିଲେ।ଏଥିରେ ଅଧକ୍ଷତା କରି ଡିଆରସିଏସ ସୁନିତା ପତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସମବାୟ ବର୍ଷ ପାଳନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।କୃଷି ସମବାୟ ସମିତି ଗଠନ,ଲାମ୍ପସ ଓ ପ୍ୟାକସ ମାଧ୍ୟମରେ କୃଷି ଋଣ ପ୍ରଦାନ, ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ଖୋଲିବା ବ୍ୟବସ୍ଥା ହୋଇଛି ବୋଲି କହିଥିଲେ।ପୁରୀ ଜିଲ୍ଲାରେ ୨୪୫ ପ୍ୟାକ୍ସ କାର୍ଯ୍ୟ କରୁଛି।ଚଳିତ ବର୍ଷ ୧୧ ଲକ୍ଷ ୬୦ ହଜାର କ୍ୟୁଣ୍ଟାଲ ଧାନ ସଂଗ୍ରହ ର ଧାର୍ଯ୍ୟ ଲକ୍ଷ୍ୟ ଥିବା ବେଳେ ବିଭାଗ ୧୮ ଲକ୍ଷ ୫୨ହଜାର ୩୦୦ କ୍ୟୁଣ୍ଟାଲ ଧାନ ସଂଗ୍ରହ ସୂଚନା ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ କଣାସର ପଞ୍ଚୁ ପଦ୍ମ ମହିଳା ବହୁମୁଖୀ ସମବାୟ ସମିତି, ଅର୍କକ୍ଷେତ୍ର ବହୁମୁଖୀ ସମବାୟ ସମିତି, ଧାନ କ୍ରୟ ପାଇଁ ସୁରକ୍ଷା ୨୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସତ୍ୟ ଶାନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗୋବିନ୍ଦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୁରୀ ନିମାପଡା କେନ୍ଦ୍ର ସମବାୟ କେନ୍ଦ୍ର ବ୍ୟାଙ୍କ ଦ୍ୱାରା ୫ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ୧୦ ଲକ୍ଷ ଓ ୫ ଲକ୍ଷ ଟଙ୍କା ଋଣପ୍ରଦାନ କରାଯାଇଥିଲା।କାର୍ଯ୍ୟକ୍ରମରେ ଉଦଘୋଷକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

# ଦାମନଯୋଡ଼ିରେ ଶ୍ରୀରାମ ନବମୀ ପାଇଁ କଳସ ଯାତ୍ରା



ଦାମନଯୋଡ଼ି, :ନାଲକୋ ଟାଉନସିପ ସେକ୍ଟର-୧ ସ୍ଥିତ ମାରୁତି ମଣ୍ଡପ ଠାରେ ଚଳିତ ମାସ ୨୮ତାରିଖ ଠାରୁ ଏପ୍ରିଲ ୬ତାରିଖ ପର୍ଯ୍ୟନ୍ତ ୯ଦିନ ବ୍ୟାପି ଶ୍ରୀରାମନବମୀ ଉତ୍ସବ ପାଳିତ ହେଉଛି।ବିଭିନ୍ନ ଦିବସରେ ସ୍ୱତନ୍ତ୍ର ପୂଜା ସହିତ ଶ୍ରୀରାମ ଚରିତ ମାନସ ପାଠ,ପାରାୟଣ,ପ୍ରବଚନ, ଗୀତା ଯଜ୍ଞ,ଶ୍ରୀରାମ ସୀତାଙ୍କ ବିବାହ ଉତ୍ସବ,ସୁନ୍ଦରାକାଣ୍ଡ,ହନୁମାନ ଯଜ୍ଞ,ଚଣ୍ଡୀ ଯଜ୍ଞ,ଶ୍ରୀରାମ ନବମୀ ଓ ଅଭିଷେକ ଉତ୍ସ୍ୱ ସହିତ ପୂର୍ଣ୍ଣାହୂତି ଓ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବ।ଶୁକ୍ରବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା।ବହୁ ଶ୍ରଦ୍ଧାଳୁ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର ନରେନ୍ଦ୍ର ପୁଷ୍କରିଣୀରୁ ପୂଜାର୍ଚ୍ଚନା ପରେ କଳସରେ ଜଳ ଧରି ଶୋଭାଯାତ୍ରାରେ ଆସି ମଣ୍ଡପରେ ସ୍ଥାପନ କରିଥିଲେ।ସେହିପରି ଶ୍ରୀ ଜଗନ୍ନାଥ ମନ୍ଦିରରୁ ଶ୍ରୀ ହନୁମାନ,ପ୍ରଭୁ ଶ୍ରୀରାମଚନ୍ଦ୍ର,ଲକ୍ଷ୍ମଣଲାଲ ଜୀ ଓ ମାତା ଜାନକୀଙ୍କ ବିଗ୍ରହକୁ ମଧ ଘଣ୍ଟଘଣ୍ଟା,ହରିବୋଲ,ହୁଳହୁଳି ମଧ୍ୟରେ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ।ଆଜି ମଧ ଅଧିବାସ ସହିତ ମା'କଣ୍ଟାବାଉଁଶୁଣୀଙ୍କ ଠାରେ ପୂଜାର୍ଚ୍ଚନା କରାଯାଇଥିଲା।ପୂଜକ ପଣ୍ଡିତ ବଳରାମ ଦାଶ(ଭଦ୍ରକ) ଓ ପଣ୍ତିତ ଜଗନ୍ନାଥ ପଣ୍ଡା(କେଉଁଝର) ପୂଜାକାର୍ଯ୍ୟ କରିଥିଲେ।ଚଳିତ ବର୍ଷ ମହେଶ କୁମାର ପାଢ଼ୀ ଓ ପତ୍ନୀ ସ୍ନିଗଧା ପାଢ଼ୀ କର୍ତ୍ତା। ଦାୟିତ୍ୱ ତୁଲାଉଛନ୍ତି।ନାଲକୋ ସମୂହ ମହାପ୍ରବନ୍ଧକ ସଂଜୟ କୁମାର ପଟ୍ଟନାୟକ,ଅଧିକାରୀ କୈଳାସ ସେନାପତି ଓ ଧୀରେନ୍ଦ୍ର କୁମାର ବେହେରା ପ୍ରମୁଖ ପ୍ରଥମ ଦିବସରେ ପୂଜାମଣ୍ଡପ ପରିଦର୍ଶନ କରିଛନ୍ତି।ଶ୍ରୀରାମନବମୀ ପୂଜାକମିଟି ପକ୍ଷରୁ ସଭାପତି ତଥା ନାଲକୋ ସମୂହ ମହାପ୍ରବନ୍ଧକ ସଞ୍ଜୟ ଗୁପ୍ତା,ସମ୍ପାଦକ ଅନାମ ଚରଣ ନାୟକ, କୋଷାଧ୍ୟକ୍ଷ ଶୁକଦେବ ପଟ୍ଟାୟତଙ୍କ ସହିତ କର୍ମକର୍ତ୍ତା। ରଞ୍ଜୟ କୁମାର କାନୁନଗୋ,ରଞ୍ଜନ କୁମାର ବେହେରା,ସୁଜିତ କୁମାର ଜେନା,ମଧୁସୂଦନ ପଣ୍ଡା,ତ୍ରିଲୋଚନ ଚୌଧୁରୀ,ସଦାଶିବ ବେହେରା,ଡ.ଅଶୋକ କୁମାର ମହାନ୍ତି,ଉପେନ୍ଦ୍ର ପାଣିଗ୍ରାହୀ,ଲମ୍ବୋଦର ସ୍ୱାଇଁ,ରାଜୀବ ଜିରାଇ,ମିହିର କୁମାର ଜେନା,ଶାନ୍ତନୁ କୁମାର ସାମଲ,ସଦନ ଗୌଡ଼,ସିନ୍ଟିଲ କୁମାର,ଟୁକୁନା ସାହୁ ଓ ଅନୁଜ ଶୁକ୍ଲା ପ୍ରମୁଖ ପରିଚାଳନା କରିଥିଲେ।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଓଡ଼ିଶା ଡ୍ରାଇଭର ମହାସଂଘର ସେବା କାର୍ଯ୍ୟ



ବରଗଡ଼, )ଜିଲ୍ଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ତାଲପାଲି ଠାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଥାଏ । ପ୍ରତ୍ୟେକ ଦିନ ପାରାୟଣ ପଠନ, ବୈଠକି କୀର୍ତ୍ତନ,ଗଙ୍ଗା ଆରତୀ,ନାମଯଜ୍ଞ,ଇନ୍ଦ୍ରଦ୍ୟୁମ୍ନ ଦରବାର ଓ ମିନାବଜାର ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଗ୍ରାମବାସୀଙ୍କ ତରଫରୁ ପ୍ରତ୍ୟେକ ଦିନ ଏଠାରେ ଭକ୍ତ ମାନଙ୍କ ପାଇଁ ଅନ୍ନ ଛତ୍ରର ବ୍ୟବସ୍ଥା କରାଯାଇଥିଲା । ଅସମ୍ଭାଳ ଭିଡ଼କୁ ଆଖି ଆଗରେ ରଖି ଓଡ଼ିଶା ଡ୍ରାଇଭର ମହାସଂଘ ବୁଡ଼ାମାଲ ଗ୍ରାମପଞ୍ଚାୟତ ସଭାପତି ଶିବ ସାହୁଙ୍କ ନେତୃତ୍ୱରେ ଦହିତା, କଟାବାହାଲ ଓ ବୁଡ଼ାମାଲ ସଂଘର ଉପସଭାପତି ପିତାମ୍ବର ମେହେର,ସମ୍ପାଦକ ଦିଲ୍ଲୀପ ବେହେରା, ବିଜୟ ରଞ୍ଜନ ମେହେର, ଦହିତା ସଭାପତି କିଶୋର ବଡମାଲି,ଡମ୍ବରୁଧର ମେହେର,କୋଷାଧ୍ୟକ୍ଷ ରମେଶ ରଣା,ଜଗନ୍ନାଥ ପଧାନଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଯୋଗ ଦେଇ ସକାଳ ୧୦ଟା ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ହଜାର ହଜାର ଲୋକଙ୍କୁ ପ୍ରସାଦ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତେ ଯାତ୍ରା ଦେଖିବାରେ ବ୍ୟସ୍ତ ଥିବା ସମୟରେ ଡ୍ରାଇଭର ମାନଙ୍କ ଏଭଳି ସେବା କାର୍ଯ୍ୟକୁ ଦେଖି ପୂଜା କମିଟି ଓ ଗ୍ରାମବାସୀ ଖୁବ ପ୍ରଶଂସା କରିଥିବା ବେଳେ ଶବର ରାଜା ବିଶ୍ୱାବସୁଙ୍କ ଦରବାରରେ ରାଜା ବିଶ୍ୱାବସୁ କମିଟିର ସଭାପତି ତଥା ଗ୍ରାମର ଗୌନ୍ତିଆ ମନୋରଞ୍ଜନ ସାହୁ ଏବଂ ସମ୍ପାଦକ ଶେଷଦେବ ଦାଶ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

# ୫୭ ନମ୍ବର ଜାତୀୟ ରାଜପଥରେ ବସ୍- କାର୍ ମୁହାଁମୁହିଁ ଧକ୍କା, ଦୁଇ ମୃତ



ଖୋର୍ଦ୍ଧା, : ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ପିଚୁକୁଳି ନିକଟ ଆଦର୍ଶ ବିଦ୍ୟାଳୟ ନିକଟରେ ଭୁବନେଶ୍ୱରରୁ ବିଶାଖା ନାମକ ଯାତ୍ରୀବାହୀ ବସ୍ ନୟାଗଡ଼ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଭୁବନେଶ୍ୱର ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ମାରୁତି ସେଲେରିଓ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ଏବଂ କାରରେ ଥିବା ଜଣେ ମହିଳା ଓ ପୁରୁଷ କାର ଭିତରେ ଚାପି ହୋଇ ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଛି। ସେପଟେ ଦୁର୍ଘଟଣାଗ୍ରସ୍ତ ବସଟି ରାସ୍ତାକଡ଼କୁ ପଶି ଯାଇଥିବା ବେଳେ ବସରେ ଥିବା ଦୁଇଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି ।ସୂଚନା ଅନୁଯାୟୀ, ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ପିଚୁକୁଳି ନିକଟ ଆଦର୍ଶ ବିଦ୍ୟାଳୟ ନିକଟରେ ଭୁବନେଶ୍ୱରରୁ ବିଶାଖା ନାମକ ଯାତ୍ରୀବାହୀ ବସ୍ ନୟାଗଡ଼ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଭୁବନେଶ୍ୱର ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ମାରୁତି ସେଲେରିଓ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ଏବଂ କାରରେ ଥିବା ଜଣେ ମହିଳା ଓ ପୁରୁଷ କାର ଭିତରେ ଚାପି ହୋଇ ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଛି। ସେପଟେ ଦୁର୍ଘଟଣାଗ୍ରସ୍ତ ବସଟି ରାସ୍ତାକଡ଼କୁ ପଶି ଯାଇଥିବା ବେଳେ ବସରେ ଥିବା ଦୁଇଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି।ଘଟଣା ସ୍ଥଳରେ ବେଗୁନିଆ ପୁଲିସ ପହଞ୍ଚିବାରେ ବିଳମ୍ବକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ସେପଟେ ମୃତକଙ୍କ ପରିଚୟ ମିଳିନଥିବା ବେଳେ ଉଭୟ ଦମ୍ପତି ହୋଇଥିବା ଅନୁମାନ କରାଯାଉଛି।

## ଜିଲ୍ଲା ସ୍ତରୀୟ ' ନିପୁଣ ଓଡିଶା ମେଳା' ୨୦୨୪-୨୫ ମହା ସମାରୋହରେ ଅନୁଷ୍ଠିତ



ନବରଙ୍ଗପୁର, : ସ୍ଥାନୀୟ ଜିଲ୍ଲା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ,ନବରଙ୍ଗପୁର ଠାରେ ଜିଲ୍ଲା ସ୍ତରୀୟ ' ନିପୁଣ ଓଡିଶା ମେଳା' ୨୦୨୪-୨୫ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ! ଏହି କାର୍ଯ୍ୟକ୍ରମ ପ୍ରଥମ ରୁ ତୃତୀୟ ଶ୍ରେଣୀ ର ପିଲାମାନଙ୍କ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ର ଉନ୍ନତି ପାଇଁ ଉଦ୍ଦିଷ୍ଟ ! ଏହି କାର୍ଯ୍ୟକ୍ରମ କୁ ଜିଲ୍ଲାପାଳ ତଥା ଅଧକ୍ଷ, ସମଗ୍ର ଶିକ୍ଷା, ଡ. ଶୁଭଙ୍କର ମହାପାତ୍ର ଉଦଘାଟନ କରିଥିବା ବେଳେ 'ବିଦ୍ୟାଳୟ ରେ ଶିକ୍ଷାଦାନ ସହିତ ଉଚିତ୍ ଶିକ୍ଷଣ ସାମଗ୍ରୀ ର ଚୟନ ହିଁ ପ୍ରକୃତ ଶିକ୍ଷକ ର ପରିଚୟ' ର ବାର୍ତ୍ତା ରଖିଥିଲେ ! ବରେଣ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧକ୍ଷା ଲିପିକା ବାରୋଇ, ପି.ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ନବରଙ୍ଗପୁର ର ଅଧକ୍ଷ ହିତେଶ ବର୍ମା,ସମସ୍ତ ବ୍ଲକ ର ଗୋଷ୍ଠି ଶିକ୍ଷା ଅଧିକାରୀ,ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ନବରଙ୍ଗପୁର ର ଅଧକ୍ଷ ଓ ପିରାମଲ ଫାଉଣ୍ଡେସନ ର ଜିଲ୍ଲା ପ୍ରତିନିଧି ଯୋଗ ଦେଇଥିଲେ ! ଉକ୍ତ କାର୍ଯ୍ୟକ୍ରମ କୁ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ପରିଚାଳନା କରିଥିବା ବେଳେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରେଶମଲାଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ! କାର୍ଯ୍ୟକ୍ରମ ରେ ୧୦ ଗୋଟି ବ୍ଲକରୁ ୧୦୦ ରୁ ଉର୍ଦ୍ଧ୍ୱ ଶିକ୍ଷକ ଙ୍କ ଦ୍ୱାରା ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିବା ସହ,ସମଗ୍ର ଶିକ୍ଷା ତରଫରୁ ୨ ଗୋଟି ଶିକ୍ଷଣ ସାମଗ୍ରୀ ଷ୍ଟଲ ପ୍ରଦର୍ଶନୀ କରାଯାଇଥିଲା ! ଏହା ସହିତ ଜିଲ୍ଲା ପ୍ରୟୋଗଶାଳା ର ୩୦ ଜଣ ଶିଶୁ ଙ୍କ ସହ ସେମାନଙ୍କ ପିତାମାତା ଓ ଅଭିଭାବକ ଯୋଗ ଦେଇ ଶିକ୍ଷଣ ସାମଗ୍ରୀ ଷ୍ଟଲ୍ ଗୁଡ଼ିକ ବୁଲି ଦେଖିଥିଲେ ! ସମାବର୍ତ୍ତନ ସମାରୋହ ରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର ଯୋଗଦେଇଥିଲେ ! ଏହି କାର୍ଯ୍ୟକ୍ରମ ରେ ଡାବୁଗାଁ ବ୍ଲକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ରାଇଘର ଓ ଚନ୍ଦାହାଣ୍ଡି ବ୍ଲକ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ! ଏହା ସହ ଅନ୍ୟ ସମସ୍ତ ବ୍ଲକ କୁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା ! ଏହି କାର୍ଯ୍ୟକ୍ରମ କୁ ଶୈକ୍ଷିକ ସଂଯୋଜକ କବିତା ପଣ୍ଡା ସଂଯୋଜନା କରିଥିଲେ ! ଏଥିରେ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ! ନବରଙ୍ଗପୁର ରୁ ରଞ୍ଜିତ ନାୟକ ଙ୍କ ରିପୋର୍ଟ ଉତ୍କଳ ମେଲ !

# ମଦ ଭାଟି ଉପରେ ଚଢାଉ, ଜଣେ ଗିରଫ



ତିହିଡି, ଆବ୍କନ ମୁଡରେ ତିହିଡିର ନୂତନ ଥାନାଧିକାରୀ।ଦ୍ୱିତୀୟ ଦିନରେ ଦେଶୀ ମଦ ହବ୍ ସେଣ୍ଟର ଉପରେ ଚଢାଉ । ବିପୁଳ ପରିମାଣରେ ଦେଶୀ ମଦ ଓ ପୋଚ ନଷ୍ଟ । ସୂଚନା ଅନୁଯାୟୀ, ତିହିଡି ଥାନାର ନୂତନ ଥାନାଧିକାରୀ ସତ୍ୟବ୍ରତ ଗ୍ରାହାଚାର୍ଯ୍ୟଙ୍କ ନେତୃତ୍ୱରେ ଗତକାଲି ତାଳପଦା ଗ୍ରାମରେ ଦୁଇ ଜାଗା, ଦେଶୀ ମଦ ଭାଟି ଉପରେ ଚଢାଉ କରାଯାଇଥିଲା । ବିପୁଳ ପରିମାଣରେ ଦେଶୀ ମଦ ଓ ପୋଚ ନଷ୍ଟ କରିବା ସହିତ ୧ଜଣକୁ ଗିରଫ କରାଯାଇଛି ।ଆସାମୀ ହେଲେ ତାଳପଦା ଗ୍ରାମର କାର୍ତ୍ତିକ ସାହୁଙ୍କ ପୁଅ ହୃଷିକେଶ ସାହୁ,ବୟସ ୪୫ ।ଓଡିଶା ଅବକାରୀ ଅଧିନିୟମ ଅନୁସାରେ ପିଏସ କେସ ନଂ ୧୨୦/୨୫.୦୩.୨୫ ମୂଳେ ଏକ ମାମଲା ରୁଜୁ କରାଯାଇ ଆସାମୀକୁ କୋର୍ଟ ଚାଲାଣ କରାଯାଇଛି ।ଏହି ଚଢାଉରେ ଏସଆଇ ଅରୁନ୍ଧତୀ ବେହେରା ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ ।

# ଠାକୁରଗଡ଼ କ୍ରିକେଟ ଟିମ ଆନୁକୂଲ୍ୟରେ ରାତ୍ରି କାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପନୀ



ଆଠମଲ୍ଲିକ : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ଠାକୁରଗଡ଼ କ୍ରିକେଟ ଟିମ ଆନୁକୂଲ୍ୟରେ ରାତ୍ରିକାଳୀନ କ୍ରିକେଟ ଉଦଯାପିତ ହୋଇଯାଇଛି କ୍ଷ ଉକ୍ତ ଉତ୍ସବ ରେ ଆଠମଲ୍ଲିକ ବାର ଆସୋସିଏସନ ର ସଭାପତି ଆଡ଼ଭୋକେଟ ସୁଶାନ୍ତ କୁମାର ମହାପାତ୍ର ମୁଖ୍ୟ ଅଥିତି ଭାବେ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ କ୍ଷ ବିଭୂ ସେନାପତି,ପୂର୍ବତନ ଖେଳ ଶିକ୍ଷକ ଦିବାକର ପ୍ରଧାନ , ସମାଜସେବୀ ଶତ୍ରୁଘନ ସାହୁ ,ଦିଲ୍ଲୀପ ଖୁଣ୍ଟିଆ, ଶୁଭକାନ୍ତ ପ୍ରଧାନ,ସଂମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ କ୍ଷ ଉକ୍ତ ଖେଳରେ ୧୬ ଗୋଟି କ୍ରିକେଟ ଟିମି ଭାଗ ନେଇଥିବା ବେଳେ ସାନହୁଲା ଟିମ ଓ ଆନନ୍ଦପୁର ଟିମ ଫାଇନାଲ ଯାଇଥିଲା କ୍ଷ ଫାଇନାଲ ମ୍ୟାଚ ରେ ଆନନ୍ଦପୁର ଟିମ ସାନହୁଲା ଟିମ କୁ ହରାଇ ଚମ୍ପିୟାନ ହୋଇ ମୁଖ୍ୟ ଅତିଥି ଙ୍କ ଠାରୁ ଅର୍ଥ ରାଶି ଗ୍ରହଣ କରିଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମ କୁ ଦେବାଶିଷ ସାହୁ,ରାଜୀବ ସାହୁ, ଅଜିତ ବିଶ୍ୱାଳ, ଚନ୍ଦନ ଦେଓ, ସୁମନ୍ତ ସାହୁ, ଶକ୍ତି ପ୍ରସାଦ ସାହୁ,ଚିକୁ ନାୟକ,ସୁନିଲ ଲହରା,ଅଶୋକ ସାହୁ, ଜିତେନ୍ଦ୍ର ଦେହୁରୀ, ସମେତ ଠାକୁରଗଡ଼ କ୍ରିକେଟ ଟିମ ର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଶାନ୍ତି ଶୃଙ୍ଖଳା ରେ ପରିଚାଳନା କରିଥିଲେ କ୍ଷ ଆଖପାଖ ଅଞ୍ଚଳ ର ବହୁ ସଂଖ୍ୟାରେ କ୍ରିକେଟ ପ୍ରେମୀ ଉପସ୍ଥିତ ରହି ଖେଳକୁ ଉପଭୋଗ କରିଥିଲେ।

ସଂପାଦକୀୟ

# ନିଶା ମୁକ୍ତି !

ଆମେରିକୀୟ ସମାଜବିଜ୍ଞାନୀ ସ୍କଟ୍? ଜେ. ମୁଲିଗନ୍?ଙ୍କ ଏକ ସ୍ୱଅନୁଭୂତି ସଂବଳିତ କଥାଟିଏ ସ୍ମରଣକୁ ଆସିଥାଏ, ଯାହା ସେ ଏକ 'ପଡ୍?କାଷ୍ଟ'ରେ କହିଥିଲେ। କଥାଟି ଏହିପରି: ଦିନକୁ ପ୍ରାୟ ନଅ ଘଣ୍ଟା ସ୍ମାର୍ଟଫୋନ୍?ରେ ବିତାଉଥିବା ଜଣେ ବାର ବର୍ଷର ବାଳକକୁ ସେ ଯେତେବେଳେ ପ୍ରଶ୍ନ କରିଥିଲେ ଯେ ତା' ବାପାମା' ତାକୁ ଏଥିରୁ ନିବୃତ୍ତ କରନ୍ତି ନାହିଁ କି? ବାଳକଟିର ଉତ୍ତର ଥିଲା, 'କରିବେ କେମିତି? ସେମାନେ ବି ତ ସେଥିରେ ବୁଡ଼ି ରହିଥାଆନ୍ତି!'ଗଲା ଗୁରୁବାର ଦିନ ଅଷ୍ଟ୍ରେଲିଆରେ ଏକ ନୂତନ ଆଇନ ବଳରେ ଷୋହଳ ବର୍ଷ ବୟସରୁ କମ୍? ବୟସ୍କଙ୍କ ଲାଗି ସାମାଜିକ ଗଣମାଧ୍ୟମର ବ୍ୟବହାରକୁ ନିଷେଧ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଏଭଳି ପଦକ୍ଷେପ ନେବାରେ ଅଷ୍ଟ୍ରେଲିଆ ହେଉଛି ପୃଥିବୀରେ ପ୍ରଥମ, ଯାହା ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକର ପ୍ରତିଷ୍ଠାତା-ପରିଚାଳକମାନଙ୍କ ମଧ୍ୟରେ ଭ୍ରୂକୁଂଚନ ଓ ଏହାର ସଫଳତା ନେଇ ସନ୍ଦେହ ସୃଷ୍ଟି କରିଛି। ଯଦିଓ, ଅଧିକାଂଶ ପ୍ରାପ୍ତବୟସ୍କ ଅଷ୍ଟ୍ରେଲୀୟ ଏଭଳି ପଦକ୍ଷେପର ସମର୍ଥନ କରନ୍ତି, ସେମାନେ ମଧ୍ୟ ଏହି ନିଷେଧାଦେଶର ରୂପାୟନ ଓ ଫଳପ୍ରଦତା ନେଇ ସନ୍ଦିହାନ। ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୈ?ଶୋରରୁ ପିଲାମାନେ ସାମାଜିକ ଗଣମାଧ୍ୟମର ସର୍ବଭୁକ୍? ବୁଭୁକ୍ଷା ମଧ୍ୟକୁ ଶୋଷି ହୋଇଯାଇ ତା' ଭିତରେ ଜୀର୍ଣ୍ଣ ହୋଇ ଚାଲିଥିବାରୁ ପୃଥିବୀର ସର୍ବତ୍ର ପିତାମାତାମାନେ ଅତ୍ୟନ୍ତ ବିବ୍ରତ। ଏଣେ, ନୂତନ ରୋମାଂଚର ଆବିଷ୍କାର ଓ ଆହରଣରେ ତୀବ୍ର ଆଗ୍ରହ, ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶ କରିବାର ଦୁର୍ବାର କାମନା ଓ ପ୍ରଚଳିତ ସାମାଜିକ ନିୟମଗୁଡ଼ିକୁ ପ୍ରଶ୍ନ ଓ ଅବଜ୍ଞା କରିବାର ଇଚ୍ଛା ଭଳି କାରଣରୁ କିଶୋର-କି?ଶୋରୀମାନେ ଅତି ସ୍ୱାଭାବିକ ଭାବେ ସାମାଜିକ ଗଣମାଧ୍ୟମର ଦିଗନ୍ତ ବିସ୍ତାରୀ କ୍ଷେତ୍ରରେ ଭବଘୂରା ଭଳି ଘୂରିବୁଲି ଦିଗହରା ଓ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି। ସୁତରାଂ, ଏଭଳି ଏକ ସଙ୍ଗିନ ପରିସ୍ଥିତିରେ ଏହି ନିଷେଧାଦେଶ ବା ସେଭଳି କୌ?ଣସି ପଦକ୍ଷେପର ଯଥାର୍ଥତା ଓ ଫଳପ୍ରଦତା ଏକ କ୍ଷୁଦ୍ର ଆଲୋଚନା ସକାଶେ ଅବକାଶ ସୃଷ୍ଟି କରିଥାଏ।କହିବା ବାହୁଲ୍ୟ, ସାମାଜିକ ଗଣମାଧ୍ୟମର ରସରେ ପରିପ୍ଲୁତ ଅସଂଖ୍ୟ କିଶୋର-କିଶୋରୀ ଅଶ୍ଳୀଳତାର ଅସରନ୍ତି ବଜାର ଓ ଜୁଆ ଆଡ୍?ଡାମାନରେ ଦେଖିବାକୁ ମିଳୁଛନ୍ତି; ବିକୃତ ଚିନ୍ତା ଓ କଦର୍ଯ୍ୟ ରୁଚିବୋଧର ଅଧିକାରୀ ହେଉଛନ୍ତି; ପାଠପଢ଼ା ବା ଭବିଷ୍ୟତ୍? ନିର୍ମାଣର ଆଧାରଗୁଡ଼ିକ ସେମାନଙ୍କ ଠାରେ ଭୁଶୁଡ଼ି ପଡୁଛି। କେବଳ ସେତିକି ନୁହେଁ, ମନୋବିଜ୍ଞାନୀମାନେ କହିଥାଆନ୍ତି ଯେ ସାମାଜିକ ଗଣମାଧ୍ୟମରେ ନିବିଷ୍ଟ ଅଳ୍ପ ବୟସର ପିଲାମାନେ ଘୋର ଉଦ୍?ବେଗ ଓ ବିଷାଦର ଶିକାର ମଧ୍ୟ ହୁଅନ୍ତି, ଯାହା ପରବର୍ତ୍ତୀ କାଳରେ ସେମାନଙ୍କ ବ୍ୟକ୍ତିତ୍ୱରେ ଦୃଶ୍ୟମାନ ହୋଇଥାଏ। ଜଣାପଡ଼ିଛି ଯେ ସାମାଜିକ ଗଣମାଧ୍ୟମର ପ୍ରାଦୁର୍ଭାବରୁ ସ୍କୁଲ ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଚଞ୍ଚଳମନା ହୋଇ ଉଠି ମାତ୍ର ନଅ ସେକେଣ୍ଡ (ହାରାହାରି)ରୁ ଅଧିକ ସମୟ ଏକାଗ୍ର ଚିତ୍ତ ହୋଇ ରହିପାରୁ ନାହାନ୍ତି। ବନ୍ଧୁତା ସୃଷ୍ଟି ଲାଗି ଉଦ୍ଦିଷ୍ଟ 'ଫେସ୍?ବୁକ୍?' ଭଳି ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ କିଭଳି ନିଃସଙ୍ଗତା ଓ ବିଷଣ୍ଣବୋଧ ସୃଷ୍ଟି କରନ୍ତି, ତାହାକୁ ପ୍ରାଂଜଳ କରି ମନୋବିଜ୍ଞାନୀମାନେ କହନ୍ତି ଯେ ସାମାଜିକ ଗଣମାଧ୍ୟମରେ ପ୍ରତ୍ୟହ ଆବିର୍ଭୂତ ହେଉଥିବା କୋଟି କୋଟି ସଂଖ୍ୟାର ଫଟୋଗୁଡ଼ିକ ଏକ ଧାରଣା ସୃଷ୍ଟି କରନ୍ତି ଯେ ସତେ ଯେମିତି ସେଥିରେ ଦୃଶ୍ୟମାନ ହେଉଥିବା ଚରିତ୍ର ଓ ପରିବାରଗୁଡ଼ିକ ଅତ୍ୟନ୍ତ ସୁଖୀ ତଥା ପରିପୂର୍ଣ୍ଣ ଏବଂ ସେମାନଙ୍କ ସକାଶେ ଜୀବନ ଏକ ଅନ୍ତହୀନ ଉତ୍ସବ। ଏହାକୁ ଦେଖି ଅସଂଖ୍ୟ ସାଧାରଣ ଲୋକ ନିଜ ଜୀବନର କର୍କଶ ବାସ୍ତବତା ପରି?ପ୍ରେକ୍ଷୀରେ ଗଭୀର ମୁହ୍ୟମାନ ହୋଇପଡ଼ନ୍ତି, ଯାହା ଅନେକ ସମୟରେ ଅତ୍ୟନ୍ତ ତୀବ୍ର ହୋଇ ଆତ୍ମଘାତ ବା ଆତ୍ମହତ୍ୟାର କାରଣ ମଧ୍ୟ ହୋଇଥାଏ। କିନ୍ତୁ ସେମାନେ ପାସୋରି ଯାଆନ୍ତି ଯେ ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ଊଣାଅଧିକେ ସେହି ଏକା ଭଳି ନର୍କ ଭୋଗ କରନ୍ତି, ଅଥଚ କେତେକ ସୁନିର୍ବାଚିତ କ୍ଷଣର ସ୍ଥିରଚିତ୍ରମାନ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ କରିଥାଆନ୍ତି ଯାହା! ଡାକ୍ତରମାନେ କହନ୍ତି ଯେ ସାମାଜିକ ଗଣମାଧ୍ୟମରେ ପ୍ରବେଶ କରିବା ମାତ୍ରେ ତତ୍?କ୍ଷଣାତ୍? ମିଳୁଥିବା ସୁଖବୋଧର କାରଣ ହେଉଛି ମସ୍ତିଷ୍କରେ 'ଡୋପାମିନ୍?'ର କ୍ଷରଣ, ଯାହା କୌ?ଣସି ନିଶାସକ୍ତ ବ୍ୟକ୍ତି ଠାରେ ଘଟିଥାଏ, ଯେତେବେଳେ ସେ ଲୋଡୁଥିବା ନିଶା ଦ୍ରବ୍ୟଟି ତା' ହାତକୁ ଚାଲିଆସେ। ସୁତରାଂ, ସାମାଜିକ ଗଣମାଧ୍ୟମରେ ପ୍ରବେଶ କରିବାର ଇଚ୍ଛା କେବଳ ଏକ ନିରୀହ ଆଗ୍ରହ ମାତ୍ର ନୁହେଁ। ଏହା ଏକ ଦୁର୍ବାର ନିଶା, ଯାହାର ଲକ୍ଷଣ ହେଲା ପ୍ରାତଃ କାଳରେ ଶଯ୍ୟା ତ୍ୟାଗ କରିବା ମାତ୍ରକେ ସର୍ବ ପ୍ରଥମେ ସ୍ମାର୍ଟଫୋନ୍?କୁ ଲୋଡ଼ା ଯିବା!

ଏଭଳି ଏକ ଦୃଶ୍ୟପଟଟେ?ର କିଶୋରାବସ୍ଥାରେ ଥିବା ପିଲାମାନଙ୍କ ଭବିଷ୍ୟତ୍? ନେଇ ଅତ୍ୟନ୍ତ ବିବ୍ରତ କେତେକ ମା' ଯୁକ୍ତରାଷ୍ଟ୍ର ଆମେରିକାରେ କରିଥିବା ଲିଖିତ ଅଭିଯୋଗମାନ ପରିପ୍ରେକ୍ଷୀରେ 'ଫେସ୍?ବୁକ୍?'ର ପ୍ରତିଷ୍ଠାତା-ସ୍ୱତ୍ୱାଧିକାରୀ ମାର୍କ ଜୁକ?ର୍ବର୍ଗଙ୍କୁ ଏକ ଗମ୍ଭୀର ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ପଡ଼ିଥିଲା। କହିବା ବାହୁଲ୍ୟ, ଅଧିକାଂଶ ଉଦ୍?ବିଗ୍ନ ପିତାମାତା ଚାହାନ୍ତି ଯେ 'ଡିଜିଟାଲ ପୃଥିବୀ'କୁ ପ୍ରଦୂଷଣମୁକ୍ତ କରିବାର ଦାୟିତ୍ୱ ମାର୍କ ଜୁକ?ର୍ବର୍ଗଙ୍କ ଭଳି ପ୍ରତୀୟମାନ ବିଶ୍ୱ (ଭର୍ଚୁଆଲ୍? ୱ୍ୱାର୍ଲଡ୍?)ର ପ୍ରତିଷ୍ଠାତା ଈଶ୍ୱରମାନେ ନିଅନ୍ତୁ, ଯେଉଁମାନେ ବ୍ୟବହାରକାରୀଙ୍କ 'ଡେଟା' ବିକ୍ରୟ କରି ଅପରିମେୟ ଅର୍ଥ ଉପାର୍ଜନ କରି ଚାଲିଥିବା ସତ୍ତ୍ୱେ ସାମାଜିକ ଦାୟିତ୍ୱବୋଧ ପ୍ରଦର୍ଶନ ସଂଦର୍ଭରେ ଅନାଗ୍ରହୀ ରହନ୍ତି। କିନ୍ତୁ ଏକ ବାସ୍ତବତା ହେଲା, ସାମାଜିକ ଗଣମାଧ୍ୟମ ମଞ୍ଚର ନିୟନ୍ତ୍ରଣ ଆଉ ସେହି ସ୍ରଷ୍ଟାମାନଙ୍କ କ୍ଷମତାଧୀନ ହୋଇ ରହିନାହିଁ। କେବଳ ସେତିକି ନୁହେଁ, ଏହା ମଧ୍ୟ ସମସ୍ତେ ହୃଦ୍?ବୋଧ କରନ୍ତି ଯେ ସରକାରୀ କଟକଣା ବା ନିଷେଧାଦେଶ ଏକ ଯଥାର୍ଥ ଉତ୍ତର ନୁହେଁ, କାରଣ ସାମାଜିକ ଗଣମାଧ୍ୟମର ବରଦାନ ମଧ୍ୟ ପୃଥିବୀ ଓ ଜନସମାଜକୁ ବିଭିନ୍ନ ସୂତ୍ରରୁ ସମୃଦ୍ଧ କରିଛି। ସୁତରାଂ, ଅନେକଙ୍କ ମତରେ ଏହାକୁ ନିଷେଧ କରିବା ଭଳି ପଦକ୍ଷେପ କେବଳ ଅବାସ୍ତବ ନୁହେଁ, ଅପରିପକ୍ୱ ମଧ୍ୟ! ଉଲ୍ଲେଖଯୋଗ୍ୟ ଯେ ଅଠର ବର୍ଷ ବୟସରୁ କମ୍? ବୟସ୍କଙ୍କ ଲାଗି ଇଣ୍ଟ?ର୍ନେଟ୍? ବାରଣ ଭଳି ଏକ ବ୍ୟବସ୍ଥା ୨୦୧୧ ମସିହାରେ ଦକ୍ଷିଣ କୋରିଆରେ ପ୍ରବର୍ତ୍ତିତ ହୋଇଥିଲେ ମଧ୍ୟ ସୂଚନା ପାଇବାର ମୌ?ଳିକ ଅଧିକାର ହରାଇଥିବା କାରଣରୁ କ୍ରମେ ପ୍ରତିବାଦ ମୁଖର ହୋଇଥିଲା ଏବଂ ସେ ବ୍ୟବସ୍ଥା ଅଗତ୍ୟା ହଟି ଯାଇଥିଲା। ଅନେକ ଗଣତନ୍ତ୍ରରେ ଏହି କାରଣରୁ ସାମାଜିକ ଗଣମାଧ୍ୟମ ଉପରେ କଟକଣା ଲଗାଇବା ମଧ୍ୟ ସମ୍ଭବ ହୋଇପାରୁନାହିଁ। ତେଣୁ ବାଲ୍ୟକାଳ ଓ କୈ?ଶୋର କିଭଳି ସାମାଜିକ ଗଣମାଧ୍ୟମର ପ୍ରଦୂଷଣରୁ ଦୂରେଇ ରହିବ, ସେ ନେଇ ମାନସ ମନ୍ଥନ ଓ ଚିନ୍ତନର ଆବଶ୍ୟକତା ରହିଛି। ଏଭଳି ସ୍ଥଳେ ଚୀନରେ ଗୃହୀତ ଏକ ପନ୍ଥାକୁ ଅଭିନବ ବୋଲି କୁହାଯାଇପାରେ, ଯହିଁରେ 'ଇଣ୍ଟରନେଟ୍? ନିଶା ନିବାରଣ କେନ୍ଦ୍ର'ମାନ ଗଢ଼ି ଉଠିଲାଣି। ସେଠାରେ ଜୀବନଶୈ?ଳୀରେ ପରିବର୍ତ୍ତନ ଘଟାଇ, ବ୍ୟାୟାମ, ପୋଷା ଜନ୍ତୁ ଓ ଆତ୍ମୀୟମାନଙ୍କ ସହିତ ମନୋଜ୍ଞ ସଂପର୍କର ସୂତ୍ର ସୃଷ୍ଟି କରି ଏବଂ ସର୍ଜନଶୀଳ କାର୍ଯ୍ୟରେ ମନୋନିବେଶ କରାଇ ଏହି ନିଶାରୁ ନିବୃତ୍ତି ସକାଶେ ଉଦ୍ୟମ କରାଯାଉଛି। ଅନେକଙ୍କ ମତରେ ନିଷେଧାଦେଶ ପରିବର୍ତ୍ତେ ଏଭଳି ଉଦ୍ୟମ ଅଧିକ ଫଳପ୍ରସୂ ହୋଇପାରେ। ସୁତରାଂ, ବିକଳ୍ପ ଚିନ୍ତନର ଆବଶ୍ୟକତା ମଧ୍ୟ ମହତ୍ତ୍ୱପୂର୍ଣ୍ଣ।

ଅଷ୍ଟ୍ରେଲିଆର ନୂତନ ପ୍ରାବଧାନ ଅନୁସାରେ ବର୍ଷକ ପରେ ଯାଇ ହିଁ ଏହି ନିଷେଧାଦେଶ କାର୍ଯ୍ୟକାରୀ ହେବ। ଏହା ହେଲେ ସ୍ମାର୍ଟଫୋନ୍ ବିବର୍ଜିତ କିଶୋର-କିଶୋରୀମାନେ ସହସା ଅବଲମ୍ବନଶୂନ୍ୟ ହୋଇ ଏକ ଅତ୍ୟନ୍ତ ଅସ୍ଥିର ସ୍ଥିତିରେ ନିଜକୁ ଆବିଷ୍କାର କରିପାରନ୍ତି। ଏତିକିବେଳେ ସେମାନଙ୍କ ପିତାମାତା, ପରିବାରବର୍ଗ ତଥା ସେମାନଙ୍କ ପରିବେଷ୍ଟନୀ ଓ ପରିବେଶ ସେମାନଙ୍କୁ ସହାୟତା ପ୍ରଦାନ କରିବା ଲାଗି ସଦା ଉପସ୍ଥିତ ରହିବା ଜରୁରି। ଏହି କଥା ଲେଖିଲାବେଳେ ଆମେରିକୀୟ ସମାଜବିଜ୍ଞାନୀ ସ୍କଟ୍? ଜେ. ମୁଲିଗନ୍?ଙ୍କ ଏକ ସ୍ୱଅନୁଭୂତି ସଂବଳିତ କଥାଟିଏ ସ୍ମରଣକୁ ଆସିଥାଏ, ଯାହା ସେ ଏକ 'ପଡ୍?କାଷ୍ଟ'ରେ କହିଥିଲେ। କଥାଟି ଏହିପରି: ଦିନକୁ ପ୍ରାୟ ନଅ ଘଣ୍ଟା ସ୍ମାର୍ଟଫୋନ୍?ରେ ବିତାଉଥିବା ଜଣେ ବାର ବର୍ଷର ବାଳକକୁ ସେ ଯେତେବେଳେ ପ୍ରଶ୍ନ କରିଥିଲେ ଯେ ତା' ବାପାମା' ତାକୁ ଏଥିରୁ ନିବୃତ୍ତ କରନ୍ତି ନାହିଁ କି? ବାଳକଟିର ଉତ୍ତର ଥିଲା, 'କରିବେ କେମିତି? ସେମାନେ ବି ତ ସେଥିରେ ବୁଡ଼ି ରହିଥାଆନ୍ତି!' ସୁତରାଂ, ଅଷ୍ଟ୍ରେଲୀୟ ନିଷେଧାଦେଶ ପରିପ୍ରେକ୍ଷୀରେ ଆଶା କରିବା ଯେ ପିଲାମାନେ ସାମାଜିକ ଗଣମାଧ୍ୟମର ବାହୁଫାଶରୁ ମୁକ୍ତ ହୋଇଗଲେ ବୋଲି ସ୍ୱସ୍ତିର ନିଃଶ୍ୱା?ସ ମାରି ସେମାନଙ୍କ ପିତାମାତାମାନେ ଅନ୍ତତଃ ନିଜ ନିଜ ସ୍ମାର୍ଟଫୋନ୍?ରେ ବୁଡ଼ି ଯିବେ ନାହିଁ!

# ଓଡ଼ିଆ ଅସ୍ମିତା ଓ କଟକର ତାରକସି

**ପୂର୍ଣ୍ଣେନ୍ଦୁ କର**

ଓଡ଼ିଆ ଅସ୍ମିତାର ଚର୍ଚ୍ଚା ଅଦ୍ୟାବଧି ଓଡ଼ିଶାର ଲୋକ?କ୍ଷେତ୍ରରେ ଅନେକତ୍ର ଚଳଚଞ୍ଚଳ ରହିଛି। ଏଥିରୁ ଲବ୍?ଧ ନିଷ୍କର୍ଷ ହେଲା ଏକ ମହାଜାତି ଭାବେ ଓଡ଼ିଶା ଓ ଓଡ଼ିଆଙ୍କର ରହିଥିବା ସ୍ୱତନ୍ତ୍ର ପରିଚିତି ବା ଅସ୍ତିତ୍ୱର ଶଙ୍ଖ ବା ଚିହ୍ନ ହିଁ ହେଉଛି ଓଡ଼ିଆ ଅସ୍ମିତା। ଏହି ପରିପ୍ରେକ୍ଷୀରେ କଟକର ତାରକସି ହେଉଛି ଓଡ଼ିଆ ଅସ୍ମିତାର ଏକ ସନ୍ତକ, ଯାହାର ପାଖାପାଖି ୫୦୦ ବର୍ଷର ଏକ ଦୀର୍ଘ ଐତିହ୍ୟ ରହିଛି। କଟକର ସୂକ୍ଷ୍ମ ତାରକସି କଳାର ପଟାନ୍ତର ନାହିଁ ଏବଂ ଏ କଳାରେ ନିମଗ୍ନ ରହି ଏହି ଶିଳ୍ପକୁ ଜୀବନ୍ତ କରି ରଖିଥିବା କାରିଗରମାନେ ମଧ୍ୟ ଓଡ଼ିଆ ଅସ୍ମିତାର ଜଣେ ଜଣେ ପ୍ରତୀକ ପୁରୁଷ। କିନ୍ତୁ ପ୍ରଶ୍ନ ହେଲା କଟକ ତାରକସିର ଶିଳ୍ପ ଓ ତା'ର କାରିଗରମାନଙ୍କ ସାଂପ୍ରତିକ ସ୍ଥିତି କିଭଳି?ସମଗ୍ର ଭାରତରେ ରୁପା ତାରକସି ବା 'ସିଲ୍?ଭ?ର୍ ଫିଲିଗ୍ରି' (ଇଂରେଜୀରେ ତାରକସି ହେଉଛି 'ଫିଲିଗ୍ରି') ବ୍ୟବସାୟ କଟକ ଓ ତେଲେଙ୍ଗାନାର କରିମ ନଗରରେ ହୋଇଥାଏ। ଏହା ବ୍ୟତୀତ ପଶ୍ଚିମବଙ୍ଗର 'ଦକ୍ଷିଣ ଚବିଶ ପ୍ରଗଣା' ଜିଲ୍ଲାରେ ପ୍ରାୟ ୩୦ଟି ଗ୍ରାମରେ ସମୁଦାୟ ୩୦୦୦ ରୁପା ତାରକସି କାରିଗର ଅଛନ୍ତି। କଟକର ତାରକସିକୁ ୨୦୨୧ରେ ଭାରତ ସରକାରଙ୍କ ଦ୍ୱାରା 'ଜି.ଆଇ. ଟ୍ୟାଗ୍?' ବା ମାନ୍ୟତା ମିଳିଛି। ଅନ୍ୟ ପକ୍ଷରେ କରିମ ନଗରର ତାରକସିକୁ ୨୦୦୭ ମସିହାରୁ 'ଜି.ଆଇ. ଟ୍ୟାଗ୍?' ମିଳିସାରିଛି। ଭାରତର ଉପରୋକ୍ତ ତିନିଟି ଜାଗାକୁ ଛାଡ଼ିଦେଲେ ଆଉ ପ୍ରାୟ କେଉଁଠି 'ସିଲ୍?ଭ?ର୍ ଫିଲିଗ୍ରି'ର କେନ୍ଦ୍ର ନାହିଁ। କେତେକ ରିପୋର୍ଟରୁ ଜଣାଯାଇଥାଏ ଯେ ଦେଶରେ 'ସିଲ୍?ଭ?ର୍ ଫିଲିଗ୍ରି'ର ବଜାର ମୂଲ୍ୟ ୨୦ ହଜାର କୋଟି ଟଙ୍କାରେ ପହଂଚିଲାଣି। 'ଇଣ୍ଡିଆନ୍? ଚେମ୍ବ?ର୍ ଅଫ କମର୍ସ'ର ତଥ୍ୟ ଅନୁସାରେ 'ସିଲ୍?ଭ?ର୍ ଫିଲିଗ୍ରି' ସମେତ ଅନ୍ୟ ରୁପା ଅଳଙ୍କାରର ରପ୍ତାନି ମୂଲ୍ୟ ପାଖାପାଖି ୧୭ ହଜାର କୋଟି ଟଙ୍କାରେ ପହଂଚିଲାଣି ଏବଂ ଏହା ବାର୍ଷିକ ୮% ହାରରେ ବୃଦ୍ଧି ପାଉଛି। ସେମିତି ଦେଶର ନାମୀ ଅଳଙ୍କାର କମ୍ପାନିମାନଙ୍କର ଆନୁଆଲ୍? ରିପୋର୍ଟରୁ ଜଣାପଡ଼େ ଯେ 'ଫିଲିଗ୍ରି' ବ୍ୟବସାୟ ଓ ବିଦେଶକୁ ଏହାର ରପ୍ତାନି ବାର୍ଷିକ ୧୦%ରୁ ଅଧିକ ହାରରେ ବୃଦ୍ଧି ପାଇବାରେ ଲାଗିଛି; ଏପରିକି 'ସିଲ୍?ଭ?ର୍ ଫିଲିଗ୍ରି' ବଜାରରେ ରହିଥିବା ସୁଯୋଗକୁ ବାରିପାରି ଅନେକ ଆଞ୍ଚଳିକ ବ୍ୟବସାୟୀ ରୀତିମତ କର୍ପୋରେଟ୍? ଶୈଳୀରେ ଏହାର ବ୍ୟବସାୟ କରି ସଫଳ ହେଉଛନ୍ତି। ବଜାର ଅନୁଧ୍ୟାନ କଲେ ଜଣା ପଡ଼ିଥାଏ ଯେ ଗଲା କେଇ ବର୍ଷ ମଧ୍ୟରେ ଅନେକ ମଧ୍ୟମ ସ୍ତରୀୟ ବ୍ୟବସାୟୀ (ଟ୍ରେଡ?ର୍) ନୂଆ ନୂଆ ୱେବ୍?ସାଇଟ୍? ଖୋଲି ବଜାରରେ ରୁପା ଓ ତାରକସିର ବ୍ୟବସାୟ ଆରମ୍ଭ କରିସାରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ହେଲା, ଏହି ସବୁ କମ୍ପାନିମାନଙ୍କୁ ତାରକସି ଦ୍ରବ୍ୟ ଯୋଗାଉଥିବା କାରିଗରଙ୍କର ଆର୍ଥିକ ଅବସ୍ଥାରେ ସେମିତି କିଛି ଉନ୍ନତି ହେଉନାହିଁ; ଅର୍ଥାତ୍?, ତାରକସି ବ୍ୟବସାୟର ଅସଲ ଲାଭ ଦଲାଲମାନେ ଉପଭୋଗ କରୁଛନ୍ତି। ବିଭିନ୍ନ କମ୍ପାନିଙ୍କର ଅନୁଆଲ୍? ରିପୋର୍ଟେ?ର ଥିବା ତଥ୍ୟରୁ ଜଣାପଡ଼େ ଯେ ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ ରୁପା ତାରକସି ବା 'ସିଲ୍?ଭ? ଫିଲିଗ୍ରି' ଦ୍ରବ୍ୟର ଅନେକ ଚାହିଦା



ରହିଛି ଏବଂ ଏହା ଏକ ଲାଭଜନକ ବ୍ୟବସାୟ। ତେଣୁ ବ୍ୟବସାୟ ସହିତ ତାଳ ଦେଇ ତାରକସି କାରିଗରମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି କାହିଁକି ଘଟୁନାହିଁ, ସେ ସଂଦର୍ଭରେ ଏକ ଆଲୋଚନା କରାଯାଉ।ପ୍ରଥମତଃ ଆମ ରାଜ୍ୟରେ ବଜାରରୁ ଉଚିତ ମୂଲ୍ୟ ପାଇବାରେ ତାରକସି କାରିଗରମାନଙ୍କୁ ସାହାଯ୍ୟ କରିବା ପାଇଁ ସେମିତି କୌ?ଣସି ସଂସ୍ଥା ବା ଏଜେନ୍?ସି ନାହାନ୍ତି। ଉଦାହରଣ ସ୍ୱରୂପ, ତେଲେଙ୍ଗାନାର କରିମ ନଗରରେ 'ସିଫକା' ହାଣ୍ଡିକ୍ରାଫ୍?ଟ ୱେଲ୍?ଫେଆ?ର୍ ସୋସାଇଟି' ଏ ଯାବତ୍ ୬୦୦ରୁ ଅଧିକ କାରିଗରଙ୍କୁ ପଞ୍ଜୀକୃତ କରି ପାରିଛି ଏବଂ ସେଠାକାର ତାରକସିକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାରେ ସଫଳ ଉଦ୍ୟମ ଜାରି ରଖିଛି। କିନ୍ତୁ କଟକ 'ତାରକସି ଆସୋସିଏସନ୍?'ର ସେଭଳି ଉଦ୍ୟମ ଦେଖାଯାଏ ନାହିଁ। ବଜାର ଦୃଷ୍ଟିରୁ କଟକ ତାରକସି ଦ୍ରବ୍ୟମାନ ମୋଟାମୋଟି ଆଞ୍ଚଳିକ ଚାହିଦା ମେଣ୍ଟାଉଛି। ଅନ୍ତର୍ଜାତୀୟ ବଜାର ଓ ରାଜ୍ୟ ବାହାରେ ରହିଥିବା ଏକ ବଡ଼ ବଜାରକୁ କଟକ ତାରକସି ବିଷୟରେ ସୂଚନା ନାହିଁ। ତେଣୁ ଏକ ବୃହତ୍? ବଜାରର ଅସ୍ତିତ୍ୱ ସତ୍ତ୍ୱେ ତାହାର ଲାଭ କଟକ ତାରକସି ଲାଗି ଉପଲବ୍?ଧ ହେଉନାହିଁ। ଉଦାହରଣ ସ୍ୱରୂପ ରାଜ୍ୟ ସରକାରଙ୍କର 'ଓଡ଼ିଶା ରୁରାଲ୍? ଡେଭେଲପ୍?ମେଣ୍ଟ ଏଣ୍ଡ୍? ମାର୍କେଟିଙ୍ଗ୍? ସୋସାଇଟି' ବା 'ଓ?ମାସ' ଯେଉଁଭଳି ଅନ୍ୟ ଉତ୍ପାଦଗୁଡ଼ିକର ବିକ୍ରୟ କରି ଭଲ ବ୍ୟବସାୟ କରିପାରୁଛି, ଯଦି ସେହି ଭଳି କଟକ ତାରକସିର ବିପଣନ ଦାୟିତ୍ୱ ନେଇ ପାରନ୍ତେ, ତେବେ କାରିଗରମାନେ ବଜାରର ଉଚିତ ମୂଲ୍ୟ ପାଇପାରନ୍ତେ ଏବଂ ତାହା ତାରକସି ନେଇ ଓଡ଼ିଆ ଅସ୍ମିତାକୁ ଯଥାର୍ଥତା ପ୍ରଦାନ କରିପାରନ୍ତା। ଅନ୍ୟ ପକ୍ଷରେ ଏହି ବ୍ୟବସାୟରେ ସରକାରଙ୍କ ତରଫରୁ କାରିଗରମାନଙ୍କୁ ସେମିତି ବିଶେଷ କିଛି ଆର୍ଥିକ ସହାୟତା ବା ପୁଞ୍ଜି ଯୋଗାଣର ବ୍ୟବସ୍ଥା ନାହିଁ। କାରିଗରମାନଙ୍କ ପାଇଁ ଯେଉଁ ସବୁ ସରକାରୀ ଯୋଜନାମାନ ପ୍ରଚଳିତ ଅଛି, ତାହା ପର୍ଯ୍ୟାପ୍ତ ନୁହେଁ। ଆଉ ଏକ ବଡ଼ କଥା ହେଲା, କଟକର ପ୍ରାୟ ୪୦୦ ତାରକସି କାରିଗର ଏବେ କଲିକତାର କାରିଗରଙ୍କ ସହ ପ୍ରତିଯୋଗିତା କରୁଛନ୍ତି, ଯଦ୍ୱାରା ବଜାରରେ ପତିଆରା ସାବ୍ୟସ୍ତ କରିବା ସହଜସାଧ୍ୟ ହେଉନାହିଁ। ଯେହେତୁ ପଶ୍ଚିମବାଙ୍ଗର ଦକ୍ଷିଣ ଚବିଶ ପ୍ରଗଣା ଜିଲ୍ଲାରେ ପାଖାପାଖି ୩୦୦୦ କାରିଗର ରୁପା ତାରକସି କାମ କରିଥାନ୍ତି ଓ ଉତ୍ପାଦନର ପରିମାଣ ଅଧିକ, ତେଣୁ ଉତ୍ପାଦନ ଖର୍ଚ୍ଚ କମ୍? ହୋଇଥାଏ। ଏହି କାରଣରୁ ବଜାରରେ କଟକର ତାରକସିକୁ ଦ୍ରବ୍ୟର ମୂଲ୍ୟ ନେଇ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହି ମୌଳିକ ଅସୁବିଧାକୁ ବାରି ପାରି ୧୯୬୨ ମସିହାରେ ବିଜୁ ବାବୁଙ୍କ ଉଦ୍ୟମରେ 'କଳିଙ୍ଗ ଫିଲିଗ୍ରି କୋଅପରେଟିଭ୍? ସୋସାଇଟି' ନାମକ ଏକ ସଂସ୍ଥା ଗଠିତ ହୋଇଥିଲା। ତାରକସି କାରିଗରଙ୍କର ଆର୍ଥିକ ଉନ୍ନତି ଓ ବ୍ୟବସାୟ ପରିସର ବୃଦ୍ଧି କରିବା ଥିଲା ଏଇ ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ, ଏହା ବିଶେଷ ସଫଳ ହୋଇପାରିଲା ନାହିଁ। ସେମିତି ଆଉ ଏକ ମୌଳିକ ଅସୁବିଧା ହେଲା, ଏ ଯାବତ୍? କାରିଗରମାନେ ହୁଏତ ନିଜ ଘର ପିଣ୍ଡାରେ କିମ୍ବା ଛୋଟ ପୁରୁଣା ଦୋକାନ ଘରେ ନିଜର କାର୍ଯ୍ୟ ଏବଂ ବ୍ୟବସାୟ ଚଳାଉଛନ୍ତି। କହିବାର ତାତ୍ପର୍ଯ୍ୟ ହେଲା, ଓଡ଼ିଶାର ତାରକସି କଳା ବିଷୟରେ ଅବଗତ ହୋଇ ଯଦି କୌ?ଣସି ପର୍ଯ୍ୟଟକ ତାହା ଦେଖିବାକୁ ଆସନ୍ତି, ତେବେ ତାଙ୍କୁ ଆକର୍ଷିତ କଲା ଭଳି ବା ପ୍ରଲୋଭିତ କଲା ଭଳି ପରିସ୍ଥିତି ସେଠାରେ?ର ମିଳିବ ନାହିଁ। ତେଣୁ ତାରକସି କାମ କରାଯାଉଥିବା ସ୍ଥାନ ଓ ଉତ୍ପା?ଦକୁ ସୁନ୍ଦର ଭାବେ ପ୍ରଦର୍ଶିତ କରିବା ଲାଗି ବିଶେଷ ମଞ୍ଚ ବା 'ସୋ ରୁମ୍?'ର ବ୍ୟବସ୍ଥା ମଧ୍ୟ କରାଯିବା ଉଚିତ। ସେମିତି ଅନ୍ତର୍ଜାତୀୟ ବଜାରରେ କଟକ ତରକସିର କେତେ ଚାହିଦା ରହିଛି କିମ୍ବା ବାର୍ଷିକ ବଜାର ମୂଲ୍ୟର ଆକଳନ ଏ ଯାବତ୍? ସରକାରୀ ସ୍ତରରେ ନାହିଁ। ମୂଳ କଥା ହେଉଛି ରାଜ୍ୟର କୌଣସି ଜିନିଷ 'ଜି.ଆଇ. ମାନ୍ୟତା' ପାଇଗଲେ, ତାହା ଅନ୍ତିମ ଓ ସର୍ବଶ୍ରେଷ୍ଠ ଉପଲବ୍?ଧି ବୋଲି ବିଚାର କରାଯିବା ଉଚିତ ନୁହେଁ; 'ଜି.ଆଇ. ଟ୍ୟାଗ' ଲାଭ କରିବା ପରେ ସେହି ବିଶେଷତ୍ୱକୁ ଉପଯୋଗ କରି କିଭଳି ବଜାର ସୃଷ୍ଟି କରାଯାଇପାରିବ, ତାହା ହିଁ ଧ୍ୟେୟ ହେବା ଆବଶ୍ୟକ।

ତେଣୁ ରାଜ୍ୟ ସରକାର ଏ ଦିଗରେ ମୁଖ୍ୟତଃ ତିନିଟି ପଦକ୍ଷେପ ନେଇପାରିବେ। ପ୍ରଥମତଃ ଜାତୀୟ ଓ ଅନ୍ତର୍ଜାତୀୟ ବଜାରର ଚାହିଦା ଓ ମୂଲ୍ୟର ଏକ ଆକଳନ କରିବା ଦରକାର, ଯାହା ଫଳରେ କଟକର ତାରକସି କାରିଗରମାନେ ତାରକସି ବଜାରର ଆକାର ବିଷୟରେ ଧାରଣା ପାଆନ୍ତେ। ଉଲ୍ଲେଖ ଥାଉ କି ୧୯୮୦ ମସିହାରୁ ଏ ଯାବତ୍? ପାର୍ଲିଆମେଣ୍ଟରେ ତାରକସିକୁ ନେଇ ପଚରା ଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଶାସକ ଦଳଗୁଡ଼ିକ ଦେଇ ପାରିନାହାନ୍ତି। ଦ୍ୱିତୀୟତଃ ଏକ ଉନ୍ନତ ଓ ସଫଳ ବଜାର ଚାନେଲ ମାଧ୍ୟମରେ କଟକ ତାରକସିର ବିଶେଷତ୍ୱ ବିଷୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ତୃତୀୟରେ ତାରକସି କଳାକୁ ଆଗେଇ ନେବା ପାଇଁ ଭବିଷ୍ୟତ ପିଢ଼ିକୁ ପ୍ରୋତ୍ସାହିତ କରାଯିବା ଜରୁରି, ସେଥି ଲାଗି ଆକର୍ଷଣୀୟ ଆର୍ଥିକ ସହାୟତାର ବ୍ୟବସ୍ଥା କରାଯିବା ଆବଶ୍ୟକ।

ଏହି ଆଲୋଚନାକୁ ସମାପ୍ତ କଲାବେଳେ ଓଡ଼ିଆ ଅସ୍ମିତା ଓ ଜାତିର ପରିଚୟବୋଧ ସହିତ ଯୋଡ଼ି ହୋଇ ରହିଥିବା କଟକ ତାରକସି ଶିଳ୍ପ ବିଷୟରେ ଅତୀତର ସାମନ୍ୟ ରୋମନ୍ଥନ କରାଯାଉ। ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ରୂପେ ଓଡ଼ିଶା ସର୍ବପ୍ରଥମେ ଆତ୍ମପ୍ରକାଶ କରିଥିଲା ଏବଂ ଏହି ଉଦ୍ୟମର ପ୍ରମୁଖ ସାରଥି ଉତ୍କଳଗୌରବ ମଧୁସୂଦନ ଦାସ କଟକର ତାରକସି କଳାକୁ ଓଡ଼ିଆଙ୍କ ସକାଶେ ଏକ ପରିଚୟ ବିଭବ ରୂପେ ପ୍ରତିଷ୍ଠା କରିବାକୁ ଚାହିଥିଲେ। ମଧୁବାବୁଙ୍କ ଉଦ୍ୟମରେ କଟକ ତାରକସି କଳା ଓ ବ୍ୟବସାୟ ପଥିକୃତ୍ ପ୍ରୟାସ ଓ ତ୍ୟାଗର ଏକ ନିର୍ଦ୍ଦିଷ୍ଟ ସ୍ୱାକ୍ଷର ଛାଡ଼ିଯାଇଛି। ୧୮୯୭ ମସିହା ବେଳକୁ ତାରକସି କଳା ଓ ବ୍ୟବସାୟର ମାନ୍ଦା ଅବସ୍ଥାକୁ ଲକ୍ଷ୍ୟ କରି ଉତ୍କଳଗୌରବ ମଧୁସୂଦନ ନିଜ ପକେଟରୁ ଖର୍ଚ୍ଚ କରି ୧୫୦ ଜଣ କାରିଗରଙ୍କୁ ନେଇ ନିଜ ଘରେ ଏକ କାରଖାନା ବସାଇଥିଲେ, ଯାହା ପରବର୍ତ୍ତୀ ସମୟରେ 'ଉତ୍କଳ ଆର୍ଟ?ସ୍ ୱ୍ୱାର୍କ ଫ୍ୟାକ୍?ଟ୍ରି' ନାମରେ ପରିଚିତି ପାଇଥିଲା। ଏହା ଦ୍ୱାରା କଟକ ତାରକସି ବ୍ୟବସାୟ ପୁଣି ଥରେ ମୁଣ୍ଡ ଟେକିବାକୁ ଲାଗିଥିଲା।

# ବାକ୍ଷୁ ବାକ୍ୟବୀର ନ ହେଉ

**ସତ୍ୟନାରାୟଣ ଗନ୍ତାୟତ**

ଜାଣୁ, ଆପଣ ପଚାରିବେ ଯେ ପୁଣ୍ୟ ମାସ ବୋଇଲେ କାର୍ତ୍ତିକ ମାସ ତ ସରିଗଲା, ଏବେ ପୁଣି ଏ ପୁଣ୍ୟ ମାସର ଚର୍ଚ୍ଚା କିଆଁ? କଥା ହେଲା ଆମ ସହରର ନାମ ହେଉଛି ଗଡ଼ଗଡ଼ା ସହର। ଏଠି ଲୋକେ ଧର୍ମପ୍ରାଣ ବୋଲି ଆଖପାଖ ଲୋକେ ଜାଣନ୍ତି। ତେଣୁ, ପୁଣ୍ୟ ମାସ ସରିବାର ଢେର ଦିନ ପରେ ବି ସେ ବାବଦରେ ଗପସପ ଚାଲେ। ଆମେ ଗଡ଼ଗଡ଼ା ସହର ଛାଡ଼ି ଢେର ଦିନ ହେଲାଣି ରାଜଧାନୀରେ ବସା ବାନ୍ଧିଛୁ। କିନ୍ତୁ ସେଠିକାର ସ୍ଥାୟୀ ବାସିନ୍ଦା ପରମ ମିତ୍ର ସତ୍ୟେନ୍ଦୁ ସହିତ ବେଳେବେଳେ ଫୋନାଳାପ ହୋଇଥାଏ। ତ ସତ୍ୟେନ୍ଦୁ ସେ ଦିନ ଫୋନ କରି ପୁଣ୍ୟ ମାସ କଥା କହୁ କହୁ ଆମ ପିଲା ଦିନର କାର୍ତ୍ତିକ ମାସ କଥା କହି ପକାଇଲା। ସେ କହିଲା- ମନେ ପଡୁଛିଟି କେମିତି କାର୍ତ୍ତିକ ମାସ ଆରମ୍ଭ ହେଉ ହେଉ ଆମେ ଜାଣି ଯାଉଥିଲୁ ଯେ ଏଣିକି ଘରର ସଭିଏଁ ସବୁ ଦିନ ଜେଜେମା' ଓ ବୋଉଙ୍କ ପାଇଁ ପ୍ରସ୍ତୁତ ହବିଷ୍ୟାନ୍ନ ଖାଇବେ। ଗୋଟାମୁଗ ସାରୁ ନଡ଼ିଆ କୋରା କନ୍ଦମୂଳାଦି ସହ ଓଉ ଭଳି କିଛି ପରିବା ପଡ଼ି ସିଝା ହୋଇ ବଘରା ନ ହୋଇ ଗୁଆ ଘିଅ ଆଉ ସୈନ୍ଧବ ଲୁଣ ପଡ଼ିଥିବା ଡାଲମା, ସାରୁ ବା କନ୍ଦମୂଳ ବା ନଡ଼ିଆରେ ଅଦା ମିଶା ଦହି ପାଚେଡ଼ି, ଅଗସ୍ତି ଶାଗ ଖରଡ଼ା ଓ ଖଟା କମଳା ଲେମ୍ବୁ ସୈନ୍ଧବ ଲୁଣ ଦଳା ପାଗ ଭଳି ଭୋଜପ, ପୁଣି ମଧ୍ୟାହ୍ନରେ କଦଳୀ ପତ୍ରରେ ବଢ଼ା, ଲାଗୁ ନ ଥିଲା କି ସତରେ ଏଇଟା ଗୋଟିଏ ପୁଣ୍ୟ ମାସ !ଆମେ କହିଲୁ- ଠିକ୍? ତ କହିଛୁ, ଏବେ କ'ଣ କାର୍ତ୍ତିକ ମାସ ଆଉ ପୁଣ୍ୟ ମାସ ଭଳି ଲାଗୁନି କି?ସତ୍ୟେନ୍ଦୁ କହିଲା- ନା'ରେ ଭାଇ ବହୁତ କିଛି ବଦଳି ଯାଇଛି ଗଡ଼ଗଡ଼ା ସହରରେ। ମା' ଓ ମାଉସୀଏ ନିଷ୍ଠାର ସହିତ ପାଳୁଛନ୍ତି ସତ, କିନ୍ତୁ ସେ ଭାବ ଆଉ ନାହିଁ। ଆମର ମନେ ପଡ଼ିଗଲା ଯେ ସତ୍ୟେନ୍ଦୁ ପିଲା ଦିନୁ ଶୁଦ୍ଧ ଶାକାହାରୀ ଏବଂ ଯୋଗକୁ ତା' ପତ୍ନୀ ବି ତା' ଭଳି। କୁକୁଡ଼ା ବଦଳରେ କାକୁଡ଼ି ଓ କଙ୍କଡ଼ା ବଦଳରେ କାଙ୍କଡ଼ ଖାଇ ସେମାନେ ସଦା କାଳେ ଖୁସି। ତେଣୁ ସେ ଓ ତା' ପତ୍ନୀ କାର୍ତ୍ତିକ ମାସ ସାରା ହବିଷ୍ୟାନ୍ନ ଖାଉଥିବେ ନିଶ୍ଚୟ। ତ ପଚାରିଲୁ- କ'ଣ ହେଲା? ତୁ ତ ମାସ ସାରା ହବିଷ୍ୟାନ୍ନ ଖାଇଥିବୁ! ସତ୍ୟେନ୍ଦୁ କହିଲା- ଆରେ ଭାଇ, ପ୍ରତି ମାସ ଗୋଟେ ମନ୍ଦିର ପକ୍ଷରୁ ହବିଷ୍ୟାନ୍ନ ବିକ୍ରି ହୁଏ। ତାକୁ ଆମେ ଦୁଇ ପ୍ରାଣୀ ମଗାଇ ଖାଉଁ। ହେଲେ ଏ ବର୍ଷ ସେ ନନା ମନା କରିଦେଲେ। କାହିଁକି ମନା କରୁଛନ୍ତି ବୋଲି ପଚାରିଲାରୁ ନନାଙ୍କ ପୁଅ କହିଲେ- ଆମେ ଆପଣଙ୍କ ଭଳି ଜଣେ ଦି ଜଣଙ୍କ ପାଇଁ ଏ ଝିଞ୍ଜଟ ?ନବାକୁ ଚାହୁଁନୁ। ଏବେ ପରିବାରର ବୁଢ଼ାବୁଢ଼ୀମାନଙ୍କ ଛଡ଼ା ଆଉ କେହି ହବିଷ୍ୟାନ୍ନ ଖାଇବାକୁ ରାଜି ନୁହେଁ। ପରିବାରର ଅନ୍ୟମାନେ ଘରେ ଆଇଁଷ ଖାଇବା ମନା ଥିବାରୁ ବାହାରେ ଖାଉଛନ୍ତି। ତେଣୁ ମା' ମାଉସୀଏ ଯେ ଝା ଘରେ ନିଜ ଲାଗି ଅରୁଆ ଡାଲମା କମଳା ଲେମ୍ବୁ ପାଗ କରି ଚଳାଇ ନେଉଛନ୍ତି। ତେଣୁ ଅଧିକ ଅର୍ଡର ନାହିଁ।ରାଜଧାନୀରେ ରହୁଥିବା ହେତୁ କଥାଟା ଆମକୁ ସେମିତି କିଛି ତା?ଜୁବ କଲା ଭଳି ଲାଗିଲା ନାହିଁ। କିନ୍ତୁ, ଗଡ଼ଗଡ଼ା ଭଳି ଛୋଟ ସହରରେ ରହୁଥିବା ସତ୍ୟେନ୍ଦୁ ଲାଗି ଏହା ଥିଲା ଏକ ବିରାଟ ଅପଲକ୍ଷଣ! ଆମେ ତା' ପରେ ପଚାରିଦେଲୁ- ହଉ ପୁଣ୍ୟ ମାସ ତ ସରିଗଲା। ଏବେ କହ ଛାଡ଼ଖାଇଟା ତୁମ ସହରରେ କେମିତି ହେଲା?କଥାଟି ପଚାରି ଜାଣ ବିରୁଡ଼ି ବସାରେ ହାତ ମାରିଦେଲୁ। ଲାଗିଲା ସହସ୍ର ବିରୁଡ଼ି ବିନ୍ଧି ପକାଇବେ। ସେ କହିଲା- ଚୁଲିକି ଯାଉ ଗଡ଼ଗଡ଼ା ଲୋକଙ୍କ ପୁଣ୍ୟ! ମାସ ସାରା ତ ଘରେ ଆଇଁଷ ନ ଖାଇ ବାହାରେ ଖାଉଥିଲେ, ଏବେ ଛାଡ଼ଖାଇକୁ ଲାଗିଲା ସତେ ଯେମିତି କାହିଁ କେତେ କାଳୁ ଆଇଁଷ ଦେଖି ନାହାନ୍ତି। ମାଛ, ଛେଳି ଓ କୁକୁଡ଼ାଙ୍କ ବଂଶ ବୁଡ଼େଇ ଦେଲେ ହୋ! କରିମ୍ ଚାଚାଙ୍କ ପୁଅ ସଲିମ କହୁଥିଲା ଯେ ଏତେ କାଟିବାକୁ ପଡ଼ିଲା ଯେ ବିଚରା ସନ୍ଧ୍ୟାରେ ହାଲିଆ ହୋଇ ଅଚେତ ହେବା ଭଳି ଅବସ୍ଥା। କିନ୍ତୁ ପୁଣ୍ୟ ମାସ ସାରିଥିବା ଲୋକେ କହିଲେ, ବିଶ୍ରାମ ନାହିଁ। ସାଲାଇନ୍? ଲଗା ଆଉ ମା?ଉଁସ କାଟ୍?!

ସେ ପଟୁ ସେ ହଠାତ୍? ତୁନି ହୋଇଗଲା।

ଏବେ ଆମେ କହିଲୁ- ହଉ, ଯାହା ହେଲା ହେଲା। ତୁ ଏଇ କଥା ସବୁକୁ ଦିହକୁ ନେଏନା। ଯୁଗ ବଦଳୁଛି ଧନ। ଆଗ ଭଳି ମାସେ କାଳ ହବିଷ୍ୟାନ୍ନ ଖାଇ ଆନନ୍ଦିତ ହେବାର ପରିବାରମାନ ନାହାନ୍ତି। ତୁ ଓ ଭାଉଜ ଶୁଦ୍ଧ ଶାକାହାରୀ, ତେଣୁ ତୁମେମାନେ ପୁଣ୍ୟ ମାସରେ ଖୁସି ପାଉଛ। କିନ୍ତୁ ଚିକେନ ଟିକ୍?କା କବାବରେ ସ୍ୱର୍ଗସୁଖ ପାଉଥିବା ଅଧିକାଂଶମାନଙ୍କ ଆଖିରେ ତୁମେମାନେ ଏବେ ଏବେ 'କାଟ୍?ଲ କ୍ଲାସ୍?' ବା ଗୋରୁ ଶ୍ରେଣୀୟ। ତୁମେମାନେ ତୃଣଭୋଜୀ ଆଉ ତୃଣଭୋଜୀଙ୍କ ମାଉଁସରେ ତ ଛାଡ଼ଖାଇ ଭୋଜି ହୁଏ!

କଥାର ଶ୍ଳେଷ ବୁଝିଲା ସତ୍ୟେନ୍ଦୁ କିନ୍ତୁ ଆମେ ବିସ୍ମିତ ହେଲୁ ଯେ ସେ ରାଗି ନ ଯାଇ ହୋ ହୋ ହୋଇ ହସି ଉଠିଲା ଓ କହିଲା ଏବେ କଥା ଭଳି କଥାଟିଏ କହୁଲୁ। ଆମେମାନେ ହିଁ 'କାଟ୍?ଲ କ୍ଲାସ୍?'। ସୁଧା ମୂର୍ତ୍ତିଙ୍କୁ ଧନ୍ୟବାଦ। ଆମ ଭଳି 'ମଫ'ଙ୍କ ଲାଗି ଗୋଟିଏ ନାଁ ବାହାର କରି ନାହାଁନ୍ତି ଆଉ କ'ଣ! 'କାଟ୍?ଲ କ୍ଲାସ୍?'।






# ପାର୍କରେ ବୁଲୁବୁଲୁ ହୋଇଗଲେ କୋଟିପତି

ପାର୍କରେ ବୁଲୁ ବୁଲୁ ଚମକିଲା ଭାଗ୍ୟ। ରାତାରାତି କୋଟିପତି ପାଲଟି ଗଲେ ମହିଳା। ଭଗବାନ ଯେବେ ବି ଦିଅନ୍ତି ଛପର ଫାଡି ଦିଅନ୍ତି। ଏହି ଉକ୍ତିଟି ଜଣେ ମହିଳାଙ୍କ ନିକଟରେ ସତ୍ୟ ପ୍ରମାଣିତ ହୋଇଛି। ପାର୍କରେ ବୁଲୁଥିବା ବେଳେ ଜଣେ ମହିଳାଙ୍କୁ ମିଳିଛି ଦୁର୍ଲଭ ହୀରା। କାଲିଫର୍ଣ୍ଣିଆର ଜଣେ ମହିଳାଙ୍କ ଏଭଳି ଭାଗ୍ୟ ଚମକିଛି। ନୋରେନ ଓ୍ୱେଡବର୍ଗ ନାମକ ମହିଳା ଗତ ସେପ୍ଟେମ୍ବର ୨୩ ତାରିଖରେ କ୍ରେଟର ଅଫ ଡାଇମଣ୍ଡସ ଷ୍ଟେଟ ପାର୍କ ବୁଲିବାକୁ ଯାଇଥିଲେ। ସେଠାରେ ସେ ବୁଲିବା ବେଳେ ତାଙ୍କୁ ଅଚାନକ ଏକ ହଳଦିଆ ରଙ୍ଗର ୪.୩୮ କ୍ୟାରେଟ୍‌ର ହୀରା ଖଣ୍ଡ ମିଳିଥିଲା। ନୋରେନ୍‌ଙ୍କୁ ଯେଉଁ ହୀରା ମିଳିଥିଲା ତା'ର ଦାମ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ନୋରେନ ଓ୍ୱେଡବର୍ଗ ନାମକ ମହିଳାଙ୍କୁ ପାର୍କ ଭିତରୁ ହଳଦିଆ ରଙ୍ଗର ହୀରା ମିଳିଛି। ଉକ୍ତ ମହିଳା ଜଣକ କହିଛନ୍ତି, ସେ ଜାଣି ନଥିଲେ ଯେ, ତାଙ୍କ ହାତରେ ଏତେ ଦାମୀ ହୀରା ଲାଗିଛି। ତଳେ ପଡିଥିବା ଏକ ଚକମକ କରୁଥିବା ହଳଦିଆ ରଙ୍ଗର ପଥରକୁ ସେ ଉଠାଇଥିଲେ ବୋଲି କହିଛନ୍ତି। ନୋରେନ ଏହି ହୀରାକୁ ନିଜ ଘରକୁ ନେଇ ଯାଇଛନ୍ତି। ୟୁଏସଏ ଟୁଡେ ମୁତାବକ, ନୋରେନ୍‌ଙ୍କୁ ୧୯୦୬ ପରଠାରୁ ବର୍ତମାନର ସବୁଠାରୁ ବ ହୀରା ମିଳିଛି। ୧୯୭୨ରେ "କ୍ରେଟର ଅଫ ଡାଇମଣ୍ଡସ' ଷ୍ଟେଟ ପାର୍କରେ ପରିଣତ ହୋଇଥିଲା। ଏହି ପାର୍କକୁ ସାଧାରଣ ଲୋକେ ଆସି ହୀରା ଖୋଜି ପାରିବେ। ଯଦି ସନ୍ଧାନ ବେଳେ କାହାକୁ ହୀରା ମିଳେ ତେବେ ଉକ୍ତ ବ୍ୟକ୍ତି ସେହି ହୀରାକୁ ନିଜ ପାଖରେ ରଖିପାରିବେ ଏବଂ ଇଚ୍ଛା ଅନୁଯାୟୀ ବିକ୍ରି ମଧ୍ୟ କରିପାରିବେ। ବର୍ତମାନ ଯାଏଁ ଏହି ପାର୍କ ଭିତରୁ ପ୍ରାୟ ୭୫,୦୦୦ଟି ହୀର ମିଳିସାରିଲାଣି। ଚଳିତ ବର୍ଷ ହିଁ ଏହି ପାର୍କରୁ ୨୫୮ଟି ହୀରା ମିଳିଥିବା ସୂଚନା ରହିଛି।



# ପ୍ରେସର କୁକୁରକୁ ବାହାହେଲେ ଯୁବକ

ବିବାହ ପୂର୍ବରୁ ଏମିତି କେତେ କଣ ସ୍ୱପ୍ନ ଆଖି ଆଗରେ ଘୁରିବୁଲେ। ଆଉ ତା'ପରେ ବାସ୍ତବ ଜୀବନରେ ସେମିତି ପାଇବାକୁ ମନ ହୋଇଥାଏ। ଏ ସ୍ୱପ୍ନ ପ୍ରତ୍ୟେକ ପୁରୁଷ ତା' ଜୀବନରେ ଦେଖିଥାଏ। ହେଲେ ଏ ଅଜବ ଦୁନିଆରେ ଦେଖିବାକୁ ମିଳିଛି ଏକ ଗଜବ ଘଟଣା। ଜଣେ ଯୁବକ ଲାସ୍ୟମୟୀ ବା ହାସ୍ୟମୟୀଙ୍କ ପାଇଁ ପାଗଳ ହୋଇନାହିଁ। ହୋଇଛି ଏକ ବିଦ୍ୟୁତ ଚାଳିତ ପ୍ରେସରକୁକର ପାଇଁ। କଥାଟି ବିଶ୍ୱାସ ହେଉନଥିଲେ ବି ବାସ୍ତବରେ ଏମିତି ଘଟିଛି। ଜଣେ ଯୁବକ ଏକ ବିଦ୍ୟୁତ ପ୍ରେସର କୁକରକୁ ଜୀବନ ସାଥୀ ଭାବେ ଗ୍ରହଣ କରିଛନ୍ତି। ବିବାହ କରିଥିବା ଏହି ଯୁବକ ଜଣକ ଇଣ୍ଡୋନେସିଆର ଖୋଇରୋଲ ଅମନ ବୋଲି କୁହାଯାଉଛି। ସେ ରୋଷେଇରେ ବ୍ୟବହାର କରୁଥିବା ବିଦ୍ୟୁତ ପ୍ରେସର କୁକରକୁ ବିବାହ କରିଛି। ତାହା ପୁଣି ପାରମ୍ପରିକ ରୀତିନୀତିରେ। ଖୋଇରୋଲ ନିଜେ ଧଳା ରଙ୍ଗର ପୋଷାକ ସେରଓ୍ୱାନୀ ପିନ୍ଧି ଥିବା ବେଳେ ଟୋପି ପିନ୍ଧିଛନ୍ତି। ଆଉ ବେକରେ ପକାଇଛନ୍ତି ମାଳ। ସେ ଧଳା ରଙ୍ଗର ବିଦ୍ୟୁତ ଚାଳିତ ପ୍ରେସର କୁକୁର ଉପରେ ଓଣୀ ପକାଇ କେତେ ବେଳେ ପ୍ରିତିମୟୀ ଚୁମ୍ବନ ଦେଉଛନ୍ତି ତ ଆଉ କେତେବେଳେ ଆଲିଙ୍ଗନ କରୁଛନ୍ତି, ସତେ ଯେପରି ପ୍ରେମିକାଟିଏ ପରି। ଖୋଇରୋଲ ବିବାହ ପରେ ଏମିତି କିଛି ଆବେଗପୂର୍ଣ୍ଣ ମୁହୂର୍ତର ଫଟୋ ସୋଶାଲ ମିଡିଆ ଭାଇରାଲ ହୋଇଛି। ଏପରିକି ସେ ନିଜେ ମଧ୍ୟ ଟ୍ୱିଟରରେ ଏହି ଫଟୋକୁ ସେୟାର୍ କରିଛନ୍ତି। ଆଉ ତା'ପରେ ଲୋକମାନେ ବିନ୍ଦାସ ଭାବେ କମେଂଟ ଦେଉଛନ୍ତି।



# ଲକ୍ଷେ ଟଙ୍କିଆ ଡ୍ରେସ୍

ଦିବଂଗତ ଅଭିନେତ୍ରୀ ଶ୍ରୀଦେବୀ ଓ ଫିଲ୍ମ ମେକର ବୋନି କପୁରଙ୍କ ଝିଅ ଖୁସି କପୁର ଏପର୍ଯ୍ୟନ୍ତ ବଲିଉଡ୍ ସ୍କ୍ରିନ୍‌ରେ ନଜର ଆସିନାହାନ୍ତି। କିନ୍ତୁ କୌଣସି ସେଲିବ୍ରିଟିଙ୍କଠୁ ସେ କମ୍ ନୁହନ୍ତି। ତାଙ୍କୁ ନେଇ ଗ୍ଲାମର ଇଣ୍ଡଷ୍ଟ୍ରିରେ ଖୁବ୍ ଚର୍ଚ୍ଚା। ପ୍ରତିଦିନ ସୋସିଆଲ ମିଡିଆରେ ଖୁସିଙ୍କ ଫଟୋ ଭାଇରାଲ ହେଉଛି। ତାଙ୍କ ଗ୍ଲାମରସ୍ ଅନ୍ଦାଜ୍ ଓ ଫ୍ୟାଶନ୍ ସେନ୍ସ ପ୍ରତିଥର ଫ୍ୟାନ୍‌ଙ୍କ ହୃଦୟ ଜିଣୁଛି। ଏବେ ପୁଣି ଥରେ ତାଙ୍କ ଷ୍ଟାଇଲ୍ ଷ୍ଟେଟ୍‌ମେଂଟ୍ ସଭିଙ୍କ ଆକର୍ଷଣର କେନ୍ଦ୍ର ହୋଇଛି। ଇନ୍‌ଷ୍ଟା ଷ୍ଟୋରୀରେ ଖୁସି ଫଟୋ ଶେୟାର କରିଛନ୍ତି। ଫ୍ୟାଶନ୍ ଡିଜାଇନର ଅର୍ପିତା ମେହେତାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରିଂଟେଡ୍ କୋ-ଅର୍ଡି ସେଟ୍ ସହିତ ଏକ ଗର୍ଜିଅସ୍ ଜ୍ୟାକେଟ୍‌ରେ ସେ ନଜର ଆସିଛନ୍ତି। ପ୍ରିଂଟେଡ୍ ବ୍ରାଲେଟ୍, ଥାଇ-ହାଇ ସ୍କିଟ୍ ସ୍କଟ୍ ଓ ମିରର କାମ ହୋଇଥିବା ଜ୍ୟାକେଟ୍‌ରେ ଖୁସି କୌଣସି ଫ୍ୟାଶନିଷ୍ଟାରଠୁ କମ୍ ଲାଗୁନାହାନ୍ତି। ତେବେ ତାଙ୍କର ଏହି ଡ୍ରେସ୍‌ର ମୂଲ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜାଣି ଆଶ୍ଚର୍ଯ୍ୟ ହେଲେ ଖୁସିଙ୍କ ଏହି ପୋଷାକର ମୂଲ୍ୟ ୧ ଲକ୍ଷ ୨ ହଜାର ଟଙ୍କା। ଏହା ପୂର୍ବରୁ ମଧ୍ୟ ଅନେକଥର ଡିଜାଇନର ଡ୍ରେସ୍ ଜରିଆରେ ଖୁସି ନିଜ ସୌନ୍ଦର୍ଯ୍ୟର ଜଲଓ୍ୱା ଦେଇାଇଛନ୍ତି। କିଛିଦିନ ତଳେ ଡିଜାଇନର ଅନିତା ଡୋଙ୍ଗରେଙ୍କ ପାରମ୍ପରିକ ପୋଷାକ ପିନ୍ଧି ବାନ୍ଧବୀ ଶନାୟା କପୁରଙ୍କ ସହ ଫଟୋ ଶେୟାର କରିଥିଲେ। ଯେଉଁଥିରେ ଖୁସିଙ୍କ ଲୁକ୍ ଖୁବ୍ ସୁନ୍ଦର ହୋଇଥିଲା।




# ବୃଦ୍ଧାଙ୍କୁ ଡରିଗଲା ବାଘ

ବୃଦ୍ଧାଙ୍କୁ ଡରିଗଲା ବାଘ। ବାଘ ସହ ମୁହାଁମୁହିଁ ହେଲେ ବୟସ୍କ ମହିଳା। ସାହସିକତାର ସହ ମୁକାବିଲା କରି କଲରାପତରିଆ। ବାଘକୁ ଡରାଇ ଦେଲେ। ବାଘ ମଧ୍ୟ ମହିଳାଙ୍କୁ ଡରି ଉକ୍ତ ସ୍ଥାନ ଛାଡି ଦୌଡି ପଳାଇଲା। ମୁମ୍ବାଇର ଆରେ ଅଂଚଳରେ ଦେଖିବାକୁ ମିଳିଛି ଏଭଳି ଛାତି ଥରାଇଲାଭଳି ଘଟଣା, ଯାହାର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏକ ଜନବସତି ଅଂଚଳରେ ଘଟିଛି ଏହି ଘଟଣା। ରାତିରେ ୫୫ ବର୍ଷୀୟ ନିର୍ମଳା ଦେବୀ ନାମକ ଜଣେ ବୃଦ୍ଧା ଘରୁ ବାହାରି ତାଙ୍କ ବାରଣ୍ଡାରେ ଆସି ବସିଥିଲେ। ତେବେ ସେଠାରେ ଏକ କଲରାପତରିଆ ବାଘ ପୂର୍ବରୁ ବୁଲୁଥିଲା। ବୃଦ୍ଧାଜଣକ ବାଘକୁ ନେଇ ସାମନ୍ୟତମ ଟେର ପାଇନଥିଲେ। ତେବେ ସେ ବସିବା ପରେ ବାଘଟି ରାତିର ଅନ୍ଧାରର ଫାଇଦା ଉଠାଇ ହଠାତ୍ ତାଙ୍କ ଉପରକୁ ଝମ୍ପି ପଡିଥିଲା। ବାଘର ଆକ୍ରମଣରେ ବୃଦ୍ଧା ଜଣକ ପ୍ରଥମେ ଗଳି ପଡିଥିଲେ ହେଲେ ପରେ ସେ ଉଠିପଡି ଧରିଥିବା ଆଶା ବାଡି ସାହାଯ୍ୟରେ ବାଘଟିକୁ ଘଉଡାଇ ସାହସିକତାର ସହ ମୁକାବିଲା କରିଥିଲେ। ପରେ ବାଘଟି ତାଙ୍କୁ ଡରି ସେଠାରୁ ଦଉଡି ପଳାଇଥିଲା। ବୃଦ୍ଧାଙ୍କ ଚିତ୍କାର ଶୁଣି ଅନ୍ୟ ଲୋକେ ମଧ୍ୟ ଜମା ହୋଇଯାଇଥିଲେ ମିଳିଥିବା ସୂଚନା ଅନୁଯାୟୀ ବୃଦ୍ଧାଙ୍କର ଏଥିରେ ମୁହଁ ଓ ବେକରେ ସାମାନ୍ୟ କ୍ଷତ ହୋଇଥିଲା। ପରେ ତାଙ୍କୁ ମେଡିକାଲରେ ଭର୍ତି କରାଯାଇ ତାଙ୍କର ଚିକିତ୍ସା କରାଯାଇଛି। ଏହି ସମସ୍ତ ଘଟଣାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓଟିକୁ ଦେଖିବା ପରେ କିଛି ଲୋକ ଚକିତ ହୋଇଯାଇଥିବା ବେଳେ ଆଉ କିଛି ଲୋକ ବୃଦ୍ଧାଙ୍କ ସାହସିକତାକୁ ନେଇ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଯେ, ମୁମ୍ବାଇର ଏହି ଅଂଚଳରେ ବାଘ ବୁଲିବା ତୃତୀୟ ଘଟଣା। ଏହାପୂର୍ବରୁ ଏକ କଲରାପତରିଆ ବାଘ ଉକ୍ତ ଅଂଚଳରେ ଏକ ୪ ବର୍ଷ ଶିଶୁ ଉପରେ ଆକ୍ରମଣ କରିଥିଲା। କିନ୍ତୁ ସୌଭାଗ୍ୟବଶତଃ ସ୍ଥାନୀୟ ଲୋକଙ୍କ ସହାୟତାରେ ଶିଶୁଟିର ଜୀବନ ବଂଚି ଯାଇଥିଲା।

# ବାଧିଲା ତେଲ ଦର, ବାଇକକୁ ସାଇକେଲ କରିଦେଲେ ଯୁବକ

ରାତି ପାହିଲେ ବଢୁଛି ପେଟ୍ରୋଲ ଓ ଡିଜେଲ ଦର। ପେଟ୍ରୋଲ ଓ ଡିଜେଲର ଏପରି ମହଙ୍ଗା ମାଡ଼ର ଶିକାର ହୋଇ ଅତିଷ୍ଠ ହେଲେଣି ସାଧାରଣ ଲୋକ। କରୋନା କାଳରେ ଅନେକ ଲୋକ ବେରୋଜଗାର ହୋଇ ଯାଇଥିବା ବେଳେ ବୋଝ ଉପରେ ନଳିତା ବିଡ଼ା ସାଜୁଛି ତେଲ ଦର। ରାତି ପାହିଲେ କର୍ମସ୍ଥଳକୁ ଯିବା ନିମନ୍ତେ ଗାଡ଼ିରେ ତେଲ ପକାଇବାକୁ ପଡ଼େ। ଏହାର ଅହେତୁକ ଦର ବୃଦ୍ଧି ସେମାନଙ୍କୁ ଖୁବ ବାଧୁଛି। ଏପରିକି ଏହା ସାଧାରଣ ଲୋକଙ୍କ ପୂରା ବଜେଟକୁ ଦୋହଲାଇ ଦେଉଛି। ଏଥିପାଇଁ ସାଧାରଣ ଲୋକେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦାୟୀ କରୁଥିଲେ ମଧ୍ୟ ଉଭୟ ପରସ୍ପରକୁ ଦୋଷାରୋପ କରି ଚୁପ ବସୁଛନ୍ତି। ଏପରି ସ୍ଥିତିରେ ତେଲ ଦର ବୃଦ୍ଧିରେ ଅତିଷ୍ଠ ହୋଇ ଜଣେ ଲୋକ ଏପରି ଉପାୟ ବାହର କରିଛନ୍ତି, ଯାହାକୁ ଦେଖି ଆପଣ ବି ଘଂଟେ ଭାବିବେ। ବ୍ୟକ୍ତିଜଣକ ବାଇକ ଚଳାଉଛନ୍ତି, କିନ୍ତୁ ତାହା ତେଲରେ ଚାଲୁନି। ବାଇକରେ ମାରିବାକୁ ପଡ଼େ ପେଡେଲ। ତେଲ ଦରରୁ ମୁକ୍ତି ପାଇବାକୁ ବ୍ୟକ୍ତିଜଣକ ଏପରି ଯୋଗାଡ଼ କରିଛନ୍ତି, ଯାହା ଦେଖି ଜଣେ ହସି ହସି ବେଦମ ହୋଇଯିବ। ତେଲ ପକାଇବାରୁ ବଂଚିବା ନିମନ୍ତେ ବ୍ୟକ୍ତିଜଣକ ଏପରି ଅଭିନବ ଉପାୟ ଆପଣାଇଛନ୍ତି।ଏହି ଭିଡିଓ ଏବେ ସୋଶାଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳିଛି ବ୍ୟକ୍ତିଜଣକ ବାଇକ ଚଳାଉଛନ୍ତି, ହେଲେ ପେଡେଲ ମାରୁଛନ୍ତି। ତେଣୁ ତାଙ୍କ ଗାଡ଼ି ଅଧା ବାଇକ ଓ ଅଧା ସାଇକେଲ। ଏହା ଚଲାଇବା ସାଇକେଲ ପରି, କିନ୍ତୁ ଦେଖାଯିବ ବାଇକ ପରି।



# ଏମିତି ଚାଲିଛି କି ବନ୍ୟପ୍ରାଣୀ ସୁରକ୍ଷା ?

## ଆହତ ହରିଣ ଏବେ ଜୀବିତ ନା ମୃତ: ନିରପେକ୍ଷ ତଦନ୍ତ ଦାବି

ହିଞ୍ଜିଳିକାଟୁ , ୩୦/୩(ନି.ପ୍ର): ହିଞ୍ଜିଳିକାଟୁ ବନ ବିଭାଗ ନନ୍ଦିକ ବିଟ୍ ଅଧୀନ ସାହାପୁର ଗ୍ରାମ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ହରିଣ ବାଇକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲା। ଘଟଣା ପରେ ଗୁରୁତର ଥିବା ହରିଣର ଚିକିତ୍ସା ବ୍ୟବସ୍ଥା କରିଥିବା ପଶୁ ଚିକିତ୍ସକଙ୍କ ମତ, ବନପାଳ ଓ ବନରକ୍ଷୀଙ୍କ ଭିନ୍ନ ମତ ଓ ମନ୍ତବ୍ୟରେ ପାର୍ଥକ୍ୟ ପରିଲକ୍ଷିତ ହୋଇଥିଲା। ଏଣୁ ଆହତ ହରିଣର ସ୍ଥିତି କଣ ରହିଛି ସେ ନେଇ ଅନୁସନ୍ଧାନ କରାଯାଇଥିଲା। ଅନୁସନ୍ଧାନ ବେଳେ ଗତ ୧୭ ତାରିଖ ସୋମବାର ସନ୍ଧ୍ୟା ସମୟରେ ହରିଣଟି ବାଇକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ସେତେବେଳେ ବିକାଶ ନାହାକ ଓ ସଂଗ୍ରାମ ଦାସ ଦୁର୍ଘଟଣା ବିଷୟରେ ହିଞ୍ଜିଳିକାଟୁ ବନପାଳ ଘରମଣୀ ପାଣିଗ୍ରାହିଙ୍କୁ ସୁଚନା ଦେଇଥିଲେ। ପରେ କର୍ମଚାରୀ ମାନେ ଆହତ ହରିଣର ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ପଶୁ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ସହକାରୀ ପଶୁ ଚିକିତ୍ସକ ଡାକ୍ତର ସିଦ୍ଧାନ୍ତ କୁମାର ସେଠ୍ ଆହତ ହରିଣର ଚିକିତ୍ସା ବ୍ୟବସ୍ଥା କରିଥିଲେ। ପରେ ଅସୁସ୍ଥ ଥିବା ହରିଣକୁ ବନପାଳଙ୍କ ଆବାସିକ କାର୍ଯ୍ୟାଳୟ ଓ ପରେ ବୁଗୁଡ଼ା ପଲ୍ଲୀ ଚାରା ଉତ୍ପାଦନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ବୋଲି ବନରକ୍ଷୀ ମିତାରାଣୀ ବିଶ୍ୱାସରାୟ ସୁଚନା ଦେଇଥିଲେ। ଏହା ପରେ ଗତ ୨୭ ତାରିଖ ଗୁରୁବାର ଆହତ ହରିଣର ସ୍ଥିତି ସମ୍ପର୍କରେ ବନରକ୍ଷୀଙ୍କ ସହ ଆଲୋଚନା ହୋଇଥିଲା। ସେତେବେଳେ ସେ କହିଥିଲେ ଯେ ହରିଣଟି ସୁସ୍ଥ ହେବା ପରେ ଆମ ପିଲାମାନେ ତାକୁ ନେଇ ସାହାପୁର ହରିଣ ବିଚରଣ ସ୍ଥଳରେ ଛାଡ଼ି ଦେଇ ଆସିଛନ୍ତି। କିନ୍ତୁ ଆହତ ହରିଣକୁ ଚିକିତ୍ସା କରିଥିବା ପଶୁ ଚିକିତ୍ସକ ହରିଣର ମେରୁଦଣ୍ଡରେ ଆଘାତ ଲାଗି ପଛ ପଟ ଗୋଡ଼ ଦୁଇଟି ଅଚଳ ଅବସ୍ଥାରେ ଥିବା ସୁଚନା ଦେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବା ସେ ଆଶଙ୍କା ପ୍ରକାଶ କରିଥିଲେ। ଏଭଳି ଏକ ଜଟିଳ ପରିସ୍ଥିତି ଦେଇ ଗତି କରୁଥିବା ଅସୁସ୍ଥ ହରିଣକୁ କେଉଁ କାରଣରୁ ଓ କାହା ନିର୍ଦ୍ଦେଶରେ ବନରକ୍ଷୀ ଜଣକ ସୁସ୍ଥ ବୋଲି ଦର୍ଶାଇ ଚାରା ଉତ୍ପାଦନ କେନ୍ଦ୍ରରୁ ସାହାପୁର ହରିଣ ବିଚରଣ ସ୍ଥଳରେ ଛାଡିଲେ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ହରିଣଟି ଏବେ ଜୀବିତ ଅଛି ନା କୁକୁର,ହେଟା କିମ୍ବା ଶିକାରୀଙ୍କ ଶିକାର ହୋଇଛି ତାହା ମଧ୍ୟ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦିଓ ଅସୁସ୍ଥ ହରିଣର ମୃତ୍ୟୁ ହୋଇଥାଇ ପାରେ ବୋଲି ସାଧାରଣରେ ଆଶଙ୍କା ଦୃଢୀଭୂତ ହୋଇଛି , ତେବେ ଏଥିପାଇଁ ବିଭାଗ ପକ୍ଷରୁ ଉଦ୍ୟମ ହୋଇ ନ ଥିବା ଅନୁସନ୍ଧାନ ବେଳେ ପଶୁ ଚିକିତ୍ସାଳୟ ସୂତ୍ରରୁ ଜଣାପଡ଼ିଛି। ଏହି ସମ୍ବେଦନଶୀଳ ଘଟଣାର ଏକ ଉଚ୍ଚ ସ୍ତରୀୟ ନିରପେକ୍ଷ ତଦନ୍ତ ପାଇଁ ସଚେତନ ମହଲରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ )ଭୁବନେଶ୍ୱରଙ୍କ ଦୃଷ୍ଟି ଆକର୍ଷଣ କରଯାଇଛି। ଏ ନେଇ ହିଞ୍ଜିଳିକାଟୁ ବନ ବିଭାଗୀୟ ବନପାଳ ଘରମଣି ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କୁହନ୍ତି, ବର୍ତ୍ତମାନ ସମୟରେ ତୃଷାର୍ତ୍ତ ହରିଣ ଗୁଡିକ ପାଣି ପିଇବା ପାଇଁ ରାସ୍ତା ଉପରେ ଯାତାୟାତ କରୁଥିବା ବେଳେ ଦୂର୍ଘଟଣାର ଶୀକାର ହେଉଛନ୍ତି। କେତେବେଳେ କେଉଁଠାରେ କେତେ ହରିଣ ଦୂର୍ଘଟଣାର ଶୀକାର ହେଉଛନ୍ତି, ସମସ୍ତ ଖବର ରଖିବା ସମ୍ଭବପର ନୁହେଁ। ବନପାଳଙ୍କ ଏଭଳି ଖାମଖିଆଲ ମନ୍ତବ୍ୟ ଦାୟିତ୍ୱହୀନତାର ପରିଚୟ ସୃଷ୍ଟି କରିଛି।

## ଡେଙ୍ଗାପଦର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୁଗୁଡ଼ା ୩୦/୩(ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ ଡେଙ୍ଗାପଦର ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଏବଂ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ଜେନାଙ୍କ ତତ୍ତ୍ୱାବଧାନ ଓ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସଏମସି ସଭାନେତ୍ରୀ ମଧୁସ୍ମିତା ନାୟକ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ସିଆରସିସି ସନ୍ତୋଷ କୁମାର ଡାକୁଆ, ଘୋଡାପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଜେନା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ଜେନା ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାପରେ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନିର୍ମିତ ଶିକ୍ଷଣ ସାମଗ୍ରୀ ଓ ଖେଳନା ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ତାରଣା ଆଶ୍ରମ ରେ ପାପ୍ ବୈଠକ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ମୟୂରଭଞ୍ଜ ୩୦/୩(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ତାରଣା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ତଥା ପାପ୍ ବୈଠକ ଅନୁଷ୍ଠିତ ହୋଇଯାଇଛି ।ପ୍ରଧାନ ଶିକ୍ଷକ ସୁଦାମ ଚନ୍ଦ୍ର ଦତ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଜାମଦା ବିଡ଼ିଓ ଦେବାଶିଷ୍ ପଣ୍ଡା,ସମ୍ମାନୀୟ ଅତିଥି ଡବ୍ଲ୍ୟୁଇଓ ସୁଭାଶିଷ୍ ଦାସ,ସିଆରସିସି ଶଙ୍କରପାତ୍ର,ବିଦ୍ୟାଳୟର ଅଧ୍ୟକ୍ଷ ଦିଗିଜ୍ ସୋରେନ୍,ପ୍ରାଣୀଧନ ନିରୀକ୍ଷକ ରୁମୁ ମୁର୍ମୁ,ଏନ୍ଏଏମ୍ ଜମୁନା ଟୁଡୁ,ଆଶା ଦିଦି ଫୁଲ ଟୁଡୁ,କୁସୁନ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।ତାରଣା ବିଦ୍ୟାଳୟରେ ସ୍ଥାପିତ ହୋଇଥିବା ମହାପୁରୁଷ ମହତ୍ମାଗାନ୍ଧୀ ,ଆମ୍ବେଦକର,ଜବାହରଲାଲ ନେହରୁ ସୁବାଷ ଚନ୍ଦ୍ର ବୋଷ,ସର୍ବପଲ୍ଲୀ,ରାଧାକୃଷ୍ଣ,ଠକ୍କର ବାପାଙ୍କ ପ୍ରତିମୂର୍ତ୍ତୀକୁ ଉନ୍ମୋଚନ କରିଥିଲେ ।ସହକାରୀ ଶିକ୍ଷକ ବିଜୟ କୁମାର ସିଂ ଅତିଥୀ ପରିଚୟ ପ୍ରଦାନ କରିଥିଲେ ।ପ୍ରଧାନ ଶିକ୍ଷକ ବିଦ୍ୟାଳୟର ବିବରଣୀ ପଠନ କରିଥିଲେ ।ବିଦ୍ୟାଳୟର ପ୍ର.ଶି ସୁଦାମ ସାର୍ ବାର୍ଷିକ ବିବରଣୀ ପଠନ କରିଥିଲେ ।ବିଦ୍ୟାର୍ଥୀଙ୍କ ଦ୍ୱାରା ବିଦ୍ୟାଳୟର ବିଭିନ୍ନ କଥା ଉପରେ ସୂଚନା ପ୍ରଦାନ କରିଥିଲେ ।ଏଥିସହ କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା ।

### ହାଇଦ୍ରାବାଦ କେରାଣ୍ଡି ଗ୍ରାମର ୨ ନିଖୋଜ ଦାଦନ ଶ୍ରମିକର ମୃତଦେହ ଉଦ୍ଧାର

## ନ୍ୟାୟ ଅପେକ୍ଷାରେ ଗଗ୍ରାମବାସୀ



ନବରଙ୍ଗପୁର୩୦/୩(ନି.ପ୍ର): ଡାବୁଗାଁ ଥାନା ଅନ୍ତର୍ଗତ କେରଣ୍ଡି ଗ୍ରାମର ପ୍ରାୟ ୧୧ ଜଣ ଶ୍ରମିକ ଦାଦନ ଖଟିବାକୁ ଆନ୍ଧ୍ର ପ୍ରଦେଶର ହାଇଦ୍ରାବାଦକୁ ୩ ମାସ ତଳେ ଯାଇଥିଲେ। କେରଣ୍ଡି ଗ୍ରାମର ଜଣେ ଦଲାଲ ସହ ସେମାନେ ଆନ୍ଧ୍ରର ସଂଗାରେଡି ଜିଲ୍ଲା, କଇର ଥାନା ଅନ୍ତର୍ଗତ ମାରପାଲି ଗ୍ରାମକୁ ଅକସରା ଆନନ୍ଦ ଫାର୍ମ କମ୍ପାନିରେ ପାଇପ୍ ?ଲାଇନ୍ କାର୍ଯ୍ୟ କରିବାକୁ ଯାଇଥିଲେ। ୧୧ ଜଣ ଶ୍ରମିକ ମଧ୍ୟରୁ କେରଣ୍ଡି ଗ୍ରାମର ହରି ସିଂ ମାଝୀ ଓ ବୈଦ୍ୟନାଥ ଭତରା ସାଙ୍ଗ ହୋଇ କାର୍ଯ୍ୟ କରୁଥିଲେ ।ତେବେ ମାର୍ଚ୍ଚ ମାସ ୧୦ ତାରିଖରୁ ହରି ସିଂ ଓ ବୈଦ୍ୟନାଥ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକେ ଫୋନ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଉଭୟଙ୍କ ଫୋନ ସ୍ୱିଚ ଅଫ ଦେଖାଇଥିଲା। ଶେଷରେ ମାର୍ଚ୍ଚ ୧୪ ତାରିଖରେ ହରି ସିଂ ଓ ବୈଦ୍ୟନାଥ ହାଇଦ୍ରାବାଦ ଯାଇ ନିଖୋଜ ହୋଇଥିବା ନେଇ ଡାବୁଗାଁ ଥାନାରେ ଉଭୟ ପରିବାର ଲୋକେ ଏତଲା ଦେଇଥିଲେ। ଗତକାଲି ଆନ୍ଧ୍ର ପ୍ରଦେଶର ମାର ପାଲି ଗ୍ରାମର ଅକସରା ଆନନ୍ଦ ଫାର୍ମର କିଛି ଦୂରରେ ଥିବା ଏକ ପରିତ୍ୟକ୍ତ କୂଅ ମଧ୍ୟରେ ଦୁଇଟି ଶବ ଦେଖା ଦେଇଥିଲା। ଖବର ପାଇ ନିକଟ କଇର ଥାନା ପୁଲିସ ଏକ ଜେସିବି ମେସିନ ଦ୍ୱାରା ପରିତ୍ୟକ୍ତ କୂଅ ମଧ୍ୟରୁ ଦୁଇଟି ଶବ ଉଦ୍ଧାର କରିଥିଲେ। ଦୁଇଟି ଶବ କେରଣ୍ଡି ଗ୍ରାମ ନିଖୋଜ ଶ୍ରମିକ ମାନଙ୍କ ବୋଲି ଚିହ୍ନଟ କରାଯାଇଥିଲା। ଏ ନେଇ ଆଜି କେରଣ୍ଡି ଗ୍ରାମର ଉଭୟ ପରିବାର ଲୋକ ଏବଂ ଗ୍ରାମବାସୀ ଡାବୁଗାଁ ଥାନାକୁ ନ୍ୟାୟ ଅପେକ୍ଷାରେ ଆସିଛନ୍ତି। ଦୁଇ ଜଣର ମୃତ୍ୟୁର କାରଣ ଏ୍ୱେବି ସନ୍ଦେହ ଘେରରେ। ବର୍ତ୍ତମାନ ଦେଖିବାକୁ ବାକି ରହିଲା ପ୍ରଶାସନ କିଭଳି ପରିବାର ବର୍ଗକୁ ନ୍ୟାୟ ଦେବପାଇଁ ପଦକ୍ଷେପ ନେବେ ।

## ଓଡ଼ାପଡ଼ା ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ



ଓଡ଼ାପଡ଼ା /ହିନ୍ଦୋଳ ୩୦/୩(ନି.ପ୍ର): ଆଜି ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଓଡ଼ାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରମୋଦ ରଂଜନ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ାପଡ଼ା ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ସୁଭଦ୍ରା ସାହୁ ମୂଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ମୂଖ୍ୟ ବକ୍ତା ରୂପେ ଓଡ଼ାପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର କାଲୋ, ସମ୍ମାନୀତ ଅତିଥି ରୂପେ ଡ଼ଃ ନୃସିଂହ ଚରଣ ନାୟକ,ରୋଜାଲିନ ସାମଲ, ରବିନାରାୟଣ ମହାରଣା ଓ ସି ଆର ସି ସନ୍ଦିପ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ଶେଷରେ ସି ଆର ସି ସନ୍ଦିପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

## ପୁଷ୍କରିଣୀର ଶିଳାନ୍ୟାସ କଲେ ବିଧାୟକ ଓମ୍ ପ୍ରକାଶ ମିଶ୍ର



କଣାସ ୩୦/୩(ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ବଡ଼ପୁଟ ଗ୍ରାମରେ ମୃତ୍ତିକା ସଂରକ୍ଷଣ ଜଳ ବିଭାଜିକା ଉନ୍ନୟନ ବିଭାଗ ତରଫରୁ ଏକ ପୁରାତନ ପୁଷ୍କରିଣୀ ବଡ଼ ପୋଖରୀର ନବୀକରଣ ନିମନ୍ତେ ଶିଳାନ୍ୟାସ କରିଛନ୍ତି ସତ୍ୟବାଦୀ ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ର ।ଖରାଦିନେ ପାଣିର ଉତ୍ସ ହ୍ରାସ ପାଉଥିବା ବେଳେ ଅଞ୍ଚଳରେ ଅନେକ ପୁଷ୍କରିଣୀ ପରିତ୍ୟକ୍ତ ଅବସ୍ଥାରେ ପୋତି ହୋଇଗଲାଣି ଫଳରେ ସେ ସବୁ ଗୁଡ଼ିକ ସରକାରଙ୍କ ପକ୍ଷରୁ ନବୀକରଣ ହେବା ଦ୍ୱାରା ସ୍ଥାନୀୟ ଅଂଚଳର ଲୋକମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ ।ଯାହାକୁ ଦୃଷ୍ଟିରେ ରଖି ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ।କାର୍ଯ୍ୟକ୍ରମରେ ଉପସ୍ଥିତ ମାତୃ ଶକ୍ତି, ଗୁରୁଜନ,ଦଳୀୟ ନେତୃବୃନ୍ଦ, ଗ୍ରାମବାସୀ ମାନଙ୍କୁ ବିଧାୟକ ଶ୍ରୀ ମିଶ୍ର ସମ୍ବୋଧିତ କରିଥିଲେ ।ଏହି ଅବସରରେ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ସମେତ ବହୁ ନେତୃବୃନ୍ଦ,ଛାମୁଆ କର୍ମୀ ଉପସ୍ଥିତ ଥିଲେ।

## କଇଁପୁର ଉନ୍ନୀତ ଉ.ପ୍ରା. ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ମୟୂରଭଞ୍ଜ୩୦/୩(ନି.ପ୍ର): ଜାମଦା ବ୍ଲକ କଇଁପୁର ଉନ୍ନୀତ ଉପ୍ରା ବିଦ୍ୟାଳୟରେ ପରିଚାଳନା କମିଟୀର ସଭାପତି ମଙ୍ଗଲ ସର୍ଦ୍ଦାରଙ୍କ ସଭାପତିତ୍ୱରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ସ୍ଥାନୀୟ ସରପଞ୍ଚ ମାଳତୀ କିସ୍କୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି ଉତ୍ସବର ଆଭିମୁଖ୍ୟ ଉପରେ ପ୍ରକାଶ କରିଥିଲେ ।ପରିଚାଳନା କମିଟୀର ସଭ୍ୟ ରଂଜନ ବାରିକ,ହରେକ୍ରିଷ୍ଣା ପାତ୍ର,ତନୁରାମ ଗୋଆଲା,ଅନିଲ ଗୋଆଲା,ସୁକାନ୍ତ ମହାନ୍ତି,ସମାଜସେବକ ସୁନିଲ ମୁଣ୍ଡା,କେଶରୀ ନାଥ,ଗାଁ ମୁଖିଆ ମାନୀ ସର୍ଦ୍ଦାର,ପ୍ରଧାନ ଶିକ୍ଷକ କୁମାର ସାଣ୍ଡିଲ,ଶିକ୍ଷକ ସଚିନ୍ଦ୍ର କୁମାର ସାମନ୍ତ,ବେଣୁଗୋପାଲ ମହାନ୍ତ,ମନମୋହନ ମହାନ୍ତ,ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ମଣ୍ଡଳ,ଶିକ୍ଷୟତ୍ରୀ ପ୍ରଭାତି ମଲ୍ଲିକ,ସସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବାଲିଗୁଡା ବସଷ୍ଟାଣ୍ଡ ରୁ ବିଦେଶୀ ମଦସହ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ୍ ଜବତ୍ : ବେପାରୀ ଗିରଫ

ବାଲିଗୁଡା୩୦/୩(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ବସଷ୍ଟାଣ୍ଡରେ ଦୋକାନ କରିଥିବା ବରଡ଼ ଭେରାଇଟ ଷ୍ଟୋରରେ ଚକଲେଟ, ବିସ୍କୁଟ, ମିକ୍ଚର ବିକ୍ରି ନାମରେ ଦୀର୍ଘଦିନ ଧରି ଖୁଲମଖୁଲା ଭାବେ ବିଦେଶୀ ମଦ ବିକ୍ରି ହେଉଥିବା ବିଷୟ ସ୍ଥାନୀୟ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କୁ ବିଶେଷ ସୂତ୍ରରୁ ଖବର ମିଳିବା ପରେ ପୋଲିସ ଟିମ୍ ସହ ଦୋକାନ ଉପରେ ଅଚାନକ ଚଢ଼ାଉ କରି ୧କେଜି ୨୧୦ଗ୍ରାମ ଗଞ୍ଜେଇ ଜବତ ସହ ସିଗାରେଟ୍ ଗୋଗୋ ୧କେଜି ୧୧୦ଗ୍ରାମ, ମିଷ୍ଟ୍ୱାଲ୍ ହ୍ୱିସ୍କି ୫୫ ବୋତଲ, ଓଲ୍ଡମଙ୍କ ୨୦ଟଟା, ପାଉଚ୍ ୩ଟା, ବିଅର୍ କେନ୍ ୫ ଟା ଏବଂ ୧୭ ଲିଟର ବିଦେଶୀ ମଦ ଜବତ କରିବା ସହ ଦୋକାନୀ ସଦାନନ୍ଦ ବରଡକୁ ଗିରଫ କରିଥିବା ବିଷୟ ପୋଲିସ୍ ଏସଡିପିଓ ରାମେନ୍ଦ୍ର ପ୍ରସାଦ ପ୍ରକାଶ କରିଛନ୍ତି।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହୀରାପୁରରେ 'ବାର୍ଷିକ ଉତ୍ସବ' ଅନୁଷ୍ଠିତ



ସିନାପାଲି ୩୦/୩(ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହୀରାପୁର ସ୍କୁଲ ପରିସରରେ 'ବାର୍ଷିକ କ୍ରୀଡ଼ା ତଥା ବାର୍ଷିକ ଉତ୍ସବ' ମହାସମାରୋହରେ ପାଳିତ ହୋଇଯାଇଛି। ଏନେଇ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସନତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଏବିଇଓ ଶ୍ରୀଯୁକ୍ତ ପ୍ରଦୀପ କୁମାର ପଣ୍ଡା,ମୁଖ୍ୟ ବକ୍ତା ଭାବରେ ଗୋବିନ୍ଦପୁର କ୍ଲଷ୍ଟର ସି ଆର ସି ସି ଶ୍ରୀଯୁକ୍ତ ଅତୁଳ କୁମାର ସୁପକାର, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ଭୋଳାନାଥ ଛତ୍ରିଆ, ବିଶିଷ୍ଟ ଅତିଥି ଭାବରେ ଟଙ୍କଧର ବନ୍ଦୀଛୋର,ସମାଜସେବୀ କେଶବ ପାଣ୍ଡେ, କୃଷ୍ଣ ଦାସ ତାଣ୍ଡି, ହୀରାଧର ହଂସ ପ୍ରମୁଖ ମଞ୍ଚାସିନ ଥିଲେ। ସହ ଶିକ୍ଷୟିତ୍ରୀ ରାଉତରାୟ ଏହି ସଭାରେ ସନ୍ତୋଷ ବନ୍ଦୀଛୋର, ଲୋକନାଥ ବନ୍ଦୀଛୋର, କୁବେର ବନ୍ଦୀଛୋର , ପରୀକ୍ଷିତ ମାଝୀ, ରନତ୍ ବନ୍ଦୀଛୋରଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଅତିଥିଗଣ ଯୋଗ ଦେଇ ଶିକ୍ଷାର ସାମଗ୍ରିକ ବିକାଶରେ ଦେଶର ଉନ୍ନତି ହୋଇପାରିବ ବୋଲି ମତ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀ ମାନେ ଫୁଲ ଚନ୍ଦନ ଓ ଓପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପରେ ଅତିଥିଗଣ ଦ୍ୱାରା ଦେବ ପୂଜନ ହେଲାପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସହ ଶିକ୍ଷୟିତ୍ରୀ ରୋଜାଲିନ ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମଞ୍ଚ ପରିଚାଳନା ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ଦାରୁକ ସିଂ ମାଝୀ ଓ ସହ ଶିକ୍ଷୟିତ୍ରୀ ଉମା ତୁମୁନିଆ ବିବରଣୀ ପଠନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବିପିନ ବିହାରୀ ବନ୍ଦୀଛୋର,ପ୍ରେମ ଛତ୍ରିଆ, ତୁଳସୀ ହଂସ, ଚନ୍ଦ୍ରକାନ୍ତି ପାଣ୍ଡେ, କୁନ୍ତୀ ହଂସ, ଉଲ୍ଲାସ ବନ୍ଦୀଛୋର, ଘରମଣୀ ବନ୍ଦୀଛୋର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହ ଶିକ୍ଷୟିତ୍ରୀ ଶ୍ରୀମତୀ ବୀଣା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଏହାକୁ ସହ ଶିକ୍ଷକ ଦାରୁକ ସିଂ ମାଝୀ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ପଦକ ପ୍ରଦାନ କରାଯାଇଥିଲା ।

## ଲାଲବାଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଏକ ଦିବସୀୟ କର୍ମଶାଳା

ନିଶ୍ଚିନ୍ତକୋଇଲ୩୦/୩(ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ଆଂଚଳିକ ସାଧନକେନ୍ଦ୍ର ଅଧିନସ୍ଥ ଲାଲବାଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଆମ ସଂସ୍କୃତି ଆମ ଖେଳନା ସଂପର୍କୀତ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମୀନତୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଗ୍ନିପୁର ଗ୍ରାମ ପଂଚାୟତର ସରପଂଚ ତିଲୋ□ମା ରାଉତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକାୟିତ ସୃଜନଶୀଳତାକୁ ଉଜ୍ଜୀବିତ କରିବା ସହ ଓଡିଆ ସଂସ୍କୃତିର ରୋମନ୍ଥନରେ ଶିଶୁମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇ ପାରିବ ବୋଲି ମତ ରଖିଥିଲେ। ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ମଣ୍ଡଳ ଶିକ୍ଷାଅଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ମଣ୍ଡଳ ସହ ଶିକ୍ଷା ଅଧିକାରୀ ନାରାୟଣ ରାଉତ, ବିଶିଷ୍ଟ ବକ୍ତା ଭାବେ ପରିବେଶବିତ୍ ପ୍ରମୋଦ କୁମାର ଦାଶ, ସମ୍ମାନୀତ ଅତିଥି ଭାବେ ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ସୁଶାନ୍ତ କୁମାର ପଣ୍ଡା, ସଂସ୍କୃତି ବିଶାରଦ ଆଶୁତୋଷ ପଣ୍ଡା, କତା କଣ୍ଢେଇ ହସ୍ତଶିଳ୍ପର ପ୍ରଶିକ୍ଷକ ଲକ୍ଷ୍ମୀପ୍ରିୟା ବେହେରା, ଟେରାକୁଟା ହସ୍ତଶିଳ୍ପୀ କା□ନ ବେହେରା ପ୍ରମୁଖ ଯୋଗଦାନ କରି ଆମ ଅଂଚଳର ସଂସ୍କୃତି ବିଜଡିତ ଶିଶୁ ସୁଲଭ ତଥ୍ୟ ଗୁଡିକୁ ଛାତ୍ର ଛାତ୍ରୀମାନଙ୍କୁ ଅବଗତ କରାଇବା ସହ ସେମାନଙ୍କ ପ୍ରସ୍ତୁତ ହାତ ତିଆରି ବିବିଧ ସାମଗ୍ରୀ ଗୁଡିକୁ ନିକଟରୁ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷୟିତ୍ରୀ ନର୍ମଦା ବାରିକ, ଶିକ୍ଷକ ରାଜେଶ କୁମାର ରାଉତ, ଶିକ୍ଷୟିତ୍ରୀ ସସ୍ମିତା ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା ପ୍ରମିଳା ସାହୁ, ଗୀତାଞ୍ଜଳୀ ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସଂଗୀତ, ନୃତ୍ୟ, ଆଦି ପ୍ରଦର୍ଶିତ କରାଯାଇଥିଲା। କର୍ମଶାଳା ଅବସରରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ର ଛାତ୍ରୀମାନଙ୍କୁ ସେମାନଙ୍କ ମେଧାଜ୍ଞାନ, ସୌଖିକ ତଥା ସୃଜନଶୀଳତା କୃତୀତ୍ୱ ନିମିତ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ସଂଖ୍ୟକ ଅଭିଭାବକମାନଙ୍କ ଉପସ୍ଥିତି ସହ ସ୍ଥାନୀୟ ବିଶିଷ୍ଟ ନାଗରିକମାନେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିଲୋଚନ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଟିଏ ବୈଠକରେ ଏସ୍ଏ-୨ ପରୀକ୍ଷା ଫଳର ତର୍ଜମା

ନିଶ୍ଚିନ୍ତକୋଇଲି ୩୦/୩(ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବରାଦୋ ପ□ାୟତ ସ୍ଥିତ ପାଟପୁର ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୨୪-୨୫ ଶିକ୍ଷାବର୍ଷର ବାର୍ଷିକ ପରୀକ୍ଷା(ଏସ୍ଏ-୨) ର ଫଳାଫଳ ପ୍ରକାଶିତ ହୋଇଛି । ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସ୍କୁଲ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ଓ ୫୦ଜଣରୁ ଉର୍ଦ୍ଧ୍ୱ ଅଭିଭାବକ ମାନଙ୍କୁ ନେଇ ଏକ ବୈଠକ କରାଯାଇ ଚଳିତ ବର୍ଷର ପରୀକ୍ଷା ଫଳ ସଂକ୍ରାନ୍ତରେ ବିଷଦ ଭାବେ ତର୍ଜମା କରାଯାଇଛି । ଏହି ପରୀକ୍ଷା ଫଳରେ ଶିକ୍ଷା କ୍ଷେତ୍ରରେ ଦୁର୍ବଳ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କ ପାଇଁ ଆଗାମୀ ଦିନରେ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ନିମନ୍ତେ କି କି ପଦକ୍ଷେପ ନିଆଯିବ ସେ ନେଇ ଆଲୋଚନା କରାଯିବା ସହ ଅଭିଭାବକ ମାନଙ୍କର ମତାମତ ଗ୍ରହଣ କରାଯାଇଛି । ପ୍ରଧାନଶିକ୍ଷୟିତ୍ରୀ କିରଣବାଳା ଦାସ ଏହି ବୈଠକରେ ଛାତ୍ର ଛାତ୍ରୀମାନଙ୍କର ଗତିବିଧିକୁ ଦୃଷ୍ଟି ଦେବା ପାଇଁ ଅଭିଭାବକ ମାନଙ୍କୁ ଅନୁରୋଧ କରିଥିବା ବେଳେ ସେମାନେ କିଭଳି ପ୍ରତ୍ୟେକ ଦିନ ବିଦ୍ୟାଳୟକ ଆସିବେ ଓ ପାଠପଢାରେ ମନୋନିବେଶ କରିବେ ସେଥିପାଇଁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ସ୍କୁଲ ପରିଚାଳନା କମିଟିର ସଭାପତି ସତ୍ୟରଂଜନ ମଳିକ,ଶିକ୍ଷକ ସୀତାକାନ୍ତ ସାମଲ, ଦେବପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ଭୀମଭୋଇ ଭିର୍ନକ୍ଷମ ସାମଥ୍ୟ ଶିବିର ଅନୁଷ୍ଠିତ

ଆଠମଲ୍ଲିକ ୩୦/୩(ନି.ପ୍ର): ଆଠମଲ୍ଲିକ ସହର ସ୍ଥିତ କଲ୍ୟାଣୀ ମଣ୍ଡପ ପରିସରରେ ଆଠମଲ୍ଲିକ ବ୍ଲକ ତରଫରୁ ଭିନ୍ନ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଟିଟସ ମହାନନ୍ଦିଆ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିର କୁ ଉଦଘାଟନ କରିଥିଲେ। ଏହି ଶିବିର ରେ ୩୮୦ ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ପଞ୍ଜିକୃତ କରିବା ସହିତ ଚିନ୍ହଟ ପ୍ରକ୍ରିୟା ରେ ସାମିଲ ହୋଇଥିଲେ । ଅସ୍ଥି ଶଲ୍ୟ, ଚକ୍ଷୁ ବିଶେଷଜ୍ଞ, ଶିଶୁ ବିଭାଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଗଳା, ନାସା, କର୍ଣ୍ଣ ବିଭାଗ ର ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ଦିବ୍ୟାଙ୍ଗ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିର ରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ଦାଶ,ସ୍ୱାଧୀନ ନାୟକ, ପ୍ରିୟଦର୍ଶୀ ସାମଲ, ଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ନୂଆ ନାମ ଲେଖା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ ପତ୍ର ବଣ୍ଟନ

ନିଶ୍ଚିନ୍ତକୋଇଲି,୩୦/୩(ନି.ପ୍ର): ଶିକ୍ଷା ବିଭାଗ ପକ୍ଷରୁ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ୫ ରୁ ୬ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କର ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନୂତନ ଭାବେ ନାମ ଲେଖାଇବା ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପାଳନ ଉପରେ ଗୁରୁତ୍ୱ ଦିଆଯାଇଛି । ଆସନ୍ତା ଏପ୍ରିଲ ୨ତାରିଖରେ ଏହି କାର୍ଯ୍ୟକ୍ରମରେ କିଭଳି ଅଧିକ ଶିଶୁ ବିଦ୍ୟାଳୟରେ ଯୋଗଦାନ କରିବେ ସେ ନେଇ ସଚେତନତା ପାଇଁ ମୁଖ୍ୟମନ୍ତ୍ରୀଙ୍କର ଏକ ଆମନ୍ତ୍ରଣ ପତ୍ର ବଣ୍ଟନ ମଧ୍ୟ କରାଯାଉଛି । ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ନରେନ୍ଦ୍ରପୁର ପ□ାୟତ କାକୁଡ଼ିଆପଡ଼ା ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ପ୍ରଧାନଶିକ୍ଷକ ଗୋଲାମ ମେହେନ୍ଦୀ ହସନ୍ଙ୍କ ନେତୃତ୍ୱରେ ସ୍ଥାନୀୟ ଗ୍ରାମ ମାନଙ୍କରେ ମୁଖ୍ୟମନ୍ତ୍ରୀଙ୍କ ଏହି ଆମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ବଟକୃଷ୍ଣ ନାୟକ ଓ କବି ନାୟକ ଶିଶୁ ମାନଙ୍କ ଘରକୁ ଯାଇ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅଭିଭାବକ ମାନଙ୍କୁ ସଚେତନ କରାଇଛନ୍ତି । ଆସନ୍ତା ୨ତାରିଖ ଦିନ ହେବାକୁ ଥିବା ଏହି ପ୍ରବେଶ ଉତ୍ସବ ପାଇଁ ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟ ମଧ୍ୟ କରାଯାଇଛି ।

# ମୃତ୍ୟୁ ପରେ ସର୍ବାଙ୍ଗ ଦାନ କରିବେ ଚର୍ଚ୍ଚିତ ମହିଳା ଚାଷୀ ରାମବାଇ



ବରଗଡ ୩୦/୩(ନି.ପ୍ର): ବରଗଡ ବ୍ଲକ ଅନ୍ତର୍ଗତ ଜମୁର୍ଡା ଗ୍ରାମ ର ଚର୍ଚ୍ଚିତ ମହିଳା ଚାଷୀ ରାମବାଇ ଦାସ ଏବେ ପୁଣି ଚର୍ଚ୍ଚା ରେ। ଏକଦା ମହିଳା ଚାଷୀ ଭାବେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଦିଲ୍ଲୀରେ ସମ୍ମାନିତ ହୋଇଥିଲେ ରାମବାଇ ।ଗରୀବ ପରିବାରରେ ଜନ୍ମ ହୋଇଥିବା ରାମବାଇ ପିଲା ଦିନରୁ ସଂଘର୍ଷମୟ ଜୀବନ ଯାପନ କରିଥିଲେ । ତାଙ୍କ ବୈବାହିକ ଜୀବନ ମଧ୍ୟ ଥିଲା ଦୁଃଖମୟ । ସ୍ୱାମୀଙ୍କୁ ଖୁବ କମ ବୟସରେ ହରାଇଥିଲେ ରାମବାଇ ।ରାମବାଇଙ୍କ ଉପରେ ଏକ ମାତ୍ର ଝିଅ ଓ ବୁଢ଼ୀ ମାଆ ସହିତ ପରିବାର ପୋଷଣର ଦାୟିତ୍ୱ ନ୍ୟସ୍ତ କ୍ଷ ନିଜସ୍ୱ କିଛି ସମ୍ପତ୍ତି ନଥିବାରୁ ଅନ୍ୟମାନଙ୍କ ଜମିରେ ଭାଗ ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ସମାଜ ପାଇଁ କିଛି କରିବା ର ନିଶା ସବୁବେଳେ ରାମ ବାଇ ଙ୍କୁ ବିଚଳିତ କରିବା ସହ ବରିଷ୍ଠ ସାମ୍ବାଦିକ ତଥା ଜୁହାର ପରିବାର ସମ୍ବଲପୁର ର ସଂଯୋଜକ ଶ୍ରୀ ପ୍ରଫୁଲ୍ଲ କୁମାର ଦାଶ ଙ୍କ ପରିବାର ର ପାଞ୍ଚ ଜଣ ସଦସ୍ୟ ସଦସ୍ୟା ସର୍ବାଙ୍ଗ ଦାନ କରିବା ତାଙ୍କୁ ପ୍ରେରଣା ଦେଇ ଥିଲା। ମୃତ୍ୟୁ ପରେ ନିଜର ସର୍ବାଙ୍ଗ ଦାନ ପାଇଁ ବରଗଡ଼ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ସହିତ ଯୋଗାଯୋଗ କରନ୍ତି ରାମ ବାଇ ଦାସ। ସର୍ବାଙ୍ଗ ଦାନ ପାଇଁ ଆବଶ୍ୟକ ଚୁକ୍ତି ପତ୍ର କୁ ନିଷ୍ଠା ପରିବାର ଦ୍ୱାରା ପ୍ରସ୍ତୁତ ପରେ ସ୍ୱାକ୍ଷର କରିବା ସହ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଇଘଇଞଡଂଗଣ)କୁ ନିଷ୍ଠା ପରିବାର ର ମହିଳା ଶାଖା ର ସଂଯୋଜିକା ତ୍ରିପୁରା ସୁହୁଲା ଓ ସକ୍ରୀୟ ସଦସ୍ୟା ସୁତପା ଗଡତିଆ ଙ୍କ ସହ ଯାଇ ନିଜର ଚୁକ୍ତି ପତ୍ର କୁ ପ୍ରଦାନ କରିଥିଲେ ରାମ ବାଇ। ମୃତ୍ୟୁ ପରେ ଶରୀର ପୋଡ଼ି ପାଉଁଶ ହୋଇ ଯିବା ଅପେକ୍ଷା ତାଙ୍କ ଆଖି ରେ ଦୁଇ ଜଣ ଏ ରଙ୍ଗୀନ ଦୁନିଆ ଦେଖି ପାରିବେ ତା ସହ ମେଡିକାଲ ଛାତ୍ର ଛାତ୍ରୀ ମାନେ ତାଙ୍କ ଶରୀର ରେ ପାଠ ପଢି ପାରିବେ ସେଥିପାଇଁ ସେ ବହୁତ ଖୁସୀ ଅନୁଭବ କରିବା ସହ ଏ ଭଳି ମହତ କାମ ରେ ତାଙ୍କୁ ସଗାଯୋଗ କରିଥିବାରୁ ସେ ନିଷ୍ଠା ପରିବାର କୁ ବହୁତ ବହୁତ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଡିଭାଇଡର ରେ ପିଟି ହୋଇ ବାଇକ ଆରୋହୀ ମୃତ

**ପାଟଣା ୩୦/୩(ନି.ପ୍ର):** ୨୦ ନଂ ଜାତୀୟ ରାଜପଥ ଘଟଗାଁ ଥାନା ଅଞ୍ଚଳ ପିପିଳିଆ ମହାବିଦ୍ୟାଳୟ ନିକଟରେ ଭାରସ୍ୟାମ ହରାଇ ଡିଭାଇଡର ଉପରେ ଚଢିଯିବାରୁ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବା ସହ ବାଇକ ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ଗୁରୁତର ହୋଇଥିଲେ । ଘଟଣା ସ୍ଥଳରୁ ଗୁରୁତର ଚିକିଣିଆ ଗ୍ରାମର ହରେକୃଷ୍ଣ ନାଏକ (୩୫) ଓ ବାଇକ ଚାଳକ ସେହି ଗ୍ରାମର ମୋହନ ନାଏକ (୩୩) ଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରୋଗୀଯାନ ରେ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ହରେକୃଷ୍ଣ ନାଏକଙ୍କୁ ରିସିଭ ଡେଥ ଘୋଷଣା କରିଛନ୍ତି । ଗୁରୁତର ମୋହନଙ୍କୁ କେନ୍ଦୁଝରରୁ କଟକ ବଡ ଡାକ୍ତରଖାନା ରେଫର କରଯାଇଛି । ଘଟଗାଁ ଥାନା କେସ ନଂ ୧୧୫/୨୦୨୫ ମୂଳେ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ କେନ୍ଦୁଝର ଯାଇ ମୃତକର ଶବ ବ୍ୟବଚ୍ଛେଦ କରାଯାଇଛି । ଉଭୟ ଗୁରୁତର ଓ ମୃତକ ପିପିଳିଆ ପଞ୍ଚାୟତ କୁ ବିପିଏଲ ଚାଉଳ ଆଣିବାକୁ ଯାଇ ସେଠାରୁ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ର ଶିକାର ହୋଇଥିଲେ।

## ପ୍ରଧାନ ଶିକ୍ଷକ ଙ୍କ ଅବସର କାଳୀନ ସମ୍ବର୍ଦ୍ଧନା

**ପାଟଣା ୩୦/୩(ନି.ପ୍ର):** ସାହାରପଡା ବ୍ଲକ ଅନ୍ତର୍ଗତ ରାଇଡିହା ପଞ୍ଚାୟତ ଶିଆଳିଯୋଡ଼ା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ମହାନ୍ତ ଙ୍କୁ ଆଜି ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ସହକାରୀ ଶିକ୍ଷକ ଶିଶିର ପ୍ରଧାନ ଙ୍କ ଅଧକ୍ଷତାରେ ଏକ ଅବସର କାଳୀନ ସମର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ସଞ୍ଜୟ ବସନ୍ତ ଚକ୍ର ,ମୁଖ୍ୟ ବକ୍ତା ଭାବେ ଭିକାରି ଚରଣ ସାହୁ ଓ ସମ୍ମାନୀତ ଅତିଥି ଭାବେ ରଘୁନାଥ ବେହେରା, ପ୍ରଶାନ୍ତ କୁମାର ମିଶ୍ର, ଲକ୍ଷ୍ମୀ ନାରାୟଣ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଶିକ୍ଷକ ଯୁଧିଷ୍ଠିର ମହାନ୍ତ ଙ୍କ ଚାକିରୀ ଜୀବନ ର କିଛି ଭଲ ଗୁଣ ବର୍ଣନା କରିବା ସହିତ ସେ ଜଣେ ଇଂରାଜୀ ଶିକ୍ଷକ ହିସାବରେ ଅଞ୍ଚଳରେ ବେଶ ଜଣା ଶୁଣା ଥିଲେ । ତାଙ୍କ ଅବସର ପରେ ଉକ୍ତ ବିଦ୍ୟାଳୟ ଇଂରାଜୀ ଶିକ୍ଷକ ଶୂନ୍ୟ ହୋଇ ଯିବ ବୋଲି କହିଥିଲେ । ଶିକ୍ଷକ ଯୁଧିଷ୍ଠିର ତାଙ୍କ ଚାକିରୀ ଜୀବନ ଏହି ଠାରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ଏଠାରେ ନିଷ୍ଠାର ସହିତ ବହୁ ବାଧା ବିଘ୍ନ ସତ୍ୱେ ବିଦ୍ୟାଳୟ ଟିକୁ ନିଜ ହାତ ରେ ଗଢି ଥିବା ପ୍ରକାଶ କରିଥିଲେ । ବିଦ୍ୟାଳୟ ତରଫରୁ ତାଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ସମ୍ବାଦ ମହୋତ୍ସବ-୨୦୨୫ ଅନୁଷ୍ଠିତ

**ଚେଣ୍ଡୁଲିଖୁଣ୍ଟି ୩୦/୩(ନି.ପ୍ର):** ନବରଙ୍ଗପୁର ଜିଲ୍ଲା ଚେଣ୍ଡୁଲିଖୁଣ୍ଟି ବ୍ଲକ ପୂଜାରିଗୁଡ଼ା ମିନି ଷ୍ଟାଡିୟମ ଠାରେ ଶୁଭ ସମ୍ବାଦ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।ପୂଜାରିଗୁଡ଼ା ଗ୍ରାମ ଖ୍ରୀଷ୍ଟୀୟ ସମାଜ ପକ୍ଷରୁ ଆୟୋଜିତ ଶୁଭ ସମ୍ବାଦ ମହୋତ୍ସବ ଦୀର୍ଘ ତିନି ଦିନ ଧରି ଚାଲିଥିବା ବେଳେ ରାୟପୁରରୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅଭିଷିକ୍ତ ଦାସ ଗାନା ଘୁରେ ଏବଂ ସମ୍ବଲପୁରରୁ ସୁବାସ ସାହାଣୀ ଦୁଇ ବକ୍ତା ଯୋଗ ଦେଇଥିଲେ।ଏହି ମହୋତ୍ସବ ତିନି ଦିନ ଚାଲିଥିବା ବେଳେ ଜିଲ୍ଲାରୁ ତଥା ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ଖ୍ରୀଷ୍ଟ ବିଶ୍ୱାସୀ ତଥା ଅନେକ ଲୋକ ଯୋଗ ଦେଇ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ କୁ ଗ୍ରହଣ କରିଥିବା ଜଣା ପଡ଼ିଛି । ପ୍ରଭୁଙ୍କ ଗୁଣ କୀର୍ତ୍ତନ କରିଥିଲେ । ସଭାରେ ପ୍ରଦୀପ କୁମାର ନାଗ ମଞ୍ଚ ପରିଚାଳନା କରିଥିବା ବେଳେ ସିମିଲିଗୁଡା ଆସିଥିବା ସଲମାନ୍ କୁଲଦୀପ ଆରାଧନା କରିଥିଲେ । ବିଜୟ କର୍କର, ରାଜେନ୍ଦ୍ର କର୍କରା, ମିଖାଇଲ କର୍କରା, ଗାବ୍ରିଏଲ୍ କର୍କରା, ନିରନ୍ କର୍କରା, ଆଦିତ୍ୟ କର୍କରା, ପ୍ରଫୁଲ୍ଲ କର୍କରା, ପାଳକ ଜ୍ୱିନ କୁମାର, ମସ୍ତରମ୍ ଖୁରା, ସୁମିତ୍ ସେମିଲି, ଜଗନ୍ନାଥ ସୁନା, ଅନ୍ତ ବାଘ, ତପନ ଟାକ୍ରି, କିଶ୍ୱର ବାଘ, ସିନୁ ଟାକ୍ରୀ,ରୋହନ ଖୁରା, ସନୁ ନାଗ, ରାଜା ସୁନା ପ୍ରମୁଖ ଖ୍ରୀଷ୍ଟୀୟ ଯୁବ କାର୍ଯ୍ୟ କ୍ରମ କୁ ପରିଚାଳନାରେ ସହଯୋଗ କରିଥିଲେ।

# ଗୋଣ୍ଡ ସାଂସ୍କୃତିକ ସମାଜ ର ଷଷ୍ଠ ବାର୍ଷିକ ସମ୍ମିଳନୀ



**ପାଟଣା ୩୦/୩(ନି.ପ୍ର):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବାଉଁଶୁଳି ଠାରେ ଗୋଣ୍ଡ ସାଂସ୍କୃତିକ ସମାଜ ଖିରେଇ ଟାଙ୍ଗିରି ପଲ୍ଲୀ ର ଷଷ୍ଠ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଖିରେଇ ଟାଙ୍ଗିରି ପଲ୍ଲୀ ର ସଭାପତି ଦାଶରଥୀ ନାଏକ, ଉପସଭାପତି ଡୋଳେଶ୍ୱର ନାଏକ, ସମ୍ପାଦକ ଲାଲମୋହନ ନାଏକ ଙ୍କ ବଳିଷ୍ଠ ତତ୍ତ୍ୱାବଧାନ ରେ ଖୁବ ମହା ସମାରୋହରେ ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଗୋଣ୍ଡ ଜାତୀର ପରମ୍ପରା ଅନୁଯାୟୀ ଏକ ବିରାଟ ଜନ ପଟୁଆରରେ ମା ଭଉଣୀ ମାନଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା କ୍ଷ କଳସ ଯାତ୍ରାରେ ଆଠ ଗୋଟି ଗ୍ରାମର ମା ଭଉଣୀ ମାନେ ଅଂଶଗ୍ରହଣ କରି ନିଜର ପ୍ରିୟ ଠାକୁର ଜଂଘା ଦେଓ, ବଡା ଦେଓ, ଲିଙ୍ଗା ଦେଓ ଏବଂ ମାତା ଗୌରୀ ଦେବୀ ଙ୍କୁ ପୂଜା କରାଯାଇଥିଲା । ବାଉଁଶୁଳି ଗ୍ରାମର ଦେହୁରୀ ମକୁନ୍ଦ ଚନ୍ଦ୍ର ନାଏକ ପୂଜା କରିଥିବା ବେଳେ ତାଳପଦା ଦେହୁରୀ ଭୁବନାନନ୍ଦ ନାଏକ, ଭୁଲୁଦା ଦେହୁରୀ ନିତ୍ୟାନନ୍ଦ ନାଏକ ସହଯୋଗ କରିଥିଲେ । ଖିରେଇ ଟାଙ୍ଗିରି ଏବଂ ବାଉଁଶୁଳି ଗ୍ରାମ ପଞ୍ଚାୟତ ର ଆଠ ଟି ଗ୍ରାମକୁ ନେଇ ଖିରେଇ ଟାଙ୍ଗିରି ପଲ୍ଲୀ ଗଠିତ ହୋଇଥିବା ବେଳେ ପ୍ରତି ବର୍ଷ ଖୁବ ମହା ସମାରୋହରେ ବାର୍ଷିକ ଉତ୍ସବ ପାଳନ କରି ଆସୁଛି । ପ୍ରତି ବର୍ଷ ଭଳି ଏବର୍ଷ ମଧ ଖୁବ ଧୁମ ଧାମ ରେ ଏହି ବାର୍ଷିକ ଉତ୍ସବକୁ ଆୟୋଜନ କରାଯାଇଥିଲା । କିନ୍ତୁ ଶେଷ ସମୟରେ କେନ୍ଦୁଝର ଜିଲ୍ଲାର ସଭାପତି ଏହି ବାର୍ଷିକ ଉତ୍ସବ ରେ ଯୋଗ ନ ଦେବା ଗୋଣ୍ଡ ସମାଜ ପାଇଁ ଏକ କ୍ଷୋଭ ସୃଷ୍ଟି କରିଦେଇଛି । ଜିଲ୍ଲା ସଭାପତି ଯୋଗ ନ ଦେବାପରେ ଗୋଣ୍ଡ ସାଂସ୍କୃତିକ ସମାଜ ର ପାରମ୍ପରିକ ଖଣ୍ଡା ନୃତ୍ୟ ପ୍ରତିଶ୍ରୁତି ଦେଇଥିଲେ ମଧ ହଠାତ ମନା କରିଦେବା ସମାଜ ପାଇଁ ଏକ ଅଶାନ୍ତି ସୃଷ୍ଟି କରିଦେଇଛି । ଜିଲ୍ଲା ସଭାପତି ଯୋଗ ନ ଦେବା ଏବଂ ପ୍ରତିଶ୍ରୁତି ଦେଇ ମଧ ଗୋଣ୍ଡ଼ ସମାଜ ର ପାରମ୍ପରିକ ଖଣ୍ଡା ନୃତ୍ୟ ଆସିବାପାଇଁ ମନା କରିଦେବା, ଏହା ମଧରେ କିଛି ରହସ୍ୟ ଲୁଚି ରହିଛି ବୋଲି ଅନୁମାନ କରାଯାଉଛି । ବାର୍ଷିକ ଉତ୍ସବରେ ଦୀର୍ଘ ବର୍ଷ ହେଲା ମନରଞ୍ଜନ ପାଇଁ ନିଜ ଜାତୀର ପାରମ୍ପରିକ ନୃତ୍ୟ କଳା କୁ ପରିବେଷଣ କରି ମନରଞ୍ଜନ ଦେଇ ଆସୁଥିଲେ । ଏବର୍ଷ କିନ୍ତୁ ଖଣ୍ଡା ନୃତ୍ୟ ପରଗା ହୋଇ ନଥିଲେ ମଧ୍ୟ ନିଜ ଜାତି ଭାଇ ଭଉଣୀ ମାନଙ୍କ ଦ୍ୱାରା ଆୟୋଜିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଖୁବ ଉଚ୍ଚ କୋଟିର ଏବଂ ଆକର୍ଷଣୀୟ ହୋଇଥିଲା । ଅତିଥି ଆସନ ଗ୍ରହଣ କରିବା ପାଇଁ କେନ୍ଦୁଝର ଜିଲ୍ଲା ଗୋଣ୍ଡ ସାଂସ୍କୃତିକ ସମାଜ ର ସଭାପତି ଯୋଗ ଦେଇ ନଥିବା ବେଳେ, ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ତଥା ପୂର୍ବତନ କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗ ଦେଇ ଗୋଂଡ଼ ଜାତିକୁ ଆଗକୁ ନେବାପାଇଁ ସବ ସାହସ ଦେଇଥିଲେ । ସାମ୍ମାନୀୟ ଅତିଥିଭାବେ ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ପାଟଣା ବ୍ଲକ ପୂର୍ବତନ ଚେୟାରମ୍ୟାନ ସୁକାନ୍ତି ନାଏକ,ଖିରେଇ ଟାଙ୍ଗିରି ସମିତି ସଭ୍ୟ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବରେ ପାଲଲହଡା ର ଅକ୍ଷୟ କୁମାର ନାଏକ ଯୋଗ ଦେଇ ଗୁଣ୍ଡି ଭାଷା ଉପରେ ପ୍ରାଧାନ୍ୟ ଦେଇଥିଲେ । ଏବର୍ଷ ବାର୍ଷିକ ଉତ୍ସବ ର ମୁଖ୍ୟ ଆକର୍ଷଣ ପାରମ୍ପରିକ ଥିଲା କଳସ ଯାତ୍ରା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ । ଗୋଟିଏ ଦିନ ପୂର୍ବରୁ ଖଣ୍ଡା ନୃତ୍ୟ ଆସିବା ପାଇଁ ମନା କରିଦେଇଥିବା ଯୋଗୁଁ ବାର୍ଷିକ ଉତ୍ସବଟି ଫିକା ପଡ଼ିଯିବ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ ଆଞ୍ଚଳିକ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏତେ ଉଚ୍ଚ କୋଟିର ହୋଇଥିଲା ଯେ,ଅନ୍ୟ ବର୍ଷ ଅପେକ୍ଷା ଏବର୍ଷ ବାର୍ଷିକ ସମ୍ମିଳନୀ ସମସ୍ତଙ୍କ ମନକୁ ମୋହି ନେଇ ପାରିଥିଲା । ଖିରେଇ ଟାଙ୍ଗିରି ପଲ୍ଲୀ ର ସଦସ୍ୟ ବାସୁଦେବ ସିଂହ ଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇ ଗୋଣ୍ଡ ସାଂସ୍କୃତିକ ସମାଜ ର ଭାଇ ଭଉଣୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ଅତିଥି ମାନଙ୍କ ଦ୍ୱାରା ସଚେତନ ବାର୍ତ୍ତା ବାଣ୍ଟିଥିଲେ । ଏହି ବାର୍ଷିକ ଉତ୍ସବରେ ଖିରେଇ ଟାଙ୍ଗିରି ପଲ୍ଲୀ ସଦସ୍ୟ ପିତାମ୍ବର ନାଏକ, ମହେନ୍ଦ୍ର ନାଏକ, ଗୋବର୍ଦ୍ଧନ ନାଏକ, ହରେକୃଷ୍ଣ ନାଏକ, ଜୟକୃଷ୍ଣ ନାଏକ, ରାଧାକାନ୍ତ ନାଏକ ସମ୍ପୂର୍ଣ ସହଯୋଗ କରିଥିଲେ । ଖିରେଇ ଟାଙ୍ଗିରି ପଲ୍ଲୀ ର ସପ୍ତମ ବାର୍ଷିକ ସମ୍ମିଳନୀ ଆସନ୍ତା ବର୍ଷ ନୂଆଗାଁ ଗ୍ରାମରେ ଅନୁଷ୍ଠିତ ହେବ ।

## ଦୁଇ ଦଫା ଦାବି ନେଇ ଜେଏମ୍ଏମ୍ ପକ୍ଷରୁ ବିଶାଳ ଗଣ ବିକ୍ଷୋଭ ଓ ସାଧାରଣ ସଭା



**ମୟୂରଭଞ୍ଜ ୩୦/୩(ନି.ପ୍ର):** ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ରାଜନୈତିକ ଦଳର ଓଡିଶା ରାଜ୍ୟ ସଭାପତି ଅଂଜନୀ ସୋରେନଙ୍କ ନିର୍ଦ୍ଦେଶ କ୍ରମେ ଦୁଇ ଦଫା ଦାବି ନେଇ ଜିଲ୍ଲା ଉପସଭାପତି ଘନଶ୍ୟାମ ପିଙ୍ଗୁଆଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା କରିଥିଲେ। ଦୁଇ ଦଫା ଦାବି ନେଇ ଜେଏମ୍ଏମ୍ ପକ୍ଷରୁ ବିଶାଳ ଗଣ ବିକ୍ଷୋଭ ଓ ସାଧାରଣ ସଭା ରାଇରଙ୍ଗପୁର: ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ରାଜନୈତିକ ଦଳର ଓଡିଶା ରାଜ୍ୟ ସଭାପତି ଅଂଜନୀ ସୋରେନଙ୍କ ନିର୍ଦ୍ଦେଶ କ୍ରମେ ଦୁଇ ଦଫା ଦାବି ନେଇ ଜିଲ୍ଲା ଉପସଭାପତି ଘନଶ୍ୟାମ ପିଙ୍ଗୁଆଙ୍କ ନେତୃତ୍ୱରେ ରାଇରଙ୍ଗପୁରସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ଛକଠାରୁ ଏକ ବିଶାଳ ସଭାଯାତ୍ରାରେ ବାହାରି ବାମନଘାଟୀ ଉପଖଣ୍ଡ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିରୁଦ୍ଧରେ ବିଭିନ୍ନ ନାରାବାଜି ଦେଇଥିଲେ। ଏଥିରେ ଶତାଧିକ ଜେଏମଏମ୍ କର୍ମୀ ଉପସ୍ଥିତ ଥିଲେ ।ଜେଏମଏମ୍ର ଦୁଇ ଦଫା ଦାବି ଗୁଡ଼ିକ ହେଲା:- କିଛିଦିନ ପୂର୍ବରୁ ମୟୂରଭଂଜ ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇଥିବା ପ୍ରତ୍ୟେକ ପରିବାରକୁ ଅବିଳମ୍ବେ ୧୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଉ ଏବଂ ବିକାଶ ନାମରେ ପଂଚଂମ ଅନୁସୂଚିତ ଅଂଚଳ ଜମିରେ ଦୀର୍ଘଦିନରୁ ବସବାସ କରି ଆସୁଥିବା ଆଦିବାସୀ ମୂଳବାସୀମାନଙ୍କୁ ଉଚ୍ଛେଦ ବନ୍ଦ କରାଯାଉ ବୋଲି ଦାବି କରିଛନ୍ତି। ଯଦି ଆଦିବାସୀମାନଙ୍କୁ ଉଚ୍ଛେଦ କରାଯାଉଛି ତାହେଲେ ସେମାନଙ୍କ ନିମନ୍ତେ ଖାଦ୍ୟ ଓ ବାସଗୃହର ବ୍ୟବସ୍ଥା ପ୍ରଥମେ ବ୍ୟବସ୍ଥା କରାଯାଉ, ଆଦିବାସୀଙ୍କ ଉପରେ ସରକାର ଅତ୍ୟାଚାର ବନ୍ଦ କରନ୍ତୁ ବୋଲି ନାରାବାଜି ଦେଇଥିଲେ। ଗଣ ବିକ୍ଷୋଭକୁ ଜେଏମଏମ୍ ?ର ରାଜ୍ୟ ସମ୍ପାଦକ ଦୁବରାଜ୍ ନାଗ୍, ରାଜ୍ୟ ସାଂଗଠନିକ ସମ୍ପାଦକ ସାଲୁ କିସ୍କୁ, ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ, ରାଜ୍ୟ ପ୍ରବ୍ୟକ୍ତା ସୁନିଲ୍ ମାଝୀ, ଜିଲ୍ଲା ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ୍ ?, ଭୁବନ ଟୁଡୁ, ଜିଲ୍ଲା ପରିଷଦ ସଭ୍ୟ/ ସଭ୍ୟା ବିଦୁସ୍ମିତା ଦେଓ, ମୀନା ସୋରେନ୍, ଶିତଲ କିସ୍କୁ, ବରିଷ୍ଠ ନେତା ସୁଦାମ ହେମ୍ବ୍ରମ ପ୍ରମୁଖ ପରିଚାଳନା କରିଥିଲେ ।ଜେଏମଏମର ପାଗନ୍ ସୋରେନ୍ ?, ରାମଚନ୍ଦ୍ର ମୁର୍ମୁ, ଛଟରାୟ ସୋରେନ୍, ମିଳନ ମହାନ୍ତ, ମନୋଜ କୁମାର, ରାହୁଲ ମୁର୍ମୁ, ସାଂଖ ମାଝୀ, ମଙ୍ଗଲା ମାରାଣ୍ଡିଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଶେଷରେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଉପଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଗଞ୍ଜାମ ଗସ୍ତରେ ପିସିସି ସଭାପତି

### ହିଞ୍ଜିଳି କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଓ ବିଜେପି ନେତାଙ୍କ କଂଗ୍ରେସରେ ଯୋଗଦାନ



**ହିଞ୍ଜିଳିକାଟୁ ୩୦/୩(ନି.ପ୍ର):** ଶନିବାର ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ଏଆଇସିସି ଗଣମାଧ୍ୟମ ବିଭାଗୀୟ ଅଧ୍ୟକ୍ଷ ପଥ୍ୱନ ଖେଡାଜୀ ଗଞ୍ଜାମ ଗସ୍ତରେ ଆସିଛନ୍ତି। ହିଞ୍ଜିଳି କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।? ହିଞ୍ଜିଳି ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ପାଢିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ? ହିଞ୍ଜିଳିକାଟୁ ବ୍ଲକ ଭାବନ୍ଧ ଛକ ନିକଟରେ ପିସିସି ସଭାପତି ଶ୍ରୀ ଦାସ ଓ ଏଆଇସିସି ଗଣମାଧ୍ୟମ ବିଭାଗୀୟ ଅଧ୍ୟକ୍ଷ ଶ୍ରୀ ଖେଡାଜୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ଉଭୟ ଦଳୀୟ କର୍ମୀଙ୍କ ସହ ଗଞ୍ଜାମ ପ୍ରସିଦ୍ଧ ଶକ୍ତିପୀଠ ମା' ତାରାତାରିଣୀ ମନ୍ଦିରରେ ପହଞ୍ଚି ଦର୍ଶନ, ପୂଜାପାଠ କରିବା ସହ ମା'ଙ୍କ ଆଶିଷ ଭିକ୍ଷା କରିଥିଲେ। ଆଗାମୀ ଦିନରେ ଦଳକୁ ଶକ୍ତିଶାଳୀ କରିବା ଏବଂ ତୃଣମୂଳ ସ୍ତରରେ ସଂଗଠନ ସୁଦୃଢ କରିବା ସହ ଜନସାଧାରଣଙ୍କ ନିକଟତର ହେବା ପାଇଁ ପିସିସି ସଭାପତି ଶ୍ରୀ ଦାସ ଉଦବୋଧନ ଦେଇଥିଲେ। ଏହି ଅବସରରେ ହିଞ୍ଜିଳିକାଟୁ ନଗର ବିଜେପି ପ୍ରାକ୍ତନ ସାଧାରଣ ସମ୍ପାଦକ ଭୂବନେଶ୍ୱର ନାୟକ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଯୋଗଦାନ କରିଥିଲେ। ?ଶ୍ରୀ ଦାସଙ୍କ ଗସ୍ତ ସମୟରେ କବିସୂର୍ଯ୍ୟନଗର କଂଗ୍ରେସ ବିଧାୟକ ପ୍ରାର୍ଥୀ ସଞ୍ଜୟ ମଣ୍ଡଳ, ପୋଲସରା ବିଧାୟକ ପ୍ରାର୍ଥୀ ଅଗସ୍ତୀ ବରଡ, ଭଞ୍ଜନଗର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବିଷୋୟୀ, ଆସିକା ବିଧାୟକ ପ୍ରାର୍ଥୀ ସୁରଭି ବିଷୋୟୀଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ବ୍ରାହ୍ମଣୀ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ "ସ୍ପନ୍ଦନ" ଅନୁଷ୍ଠିତ



**ଓଡ଼ାପଡ଼ା /ହିନ୍ଦୋଳ୩୦/୩(ନି.ପ୍ର):** ଗତ ୨୮ ତାରିଖ ରେ ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ଖଡଗ ପ୍ରସାଦ ସ୍ଥିତ ବ୍ରାହ୍ମଣୀ ପବ୍ଲିକ୍ ସ୍କୁଲର ଊନବିଂଶତମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ର ଅଧକ୍ଷ ନିହାର ରଂଜନ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ରୂପେ ଡ଼କ୍ଟର ଅବିନାଶ ସାମଲ,ଚିନ୍ମୟ ମିଶନ୍, ଢେଙ୍କାନାଳର ବରେଣ୍ୟ ସାଧୁ ସ୍ୱାମୀ ସର୍ବପ୍ରିୟନନ୍ଦ ମହାରାଜ, ଅନୁଗୋଳ ଜିଲ୍ଲାର ଏ.ଡି.ଏମ୍. ଉଦୟ କୁମାର ମହାପାତ୍ର ,ନଭ ଲିମିଟେଡ଼ ର ଭାଇସ୍ ପ୍ରେସିଡେଣ୍ଟ ରିଅର୍ ଆଡମିରାଲ୍ ଭି. ରାଜଶେଖର , ବ୍ରାହ୍ମଣୀ ଟ୍ରକ୍ ଆସୋସିଏସନ୍ ସମ୍ପାଦକ ,ତଥା ବ୍ରାହ୍ମଣୀ ପବ୍ଲିକ୍ ସ୍କୁଲର ପ୍ରତିଷ୍ଠାତା ସଦସ୍ୟ ବିଜୟ କୁମାର ଧଳ ,, ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ସାହୁ , ବିନୋଦ କୁମାର ସାହୁ ଓଡ଼ାପଡ଼ା ବ୍ଲକ୍ ର ବି.ଇ.ଓ. ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର କାଳୋ , ଅନୁଗୋଳ ଆଦର୍ଶ ଇଣ୍ଟର ନ୍ୟାସନାଲ ସ୍କୁଲ୍ ର ଅଧକ୍ଷ ସୁରେନ୍ଦ୍ର କୁମାର ଭୋଇ ଜି.ଏମ୍.ଆ଼ ,ଡି.ଏ.ଭି.ର ଅଧକ୍ଷାଶ୍ରୀମତୀ ଅହଲ୍ୟା ବାଇ ସାହୁ, ଖଡଗପ୍ରସାଦ ଉଚ୍ଚ ବିଦ୍ୟାଳୟର ହେଡ୍ ମାଷ୍ଟର ଶ୍ରୀଯୁକ୍ତ ମୀନକେତନ ପରିଡ଼ା,କମଳାଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ କ୍ଷୀରୋଦ କୁମାର ସାହୁ ,ଖଡଗପ୍ରସାଦ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ, ସମାଜସେବୀ ଶ୍ରୀଯୁକ୍ତ ନରୋତ୍ତମ ରାଉତ , ନଭ ଲିମିଟେଡ଼ର ଇଲେକ୍ଟ୍ରିକାଲ ଡି.ଜି.ଏମ୍.,ମି. ବି. ଶ୍ରୀକାନ୍ତ,ଏମ୍.ଜି.ଏମ୍., ଷ୍ଟିଲ ଲିମିଟେଡ଼ ର ଇ.ଡି.(କମର୍ସିଆଲ) ଶ୍ରୀଯୁକ୍ତ ଶ୍ରୀକାନ୍ତ ବେହେରା , ଓଡ଼ାପଡ଼ା ବ୍ଲକ୍ ର ସି.ଆ଼ର୍.ସି.ସି. ଶ୍ରୀଯୁକ୍ତ ନରେଶ କୁମାର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କ କର ଅମଳରେ ଦୀପ ପ୍ରଜ୍ୱଳନ ପୂର୍ବକ ବିଧିବଦ୍ଧ ଭାବେ ଉତ୍ସବର ଅୟମାରମ୍ଭ ପରେ ପରେ ବିଦ୍ୟାଳୟର ଅଧକ୍ଷ ଡକ୍ଟର ନୀହାର ରଞ୍ଜନ ସିଂହ ମହୋଦୟ ମଞ୍ଚାସୀନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ଏବଂ ତତ୍ ସଙ୍ଗେ ସଙ୍ଗେ ବିଦ୍ୟାଳୟର ବୃତ୍ତ କଥନ ପାଠ କରିଥିଲେ । ନଭ ଲିମିଟେଡ଼ର ରିଅର୍ ଆଡମିରାଲ୍ ଭି.ରାଜଶେଖର ସ୍ୱାଗତ ଭାଷଣରେ ଗ୍ରାମାଞ୍ଚଳରେ ଆଧୁନିକ ତଥା ଇସ୍ବରାଜୀ ମାଧ୍ୟମ ସ୍କୁଲ ମାଧ୍ୟମରେ ଶିକ୍ଷା ପ୍ରଦାନର ସ୍ୱପ୍ନ ଦେଖୁଥିବା ଏ ଅଞ୍ଚଳର ଶିକ୍ଷା ପ୍ରେମୀମାନଙ୍କୁ ପ୍ରଶଂସା କରିବା ସହିତ ପିଲାମାନେ କିପରି ସର୍ବବିଧ ଉନ୍ନତି କରିବେ ସେହି ଦିଗରେ ଗୁରୁତ୍ୱ ଆରୋପ କରିଥିଲେ । ଏ.ଡି.ଏମ୍. ଶ୍ରୀଯୁକ୍ତ ଉଦୟନାଥ ମହାପାତ୍ର ପିଲାମାନଙ୍କର ଗୁଣାତ୍ମକ ଶିକ୍ଷା ଗ୍ରହଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଦର୍ଶ ଇଣ୍ଟର ନ୍ୟାସନାଲ ସ୍କୁଲ୍ ଅନୁଗୁଳର ଅଧକ୍ଷ ଶ୍ରୀଯୁକ୍ତ ଭୋଇ ପିଲାଙ୍କ ପରିଶ୍ରମ ଓ ନୂତନତ୍ୱ ଉପରେ ଆଲୋକପାତ କରିଥିଲେ । ଡକ୍ଟର ଅବିନାଶ ସାମଲ ପ୍ଲାଷ୍ଟିକ ମୁକ୍ତ ପରିବେଶ, ବୃକ୍ଷରୋପଣ ତଥା ପରିବେଶ ପ୍ରଦୂଷଣ ଦୂରକରିବା ପାଇଁ ସଚେତନ କରାଇଥିଲେ । ଅତିଥିମାନେ ବିଶେଷତଃ ଶିକ୍ଷାର ଗୁଣାତ୍ମକ ମାନର ବୃଦ୍ଧି ଉପରେ ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନୃତ୍ୟ, ସଂଗୀତ ସହିତ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବାରୁ ପୁରସ୍କୃତ କରାଯାଇଥିଲା ।ଅତିଥି, ଶିକ୍ଷକ ଶିକ୍ଷୟିତ୍ରୀ,ଅନ୍ୟ କର୍ମଚାରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଶେଷରେ ବିଦ୍ୟାଳୟର ବରିଷ୍ଠ ଇଂରାଜୀ ଶିକ୍ଷକ ଶ୍ରୀଯୁକ୍ତ କ୍ଷୀରୋଦ ଚନ୍ଦ୍ର ଦାସ ମହୋଦୟ ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦାରିଙ୍ଗବାଡ଼ି ଓକିଲ ସଂଘ ନିର୍ବାଚନ ଶେଷ: ପ୍ରଦୀପ ସଭାପତି, ଇନ୍ଦ୍ରମଣୀ ସମ୍ପାଦକ

**ବାଲିଗୁଡା ୩୦/୩(ନି.ପ୍ର):** କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ଓକିଲ ସଙ୍ଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ମୁଖ୍ୟ ପଦବୀ ସଭାପତି ଭାବେ ପ୍ରଦୀପ କୁମାର ସାହୁ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଇନ୍ଦ୍ରମଣୀ ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଏହି ଉଭୟ ପଦ ପାଇଁ ତ୍ରିମୁଖୀ ଲଢେଇ ହୋଇଥିବା ବେଳେ ଦୁହେଁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀଙ୍କ ଠାରୁ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ସେହିପରି କୋଷାଧକ୍ଷ ଭାବେ ରାମଚନ୍ଦ୍ର ବେହେରା ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ସନ୍ତୋଷ କୁମାର ସାହୁ, ସହ ସମ୍ପାଦକ ହରେନ କୁମାର ସାହୁ, ପାଠାଗାର ସମ୍ପାଦକ ଭାବେ ଏଲିୟାସ ମାଝୀ, କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋଜ କୁମାର ପଣ୍ଡା ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଏହି ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ଉମେଶ କର ନିର୍ବାଚନ ପରିଚାଳନା କରିଥିଲେ। ଶାନ୍ତିପୂର୍ଣ୍ଣ ଭାବରେ ନିର୍ବାଚନ ସମ୍ପନ୍ନ ହୋଇଥିବା ବରିଷ୍ଠ ଓକିଲ ଉମେଶ କର କହିଛନ୍ତି। ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ନିର୍ବାଚନ ସମୟରେ ସମସ୍ତ ଓକିଲ ଉପସ୍ଥିତ ରହି ନିର୍ବାଚନରେ ସାମିଲ ହୋଇଥିଲେ।

## କନ୍ଧପଡା ପ୍ରାଥମିକ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ



**କର୍ଲାମୁଣ୍ଡା ୩୦/୩(ନି.ପ୍ର):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ରିଷିଡା କନ୍ଧପଡା ପ୍ରାଥମିକ ବିଦ୍ୟାଳୟ ଠାରେ ୫୩ ବର୍ଷ ପୂର୍ତ୍ତି ଅବସରରେ ଆମ ସଂସ୍କୃତି ଆମ ଖେଳନା, ପ୍ରଥମ ବାର୍ଷିକ ଉତ୍ସବ ଶନିବାର ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ମଲ୍ଲିକ ତତ୍ତ୍ୱାବଧାନରେ ହୋଇଥିବା ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ସରପଞ୍ଚ ସେବତୀ ରଣା, ମୁଖ୍ୟବକ୍ତା ସାଗର ରଣା, ସମ୍ମାନିତ ଅତିଥି ଗୋପମଣି ସାହୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ,ହର ରଣା ସ୍କୁଲ ସଭାପତି, ସମିତି ସଭ୍ୟ ସିନୁ ବେହେରା, ମୋହନ ଲାଲ ରଣା,ହେମାଦ୍ରି ଭୋଇ, ନେପାଳ ମାଝୀ ଦେବେନ୍ଦ୍ର ରଣା, ସାମ୍ବାଦିକ ସୁଶାନ୍ତ ମଲ୍ଲିକ, ରମେଶ ବାରିକ, ମହେନ୍ଦ୍ର ପ୍ରଧାନୀ, ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଶିକ୍ଷା ହେଉଛି ଛାତ୍ରଛାତ୍ରୀଙ୍କ ମୁଳ ରାସ୍ତା ବୋଲି ଅତିଥି ମାନେ ନିଜ ମତବ୍ୟକ୍ତ କରିଥିଲେ। ଏଥିରେ ସଭାକାର୍ଯ୍ୟ ଓ ମଞ୍ଚପରିଚାଳନା ବିଶିକେଶନ ସୁନା ସିଆରସିସି, ରିଷିଡା କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ଏବଂ କୃତି ଛାତ୍ରଛାତ୍ରୀ ଙ୍କୁ ପୃରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସନ୍ତୋଷିନୀ ରଣା,ତରୁଣ କୁମାର ଗହିର ଓ ଛାତ୍ର ଛାତ୍ରୀ ପ୍ରମୁଖ ସହଯୋଗ କରିଥିବାବେଳେ କାର୍ଯ୍ୟକ୍ରମ ପରିଶେଷରେ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିପଦର ଶ୍ରୀ ଅରବିନ୍ଦ ପୁର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୪ତମ ବାର୍ଷିକ ଉତ୍ସବ

**ବୁଗୁଡ଼ା ୩୦/୩(ନି.ପ୍ର):** ବାଲିପଦର ମାତୃଗିରୀରେ ପ୍ରତିଷ୍ଠିତ ଶ୍ରୀ ଅରବିନ୍ଦ ପୁର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୪ତମ ବାର୍ଷିକ ଉତ୍ସବ ଓ ଅଭିଭାବକ ସମ୍ମିଳନୀ ବିଦ୍ୟାଳୟର ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଚାଳନା ପରିଷଦର ସଭାପତି ନାରାୟଣ ସାମନ୍ତରା ଅଧକ୍ଷତା କରିଥିଲେ। ମୁଖ୍ଯ ଅତିଥି ଭାବେ ବାଲିପଦର ପଞ୍ଚାୟତ ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ ଯୋଗଦେଇ ଥିବାବେଳେ ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ କୃତିବାସ ବିଶ୍ୱାଳ, ବଣିକସଂଘ ସଭାପତି ଇଂ. ଲକ୍ଷ୍ମୀ ପ୍ରସାଦ ନାୟକ, ବାଲିପଦର କଲେଜର ପ୍ରାକ୍ତନ ଅଧ୍ଯକ୍ଷ ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ର, ସିଆରସିସି ବିଶ୍ୱଜିତ ପରିଡା ଏବଂ ସମ୍ମାନିତ ଅତିଥି ଭାବେ ବିଶ୍ୱନାଥ ରଣା, ପ୍ରକାଶ ଚନ୍ଦ୍ର ରଥ, ଡି. ଗୋପାଳ ଆଚାରୀ, କେ ସମିତ୍ ପାତ୍ର, ଏ.ସରଭିସ୍ ଆଚାରୀ, ଜି.ସଂଜିବ କୁମାର ପାତ୍ର, ଡାକ୍ତର ବିକାଶ ପାତ୍ର, ଦିଲ୍ଲୀପ କୁମାର ଖାଡଙ୍ଗା ଯୋଗଦେଇ ଉଦବୋଧନ ଦେଇ ଥିଲେ। ଛାତ୍ରଛାତ୍ରୀ ବୃନ୍ଦଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ବୃନ୍ଦ ସିଲଡ଼ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ଗୁରୁମା ଗୁରୁ ଭାଇ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶ୍ରୀଅରବିନ୍ଦ ପୁର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ଯକ୍ଷା ନୟନୀ ମହାରଣା ଧନ୍ଯବାଦ ଅର୍ପଣ କରିଥିଲେ।

## ସେଣ୍ଟ୍ରାଲ ଟୁଲ ଟ୍ରେନିଂ ସେଣ୍ଟରରେ ୧୩୬ ୟୁନିଟ ରକ୍ତ ସଂଗ୍ରହ



**ବୁଗୁଡା ୩୦/୩(ନି.ପ୍ର):** ଓଡ଼ିଶା ରକ୍ତଦାତା ମହାସଂଘ ଓ ସେଣ୍ଟ୍ରାଲ ଟୁଲ ଟ୍ରେନିଂ ସେଣ୍ଟର୍, ପଟିଆ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ରକ୍ତ ଦାନ କରି ଏହି ଶିବିରରେ ୧୩୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରକୁ ଅନୁଷ୍ଠାନର ମୁଖ୍ୟ ଉଦଘାଟନ କରିଥିଲେ । ରାଜ୍ୟର ଦୁଇଟି ରକ୍ତ ଭଣ୍ଡାର ଯଥା କ୍ୟାପିଟାଲ ରକ୍ତ ଭଣ୍ଡାର ଓ ରେଡକ୍ରସ ଭୁବନେଶ୍ୱର୍ ରକ୍ତଭଣ୍ଡାର ଉଭୟଙ୍କ ମୁଖ୍ୟ ଡାକ୍ତର ଦେବାଶିଷ ମିଶ୍ର ଓ ଡାକ୍ତର ବେଉରା ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ । ସିଟିଡ଼ିଶି ଭୁବନେଶ୍ୱରର ଶଶାଙ୍କ ସାହୁ, ଏସ କେ ରାଉତ ସମସ୍ତେ କାର୍ଯ୍ୟକ୍ରମ ସଫଳତା ଦିଗରେ କାର୍ଯ୍ୟକ୍ରମ କରିଥିଲେ । ଓଡ଼ିଶା ରକ୍ତଦାତା ମହାସଂଘର ସମ୍ପାଦକ ତ୍ରିଲୋଚନ ଦାଶ ସମସ୍ତ ବ୍ୟବସ୍ଥା କୁ ସଞ୍ଚାଳନ କରିବା ସହିତ ଆଗାମୀ ଦିନ ରେ ସାରା ରାଜ୍ୟ ଏହି ଭଳି ଶିବିର ଆୟୋଜନ କରିବା ପାଇଁ କହିଥିଲେ । ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ମହାନ୍ତି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ସମସ୍ତଙ୍କୁ ଜୀବନ ରକ୍ଷାକରି ରକ୍ତଦାନ କରିଥିବାରୁ ଧନ୍ୟବାଦ୍ ଜଣେଇଥିଲେ। ଆଗାମୀ ଦିନରେ ରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଗୁଡିକରେ ରକ୍ତଦାନ ଶିବିର ଆୟୋଜନକୁ ନେଇ ଯୋଜନ କରାଯାଉଥିବା ମହାସଂଘ ସଭାପତି ଅକ୍ଷୟ କୁମାର ରାଉତ ପ୍ରକାଶ କରିଥିଲେ ।

## ମୁକ୍ତାପୂର ଆଶ୍ରମ ବିଦ୍ୟାଳୟ ରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ


**ପାଟଣା ୩୦/୩(ନି.ପ୍ର):** ଘଟଗାଁ ବ୍ଲକ ଅନ୍ତର୍ଗତ ମୁକ୍ତାପୁର ଆଶ୍ରମ ବିଦ୍ୟାଳୟ ରେ ପ୍ୟାରେଣ୍ଟସ ଆଜ ପାର୍ଟନରସ୍ ବା ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଘନଶ୍ୟାମ ମହାନ୍ତ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର ପୂର୍ଣ୍ଣ ଚନ୍ଦ୍ର ବଳ ମୁଖ୍ୟ ଅତିଥି, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ପ୍ରିତମ ପ୍ରିୟଦର୍ଶିନୀ ସାମଲ ଓ କଟରାବେଡା ସି ଆର ସି ସି ହୃଷୀକେଶ ପଲେଇ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ବାଳ ମୁକୁଳି ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ ।କାର୍ଯ୍ୟକ୍ରମ ରେ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇ ଜନସାଧାରଣ ଙ୍କ ନିମନ୍ତେ ଥିବା ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମ ରେ ଛାତ୍ର ଛାତ୍ରୀ ଓ ଅଭିଭାବକ ଓ ଅଭିଭାବିକା ମାନେ ବହୁ ସଂଖ୍ୟାରେ ସଭାରେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ,ସହକାରୀ ଶିକ୍ଷକ,ସି ସି ଏ,ମହିଳା ସି ସି ଏ,ମହିଳା ମାଟ୍ରୋନ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ତଥା ସମସ୍ତ ସଦସ୍ୟ ସଦସ୍ୟା ମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ଚଳିତ ବର୍ଷ ବିଭିନ୍ନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ନମଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରୀ ଏବଂ ପଞ୍ଚମ ଶ୍ରେଣୀ ରେ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରୀ ମାନଙ୍କୁ କାର୍ଯ୍ୟକ୍ରମ ରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଟାକରଡା କ୍ଲଷ୍ଟର ପକ୍ଷରୁ ଶିକ୍ଷାଦାନ ଶିକ୍ଷଣ ଉପକରଣ କର୍ମଶାଳା

**ବୁଗୁଡ଼ା ୩୦/୩(ନି.ପ୍ର):** ବୁଗୁଡା ବ୍ଲକ ଟାକରଡା କ୍ଲଷ୍ଟର ଅନ୍ତର୍ଗତ ମତାଝରି ସରକାରୀ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଦୁଇ ଦିନିଆ ଶିକ୍ଷାଦାନ ଶିକ୍ଷଣ ଉପକରଣ କର୍ମଶାଳା ସିଆରସିସି ଅନନ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାର୍ଚ୍ଚ ୨୮ ଓ ୨୯ ଦୁଇ ଦିନ ପାଇଁ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କର୍ମଶାଳାରେ ଟାକରଡା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକୟତ୍ରୀ ବୃନ୍ଦଙ୍କ ଦ୍ୱାରା ଆଞ୍ଚଳିକ ଶିଳ୍ପିଙ୍କ ସହାୟତାରେ ଏଫଏଲଏନ ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଶ୍ରେଣୀ ଗୃହ ଶିକ୍ଷାଦାନକୁ ସହଜ, ସରଳ, ସୁଗମ ଓ ଆନନ୍ଦମୟ କରିବା ଲାଗି ବିଦ୍ୟାଳୟ ଓ ଗ୍ରାମ ପରିବେଶରୁ ମିଳୁଥିବା ଉପାଦାନକୁ ନେଇ ପ୍ରସ୍ତୁତି ଓ ବ୍ୟବହାର କରି ଛାତ୍ରଛାତ୍ରୀ ବୃନ୍ଦଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ହୋଇଥିବା ବେଳେ ଶିକ୍ଷକ ଓ ଶିକ୍ଷୟତ୍ରୀ ବୃନ୍ଦ ଏହାର ଉପଯୋଗ କରି ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଗଠନରେ ସହାୟକ ହୁଅନ୍ତୁ ବୋଲି ବରିଷ୍ଠ ଶିକ୍ଷକ ରବୀନ୍ଦ୍ର କୁମାର ପାତ୍ର ପରାମର୍ଶ ଦେଇଥିଲେ। ସିଆରସିସି ଅନନ୍ତ କୁମାର ସାହଙ୍କ ତତ୍ତ୍ୱାବଧାନରେ ଅବଶ୍ୟକ ସାମଗ୍ରୀ, ଖାଦ୍ୟ, ପାନୀୟ ର ବ୍ୟବସ୍ତା କରାଇବା ସହିତ କର୍ମଶାଳା ସୁଚାରୁରୁପେ ସମାପ୍ତୀ ହୋଇ ଥିଲା। ଉପକରଣ ଗୁଡିକୁ ଦେଖି ଉଚ୍ଚକୋଟୀର ବୋଲି ପ୍ରଶଂଶିତ କରିଥିଲେ ବରିଷ୍ଠ ଶିକ୍ଷକ ରବୀନ୍ଦ୍ର ସେଠୀ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୁଗା ଓଡ଼ିଶାର, ଚାହିଦା ପଡ଼ିଶାରେ

## ଓଡ଼ିଶାରେ ମିଳୁନି କଞ୍ଚାମାଲ, ନାହିଁ ବଜାର ସୁବିଧା



**ନବରଙ୍ଗପୁର,୩୦/୩(ନି.ପ୍ର):** ନବରଙ୍ଗପୁର ଓ କୋଷାଗୁମୁଡ଼ା ବ୍ଲକରେ ରହିଛନ୍ତି ହସ୍ତତନ୍ତ ବୁଣାକାର। ଏହି ବୁଣାକାରଙ୍କ ଲୁଗାର ଚାହିଦା ରାଜ୍ୟ ଓ ରାଜ୍ୟ ବାହାରେ ରହିଛି। ତେବେ ବୁଣାକାରଙ୍କ ବୃତ୍ତି ବଞ୍ଚାଇ ରଖିବାକୁ ନା ଓଡ଼ିଶାରେ ମିଳୁଛି କଞ୍ଚାମାଲ ନା ବିକ୍ରିବଟା ପାଇଁ ରହିଛି ବଜାର ବ୍ୟବସ୍ଥା। ଉତ୍ପାଦିତ ଲୁଗା ବିକ୍ରିବଟା ପାଇଁ ପଡ଼ୋଶୀ ଛତିଶଗଡ଼ ଉପରେ ନିର୍ଭର କରୁଛନ୍ତି ବୁଣାକାର ପରିବାର। ନିଜ ଇଚ୍ଛାଶକ୍ତି ବଳରେ କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି। କୋଷାଗୁମୁଡ଼ା ବ୍ଲକର ମୁଣ୍ଡାଗୁଡ଼ା ଗାଁରେ ରହୁଛନ୍ତି ୪୦ ତନ୍ତୀ ପରିବାର। ବିଭିନ୍ନ ରଙ୍ଗ ଓ ବାନ୍ଧ ଦିଆ ଡିଜାଇନର ଶାଢ଼ୀ, ଟାୱାଲ, ଦୁପଟା, ଡ୍ରେସ କପଡ଼ା ବୁଣି ବାହାର ରାଜ୍ୟରେ ବିକ୍ରି କରୁଛନ୍ତି। ଏମାନେ ବୁଣୁଥିବା ସୁନ୍ଦର ଧୋତିର ଅଧିକ ଚାହିଦା ଛତିଶଗଡ଼ ଅଞ୍ଚଳରେ ରହିଛି। ବୁଣୁଥିବା ଲୁଗାଗୁଡ଼ିକ ପାରମ୍ପରିକ ଡିଜାଇନ୍‌ର ହୋଇଥିବାରୁ ବିଶେଷ ଭାବେ ଗଣ୍ଡ ସମ୍ପ୍ରଦାୟର ଲୋକେ ଏହାକୁ କିଣୁଛନ୍ତି। ଶାଢ଼ୀ ଗୁଡ଼ିକ ୬ ହଜାରରୁ ୧୫ ହଜାର ଟଙ୍କା ମଧ୍ୟରେ ବିକ୍ରି ହେଉଛି। ଆଲ ରଙ୍ଗ ଦିଆ ସୂତା କୋଟପାଡ଼ରୁ ଆଣୁଛନ୍ତି ବୁଣାକାର। ଯେଉଁ ରଙ୍ଗ ଛାଡ଼େ ନାହିଁ ଓ ଶାଢ଼ୀର ଚମକ ଅଧିକ ରହିଥାଏ। ଚର୍ମ ରୋଗରୁ ମଧ୍ୟ ଦୂରେଇ ରଖେ। ଆଲ ରଙ୍ଗଦିଆ ଶାଢ଼ୀର ଦାମ ଅଧିକ ରହିଥାଏ। ଏହାର ଚାହିଦା ଦିଲ୍ଲୀ ବଜାରରେ ଅଧିକ ରହିଛି। ଓରମାସ ପକ୍ଷରୁ ବିଭିନ୍ନ ପ୍ରଦର୍ଶନୀ ମେଳା, ଜିଲାସ୍ତରୀୟ ପଲ୍ଲୀଶ୍ରୀ ମେଳାରେ ବିକ୍ରି ପାଇଁ ସୁଯୋଗ ଦିଆଯାଉଛି ବୁଣାକାର ପରିବାରକୁ। ତେବେ ନବରଙ୍ଗପୁରରେ ସୂତା ମିଳୁନଥିବାରୁ କୋରାପୁଟ ଜିଲ୍ଲାର କୋଟପାଡ଼ ଓ ବରଗଡ଼ରୁ ଆଣିବାକୁ ପଡୁଛି। ସୁନ୍ଦର ମାନି ଧୋତି ଛତିଶଗଡ଼ର ଜଗଦଲପୁରରେ ବିକ୍ରି କରୁଛନ୍ତି। ୫୦ କିମି ଦୂରରେ ଜଗଦଲପୁର ଥିବାରୁ ବଜାରୀକରଣ ପାଇଁ ବୁଣାକାର ପରିବାରକୁ ସହଜ ହୋଇଥାଏ। ବୁଣାକାରଙ୍କୁ କୋରାପୁଟ ବୁଣାକାର ସୋସାଇଟି ପକ୍ଷରୁ ଥରେ ମାତ୍ର ତାଲିମ ପ୍ରଦାନ କରାଯାଇଛି। ବଜାର ଚାହିଦାକୁ ଦୃଷ୍ଟିରେ ରଖି ସମ୍ବଲପୁର, ବରଗଡ଼ ଭଳି ଜିଲ୍ଲାରୁ ତାଲିମଦାତା ଆସି ନୂଆ ଡିଜାଇନ୍ ଉପରେ ତାଲିମ ଦେଲେ ଭଲ ହୁଅନ୍ତା ବୋଲି ବୁଣାକାର କହିଛନ୍ତି। ଅନ୍ୟପକ୍ଷରେ ବ୍ଲକ କିମ୍ବା ଜିଲ୍ଲା ସଦର ମହକୁମାରେ ବୁଣାକାରଙ୍କ ପାଇଁ ଷ୍ଟଲ୍ ଏବଂ ହସ୍ତତନ୍ତ ବୁଣାକାରଙ୍କ ପାଇଁ ଏକ ଗୋଷ୍ଠୀ ସାଧନ କେନ୍ଦ୍ର ଖୋଲାଗଲେ ବିକ୍ରିବଟା ହୋଇପାରନ୍ତା। ମୁଣ୍ଡାଗୁଡ଼ା ଭଳି ନବରଙ୍ଗପୁର ଜିଲ୍ଲାର ସାନ ମସିଗାଁ, ବଡ଼ମସିଗାଁ, ଭାଟିଗାଁ, ବରାଗାଁ, ଚଟାହାଣ୍ଡି, ମେଦନା ଗ୍ରାମରେ ବୁଣାକାର ପରିବାର ଲୁଗା ବୁଣି ନିଜ ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ଜିଲ୍ଲାରେ ଏହି ସମସ୍ତ ତନ୍ତୀ ପରିବାରକୁ ପର୍ଯ୍ୟାୟକ୍ରମେ ହସ୍ତତନ୍ତ ବିଭାଗ ପକ୍ଷରୁ ନୂଆ ଡିଜାଇନ୍‌ର ତାଲିମ ପ୍ରଦାନ ସହ ଆବଶ୍ୟକ କଞ୍ଚାମାଲ ଯୋଗାଇଦେବା ପାଇଁ ଦାବି ହେଉଛି।

## ପାଣି ପାଇଁ ଘାଣ୍ଟି ହେଉଛି ବଣ୍ଡାଘାଟି

### ଆଦିମ ଜନଜାତିଙ୍କ ତୃଷା ମେଣ୍ଟାଉଛି ଝରଣା ପାଣି



**ମାଲକାନଗିରି, ୩୦/୩(ନି.ପ୍ର):** ମାର୍ଚ୍ଚ ସରିନି ଗରମରୁ ନିସ୍ତାର ନାହିଁ। ତତଲା କଡ଼େଇରେ ପରିଣତ ହେଲାଣି ଉପାନ୍ତ ମାଲକାନଗିରି ଜିଲ୍ଲା। ତାତି ଛଟପଟ କରୁଥିଲା ବେଳେ ଜଳ ସଂକଟ ଲୋକଙ୍କୁ ଘାଣ୍ଟିଲାଣି। ବିଶେଷ କରି ଆଦିମ ଜନଜାତି ବସବାସ କରୁଥିବା ବଣ୍ଡାଘାଟିରେ ପରିସ୍ଥିତି ଅସମ୍ଭାଳ। ବଣ୍ଡାଘାଟିର ଅଣ୍ଡ୍ରାହାଲ ଓ ମୁଦୁଲିପଡ଼ା ପଞ୍ଚାୟତରେ ମୋଟ ୩୨ ଗାଁ ରହିଛି। ସରକାରୀ ରେକର୍ଡରେ ଘାଟିରେ ମାତ୍ର ୬୦ରୁ ୭୦ଟି ନଳକୂପ ରହିଛି। କିନ୍ତୁ ସେଥିରୁ କିଛି ଅଚଳ ଏବଂ ଆଉ କିଛିରୁ ବାହାରୁଥିବା ଗୋଳିଆ ପାଣି ବ୍ୟବହାରଯୋଗ୍ୟ ନୁହଁ। ଏମିତି ସ୍ଥିତିରେ ଲୋକେ ଝରଣା, ଚୁଆ ଏବଂ ଗଛ କୋରଡ଼ ଦେଇ ବୋହି ଯାଉଥିବା ପାଣିକୁ ପିଇବା ପାଇଁ ସଂଗ୍ରହ କରୁଛନ୍ତି। ଯେଉଁ କିଛି ନଳକୂପ ଭଲ ରହିଛି ସେଥିରୁ ପାଣି ନେବାକୁ ସକାଳୁ ସଂଜ ପର୍ଯ୍ୟନ୍ତ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ବିଡ଼ମ୍ବନା ହେଲା ଘାଟିରେ ଏମିତି କିଛି ଗାଁ ଅଛି ଯେଉଁଠି ପାଣିର କୌଣସି ଉତ୍ସ ନାହିଁ। ଯାହାର ଉଦାହରଣ ହେଲା ଦାନ୍ତିବଡ଼ା। ପ୍ରାୟ ଶହେ ପରିବାର ବସବାସ କରୁଥିବା ଏହି ଗାଁ ପାଇଁ ମାତ୍ର ଗୋଟିଏ ନଳକୂପ ରହିଛି। ସେଥିରୁ ଅଧିକାଂଶ ସମୟରେ ପାଣି ବାହାରୁନି। ତେଣୁ ଚୁଆ ଓ ଝରଣାରୁ ପାଣି ନେବାକୁ ପ୍ରତିଯୋଗିତା। ତାହା ବି ଶୁଖିବାରେ ଲାଗିଛି। ଖରା ବଢ଼ିଲେ ଏହି ପ୍ରାକୃତିକ ଜଳ ଉତ୍ସ ସଂପୂର୍ଣ୍ଣ ଶୁଖିଯିବ ବୋଲି କୁହାଯାଉଛି। ବର୍ଷ ବର୍ଷ ଧରି ଲାଗି ରହିଥିବା ଏହି ସମସ୍ୟା ବିଷୟରେ ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାନୀୟ ଜଳ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ ସୁଦ୍ଧା ବଣ୍ଡାଘାଟିରେ ପ୍ରତିବର୍ଷ ଜଳ ସଂକଟ ଦେଖିବାକୁ ମିଳୁଛି। ଅବହେଳିତ ଅଞ୍ଚଳକୁ ଏଯାଏ ପକ୍କା ରାସ୍ତା ନାହିଁ। ତେଣୁ ନଳକୂପ ଖନନ ଗାଡ଼ି ଯାଇପାରୁନି। କୂଅ ଖୋଳି ଜଳ ଯୋଗାଇ ଦେବାକୁ ବାରମ୍ବାର ପ୍ରତିଶ୍ରୁତି ଦେଇ ଜନଜାତିଙ୍କୁ ବାରମ୍ବାର ପ୍ରତାରିତ କରାଯାଉଛି। ବଣ୍ଡା ଉନ୍ନୟନ ସଂସ୍ଥା ଜନଜାତିଙ୍କ ବିକାଶ କଥା କହୁଥିଲା ବେଳେ ପାଣି ଯୋଗାଇ ଦେବାରେ ବିଫଳ ହୋଇଛି। ଆଗକୁ ଗ୍ରୀଷ୍ମର ପ୍ରକୋପ ବଢ଼ିଲେ ଜନଜାତି ପାଣି ମୁନ୍ଦାଏ ପାଇଁ ଦହଗଞ୍ଜ ହେବା ନିଶ୍ଚିତ। ପ୍ରଶାସନ ପକ୍ଷରୁ ଏବେଠାରୁ ମୁକାବିଲା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେଉ ବୋଲି ଦାବି ହୋଇଛି।

## ଅବୈଧ ଇଟାଭାଟି ଓ ଚୋରା ବାଲି ଚାଲାଣ ବିରୁଦ୍ଧରେ ଜିଲ୍ଲା ପ୍ରଶାସନର ଅବିରତ ଚଢାଉ ଜାରି



**କେନ୍ଦ୍ରାପଡା୩୦/୩(ନି.ପ୍ର):**ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲଘୁ ଖଣିଜ ପଦାର୍ଥ ଓ ବାଲିର ଅବୈଧ ଉଠାଣ ଓ ଚୋରା ଚାଲାଣ ଏବଂ ଅବୈଧ ଇଟା ଭାଟିର ନିର୍ମାଣକୁ ରୋକିବା ପାଇଁ ଉପ ଜିଲ୍ଲାପାଳ, ତହସିଲଦାର ଏବଂ ଆଇଆଇସିଙ୍କୁ ନେଇ ସାତ ଗୋଟି ଏନଫୋର୍ସମେନ୍ଟ ଟିମ ଗଠନ କରାଯାଇଥିଲା ଓ କେନ୍ଦ୍ରାପଡ଼ାଠାରେ ଅବସ୍ଥାପିତ ଖଣି ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରାପଡା, ଗରଦପୁର, ରାଜକନିକା ଏବଂ ମହାକାଳପଡ଼ା ତହସିଲ ଅନ୍ତର୍ଗତ ୧୯ ଗୋଟି ଇଟା ଭାଟି ଉପରେ ଚଢାଉ କରାଯାଇ ୩ ଗୋଟି ଟ୍ରାକ୍ଟର ଗରଦପୁର ତହସିଲରୁ ଜବତ କରାଯାଇଛି ଓ ଉପରୋକ୍ତ ଗାଡି ମଧ୍ୟରୁ ୧ ଗୋଟି ଟ୍ରାକ୍ଟରରୁ ମାଟି ଏବଂ ୨ ଗୋଟି ଟ୍ରାକ୍ଟରରୁ ବାଲି ଅବୈଧ ଚାଲାଣ ସମୟରେ ଜବତ କରାଯାଇଛି ଓ ଉପ-ଜିଲ୍ଲାପାଳ ଶ୍ରୀ ଅରୁଣ କୁମାର ନାୟକ ଏବଂ କେନ୍ଦ୍ରାପଡା ତହସିଲଦାର ଶ୍ରୀ ତାପସ ଦେହୁରୀଙ୍କ ନେତୃତ୍ୱରେ କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ଗରାପୁର ଆରଆଇ ସର୍କଲରେ ଥିବା ଇଟାଭାଟି ଉପରେ ମିଳିତ ଚଢାଉ କରାଯାଇଥିଲା ଓ ବିଗତ ୨୪ ଘଣ୍ଟା ମଧ୍ୟରେ ମୋଟ ୨,୪୭,୦୦୦ ଟଙ୍କା ଜୋରିମାନା ଆଦାୟ ହେବା ସହ ଆଜି ପର୍ଯ୍ୟନ୍ତ ସମୁଦାୟ ୭,୪୭,୦୦୦ ଟଙ୍କା ଜୋରିମାନା ଆକାରରେ ଆଦାୟ କରାଯାଇଛି ଓ ଚୋରା ଚାଲାଣ କାର୍ଯ୍ୟରୁ ବିରତ ନ ହେଲେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ସ୍ମୃତି ରଞ୍ଜନ ପ୍ରଧାନ ଚେତାବନୀ ଶୁଣାଇଛନ୍ତି ଓ ଜନସାଧାରଣ ଜିଲ୍ଲା ପ୍ରଶାସନକୁ ସାହାଯ୍ୟ ଓ ସହଯୋଗ କରିବେ ବୋଲି ଜିଲ୍ଲାପାଳ ଗଣମଧ୍ୟମର ପ୍ରତିନିଧିମାନଙ୍କ ମାଧ୍ୟମରେ ଆଶାବ୍ୟକ୍ତ କରିଛନ୍ତି।

# ସମୁଦ୍ରକୂଳ ବାଲିବନ୍ତ ସଫା କରିଦେଲେଣି ବାଲିମାଫିଆ

## ସହରକୁ ମାଡି ଆସିବ ସମୁଦ୍ର / ଚିନ୍ତାରେ ପରିବେଶବିତ୍

**ପୁରୀ,୩୦/୩(ନି.ପ୍ର) :** ସମୁଦ୍ରକୂଳେ ଓ ପୁରୀ ସହର ଚାରିପଟେ ପ୍ରାକୃତିକ ଉପାୟରେ ଗଢି ଉଠିଥିବା ବାଲିବନ୍ତ ଶେଷ ହେବାକୁ ବସିଲାଣି । କୋଣାର୍କ ଠାରୁ ବେଲେଶ୍ୱର, ନୂଆନଇ ଠାରୁ ଷ୍ଟର୍ଲିନ ମୁହାଣ ଠାରୁ ବାଲି ହରଚଣ୍ଡି ବନ୍ତ ପର୍ଯ୍ୟନ୍ତ ବାଲିମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି । ପ୍ରତିଦିନ ଦୁଇ ହଜାରରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ବାଲି ବୋହି ନେଉଥିବା ବିଭିନ୍ନ ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି । ଧର୍ମକୁ ଆଖିଠାର ପରି ବିଭିନ୍ନ ଥାନା ଅଞ୍ଚଳରେ ଗୋଟିଏ ଦୁଇଟି ଟ୍ରାକ୍ଟର ଜବତ କରି ପ୍ରଚାର ପ୍ରସାର କରୁଥିବା ଘଟଣା ପରିବେଶବିତ ନାପସନ୍ଦ କରିଛନ୍ତି । ମଙ୍ଗଳଘାଟ ବ୍ରିଜ ଠାରୁ ଷ୍ଟର୍ଲିନ ମୁହାଣ ପର୍ଯ୍ୟନ୍ତ ବାଲିକୁଦ ଆଉ ଦେଖିବାକୁ ମିଳୁନାହିଁ । ଷ୍ଟର୍ଲିନ ବ୍ରିଜ ଆଳରେ ପ୍ରାୟ ୫ ହଜାର ଟ୍ରକ ବାଲି ସଫା ହୋଇଯାଇଥିବା ଶୁଣିବାକୁ ମିଳୁଛି । ହୁଡ୍କୋ ରୋଡ ଦୁଇ ପାର୍ଶ୍ୱ ଓ ଗିରଳ ସ୍କୁଲ ପଛ ପଟ ରାସ୍ତାରେ ପ୍ରତିଦିନ ରାତିରେ ଶହ ଶହ ଟ୍ରାକ୍ଟର ବାଲି ଚୋରାଚାଲାଣ ହେଉଥିବା ଅଞ୍ଚଳବାସୀ କହୁଛନ୍ତି । ଆଇଟିଆଇ ଛକ ଠାରୁ ଭୂଦାନ ଛକ, ଭୂଦାନ ଛକ ଠାରୁ ନୂଆନଇ ପର୍ଯ୍ୟନ୍ତ ଜଙ୍ଗଲ ଭିତରୁ ଖାଲ କରି ବାଲି ବୋହି ନେଇ ଯିବା ଫଳରେ ସେଠାରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ଖଣି ଅଧିକାରୀ ଶୀତତାପ ନିୟନ୍ତ୍ରିତ ଘରେ ଜିଲ୍ଲାର ବିଭିନ୍ନ ଆଡେ ବାଲି ଚୋରି ରୋକିବାରେ ଅସମର୍ଥ ହେଉଥିବା ଅଭିଯୋଗ ହେଉଛି । ରାମଚଣ୍ଡୀ ଲିଆଖିଆ ବ୍ରିଜ ନିକଟରୁ ବାଲି ବୋହି ନେଇ ଯିବା ଫଳରେ ବ୍ରିଜ ଦୁର୍ବଳ ହେବା ସହ ନଦୀ ପାଣି ଜଙ୍ଗଲ ଭିତରକୁ ପ୍ରବେଶ କରୁଛି । ସଲା ସୁତରା ଓ ସାଲିସରେ ଚେକିଂ ଚାଲିଥିବାରୁ ବାଲିମାଫିଆ ମାନେ ଟ୍ରାକ୍ଟର ପ୍ରତି ବାଲି ଦର ବଢ଼ାଇ ଦେଲେଣି । ଏପରିକି ସମୁଦ୍ରକୂଳରୁ ମଧ୍ୟ ଅଖାରେ ବାଲି ଭର୍ତ୍ତି କରି ବିଭିନ୍ନ ଗୋଦାମରେ ଥିବା ନଦୀ ବାଲିରେ ମିଶିଯାଉଛି । ସମୁଦ୍ରକୂଳରୁ ବାଲିବନ୍ତ ଖୋଲା ଯିବାରୁ ସମୁଦ୍ରର ଉଚ୍ଚ ଜୁଆର ପୁରୀ ସହର ପ୍ରତି ବିପଦ ସୃଷ୍ଟି କରିବ ବୋଲି ପରିବେଶବିତ ମାନେ କହିଲେଣି । ତହସିଲ ଅଧିକାରୀ, ରାଜସ୍ୱ ନିରୀକ୍ଷକ, ଖଣି ଅଧିକାରୀ ଓ ପୋଲିସ ନୀରବଦ୍ରଷ୍ଟା ପାଲଟିବାରୁ ବାଲିମାଫିଆଙ୍କ ଉତ୍ପାତ ବଢିବାରେ ଲାଗିଛି । ଦୀପ ତଳ ଅନ୍ଧାର ପରି ବିଭିନ୍ନ ଥାନା ନିକଟରୁ ମଧ୍ୟ ବାଲି ଚୋରି ହେଉଥିବା ସ୍ଥାନୀୟ ଅଞ୍ଚଳବାସୀ କହୁଛନ୍ତି । ଏପରିକି କେତେକ ଟ୍ରାକ୍ଟର ର ଗାଡି ନମ୍ବର ନଥିବା ବେଳେ ଡ୍ରାଇଭରଙ୍କ ଡିଏଲ ନଥିବା ଅଭିଯୋଗ ହେଉଛି । କେବଳ ପ୍ରଚାର ପ୍ରସାର ପାଇଁ ବାଲି ଟ୍ରାକ୍ଟର ଜବତ କରାଯାଉଥିବା ବେଳେ ରାତିରେ ଅନେକ ଟ୍ରାକ୍ଟର ବୁଲୁଥିବା ଅଭିଯୋଗ ହେଉଛି । ଏଠାରେ ନିଯୋଜିତ ଖଣି ଅଧିକାରୀ ପୁରୀ ମହୁ ମିଠା ନୀତିରେ ଚୁପ ବସିଥିବା ଜନତା କହୁଛନ୍ତି । ସମୁଦ୍ରକୂଳ ଅଞ୍ଚଳରେ ବଡ ବଡ ହୋଟେଲ ନିର୍ମାଣ ଯୋଗୁ ସେଠାରୁ ଉତ୍ତୋଳନ ହେଉଥିବା ବାଲି ଯୋଗୁ ଭୂତଳରେ ଚାପ ସୃଷ୍ଟି ହେଉଛି । ସହରର ଚାରିପଟେ ହଜାର ହଜାର କୋଠାଘର ନିର୍ମାଣ ପାଇଁ ରାତାରାତି ହଜାର ହଜାର ଟ୍ରାକ୍ଟର ରଫ ବାଲି ବ୍ୟବହୃତ ହେଉଛି । ସେହି ରଫ ବାଲି କେଉଁଠୁ ଆସୁଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଭିନ୍ନ ଥାନା ଅଞ୍ଚଳରେ ବାଲି ଚୋରାଚାଲାଣ ରୋକା ନଗଲେ ପୁରୀ ପ୍ରତି ମହାବିପତ ସୃଷ୍ଟି ହେବ ବୋଲି ପରିବେଶବିତ୍ ଭବିଷ୍ୟବାଣୀ କଲେଣି ।



## ଦୁଇ ଦିନିଆ ସିକିଲ୍ ସେଲ୍ ଆନିମିଆ ଓ ଥାଲାସେମିଆ ରୋଗ ସମ୍ପର୍କିତ ଜାତୀୟ ସମ୍ମିଳନୀ ଉଦଯାପିତ




**ଭୁବନେଶ୍ୱର, ୩୦/୩(ନି.ପ୍ର)** ସଫଳତାର ସହ ଶେଷ ହୋଇଛି ଦୁଇ ଦିନିଆ ଜାତୀୟ କର୍ମଶାଳା । 'ସିକିଲ୍ ସେଲ୍ ଏବଂ ଥାଲାସେମିଆ ନିରାକରଣ: ବେଷ୍ଟ୍ ପ୍ରାକ୍ଟିସ୍ ଓ ସ୍କେଲେବଲ୍ ଷ୍ଟ୍ରାଟେଜୀ' ବିଷୟବସ୍ତୁକୁ ନେଇ ଦୁଇ ଦିନିଆ ଜାତୀୟ କର୍ମଶାଳା ମେଫେୟାର କନଭେନସନ୍ ଠାରେ ଆୟୋଜିତ ହୋଇଯାଇଛି । ଉଦଯାପନୀ କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀଯୁକ୍ତ ସଞ୍ଜୀବ କୁମାର ମିଶ୍ର, ଅନୁସୂଚିତ ଜାତି ନିର୍ଦ୍ଦେଶକ ଡ଼ ପୋମା ଟୁଡୁ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ଉପ ଶାସନ ସଚିବ ଡ଼ ରାଜି ଏନ.ଏସ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଏମଡ଼ି ଡ଼ ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୩୦୦ ରୁ ଅଧିକ ଅଂଶଗ୍ରହଣକାରୀ ଭାଗ ନେଇଛନ୍ତି । ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ, ଅନ୍ତର୍ଜାତୀୟ ପ୍ରତିନିଧି, ଚିକିତ୍ସା ବିଶେଷଜ୍ଞ, ୟୁଏନଡିପି, ୟୁନିସେଫ୍, ଆଇଏସଏଚବିଟିର ପ୍ରତିନିଧି ଏବଂ ୧୦ ଟି ସିକିଲସେଲ ପ୍ରଭାବିତ ରାଜ୍ୟର ଜନଜାତି କଲ୍ୟାଣ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧିମାନେ ମଧ ଯୋଗ ଦେଇଥିଲେ । ସିକିଲ୍ ସେଲ୍ ରୋଗ ନିରାକରଣ, ଚିକିତ୍ସା ଏବଂ ପରିଚାଳନାରେ ଅଗ୍ରଗତି, ଜାତୀୟ ସିକିଲ୍ ସେଲ୍ ରୋଗ ଦୂରୀକରଣ କାର୍ଯ୍ୟକ୍ରମକୁ ବ୍ୟାପକ ଓ ପରିବର୍ତ୍ତନ କରିବା, ସାମାଜିକ-ଆଚରଣ ପରିବର୍ତ୍ତନ ଏବଂ ବହୁମୁଖି ପଦକ୍ଷେପ ଗ୍ରହଣ, ସିକିଲ୍ ସେଲ୍ ରୋଗ ପରିଚାଳନାରେ ସମ୍ମୁଖିନ ହେଉଥିବା ବିଭିନ୍ନ ଆହ୍ୱାନ, ଭାରତରେ ସିକିଲ୍ ସେଲ୍ ରୋଗ କାର୍ଯ୍ୟକ୍ରମ ପାଇଁ ଭବିଷ୍ୟତ ନିର୍ଣ୍ଣୟ ଆଦି ସମ୍ପର୍କରେ ଦୁଇ ଦିନ ଧରି ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଦୁଇ ଦିନିଆ କର୍ମଶାଳାରେ ଗ୍ଲୋବାଲ୍ ସିକିଲ୍ ସେଲ୍ ଡିଜିଜ୍ ନେଟୱାର୍କର ପ୍ରତିଷ୍ଠାତା ତଥା ଟୋରୋଣ୍ଟ ବିଶ୍ୱବିଦ୍ୟାଳୟର ହେମାଟୋଲୋଜି ବିଭାଗର ନିର୍ଦ୍ଦେଶକ ପ୍ରଫେସର ଆଇଜାକ୍ ଓଡ଼ାମେ ଉପସ୍ଥିତ ରହି ସିକିଲ୍ ସେଲ୍ ଆନିମିଆର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ । ସେହିପରି ଦୁଇ ଦିବସୀୟ ଆଲୋଚନାରେ ନାଗପୁରରୁ ପ୍ରଫେସର ଦିପ୍ତି ଜୈନ, କୋଲକାତାରୁ ପ୍ରଫେସର ମୈତ୍ରୀ ଭଟ୍ଟାଚାର୍ଯ୍ୟ, କାର୍ଲିପର୍ଣ୍ଣିଆସ୍ଥିତ ଲୋମା ଲିଣ୍ଡା ବିଶ୍ୱବିଦ୍ୟାଳୟର ସିକିଲ୍ ସେଲ୍ କାର୍ଯ୍ୟକ୍ରମ ନିର୍ଦ୍ଦେଶ ପ୍ରଫେସର ଅକ୍ଷତ ଜୈନ, ଏମ୍ସ ଦିଲ୍ଲୀର ପ୍ରଫେସର ତୁଳିକା ସେଠ୍, ଜେଏନୟୁର ସହକାରୀ ପ୍ରାଧାପକ ପ୍ରଫେସର ସୁନିତା ରେଡ୍ଡି, ଆଇସିଏମଆରର ରିସର୍ଚ୍ଚ ଡିଭିଜନର ମୁଖ୍ୟ ଡ଼ ବୋନ୍ଥା ଭି ବାବୁ, କୋଲକାତାସ୍ଥିତ ଏନଆରଏସ୍ ମେଡିକାଲ୍ କଲେଜର ମୁଖ୍ୟ ପ୍ରଫେସର ଟି.କେ ଦଳାଇ, ଥାଲାସେମିକ୍ ର ସଚିବ ଶୋଭା ଟୁଲି, ୟୁନିସେଫ୍ ଓ ଏନଆଇସିର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସିକିଲ୍ ସେଲ୍ ଆନିମିଆ ଓ ଥାଲାସେମିଆର ପ୍ରମୁଖ ସମସ୍ୟା, ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହ ବିଭିନ୍ନ ରାଜ୍ୟରୁ ଆସିଥିବା କିଛି ସିକିଲ୍ ସେଲ୍ ରୋଗୀ ଅନୁଭୂତି ବାଣ୍ଟିଥିଲେ ।

## ବୟନିକାର ୩୮ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

### ବୁଣାକାରଙ୍କ ବିକାଶ ପାଇଁ ବୟନିକା ସମର୍ପିତ: ମୁଖ୍ୟ ଅତିଥି



**ଭୁବନେଶ୍ୱର, ୩୦/୩(ନି.ପ୍ର)** ବୁଣାକାରଙ୍କ ଆର୍ଥିକ ବିକାଶ ପାଇଁ ବୟନିକା ସମ୍ପୂର୍ଣ୍ଣ ସମର୍ପିତ ଓ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର । ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ (ବୟନିକା)ର ୩୮ତମ ବାର୍ଷିକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଏହା କହିଛନ୍ତି । ସ୍ଥାନୀୟ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ ସଭାଗୃହରେ ସମିତି ସଭାପତି ପ୍ରକାଶ ଚନ୍ଦ୍ର ମେହେର ଅଧକ୍ଷତାରେ ଆଜି ବାର୍ଷିକ ସାଧାରଣ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ପରିଚାଳନା ପରିଷଦର କର୍ମକର୍ତ୍ତା ଓ ସଭ୍ୟସଭ୍ୟା, ୨୭୧୮ଟି ସଭ୍ୟ ସମିତିର ପ୍ରତିନିଧିମାନେ ଯୋଗ ଦେଇଥିଲେ । ବୁଣାକାରଙ୍କ ଆର୍ଥିକ ସମୃଦ୍ଧି ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ ଯୋଜନା ଓ ପଦକ୍ଷେପ ସମ୍ପର୍କରେ ବୟନ ଶିଳ୍ପ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ କହିଥିଲେ । ଗ୍ରାହକଙ୍କ ରୁଚିକୁ ପ୍ରାଥମିକତା ଦେଇ ନୂଆ ନୂଆ ଡିଜାଇନ୍‌ରେ ଲୁଗା ବୁଣିବା ପାଇଁ ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ନିଜ ଅଭିଭାଷଣରେ ବୁଣାକାରଙ୍କୁ ପ୍ରେରିତ କରିଥିଲେ । ଅଧିକରୁ ଅଧିକ ବ୍ୟବସାୟ ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୟନ ଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦୀ ସଭାରେ ଅବଗତ କରାଇଥିଲେ । ପରିଚାଳନା ପରିଷଦର ସଭ୍ୟ ଶ୍ରୀଧର ବେହେରା ଓ ଶେଷ କୁମାର ମେହେର ବୟନିକାର ଆଭିମୁଖ୍ୟ ବିଷୟରେ ଉପସ୍ଥାପନ କରିଥିଲେ । ବୁଣାକାରମାନଙ୍କର ଜୀବନ-ଜୀବିକାରେ ଉନ୍ନତି ସହ ବ୍ୟବସାୟିକ ରଣନୀତି, ଅଧିକ ଷ୍ଟୋର୍ ଖୋଲିବା, ଡିଜାଇନର୍ ବଜାର, ରପ୍ତାନୀରେ ବୃଦ୍ଧି ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଆଗାମୀ ବର୍ଷ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଖସଡା ପ୍ରସ୍ତୁତ କରିବାକୁ ମତ ପ୍ରକାଶ ପାଇଥିଲା । ସମିତି ସଭାପତି ପ୍ରକାଶ ଚନ୍ଦ୍ର ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବୟନିକାର ସାଧାରଣ ପରିଚାଳକ ତଥା ସମ୍ପାଦକ ଡକ୍ଟର ସୁଷମା ବାରିକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜେ ଏସ ଡ ବ୍ଲୁ ପ୍ରକଳ୍ପ ପରିସରରେ ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ଉଦଯାପିତ

**ପାରାଦୀପ, ୩୦/୩(ନି.ପ୍ର):** ପାରାଦୀପ ସ୍ଥିତ ଜେ ଏସ ଡ ବ୍ଲୁ ପକ୍ଷରୁ ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ପ୍ରକଳ୍ପ ପରିସରରେ ଆୟୋଜିତ ଏକ ସମାରୋହରେ କମ୍ପାନୀର ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇ ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକ, କର୍ମଚାରୀ, ଅଧିକାରୀ ମାନେ ନିଜ ନିଜର ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। କାରଣ ନିଜର ଜୀବନ ସୁରକ୍ଷା ନିଜ ପରିବାର ପାଇଁ ଯଥେଷ୍ଟ ମୂଲ୍ୟବାନ ବୋଲି କହିଥିଲେ। ଏହି ଅବସରରେ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ଭାଷାରେ ସ୍ଲୋଗାନ ଲିଖନ, ପ୍ରବନ୍ଧ ଲିଖନ, କୁଇଜ୍ ପ୍ରତିଯୋଗିତା, ପୋଷ୍ଟର ଅଙ୍କିବା, ସହିତ ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା କରାଯାଇଥିଲା।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ